


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୦ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 20 MAY 2021
Vol.No. 32 ■ No. 128 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ
ରଥ ସଂଖ୍ୟା .....
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବଙ୍ଗୋପସାଗରରୁ ଆସୁଛି ବାତ୍ୟା 'ୟଶ୍'

## ୨୨ରେ ଲଘୁଚାପ, ୨୬ରେ ବାତ୍ୟାର ରୂପ ନେଇ ଉପକୂଳ ଆଡକୁ ମୁହାଁଇବ



ଭୁବନେଶ୍ୱର,୧୯/୦୫(ନି.ପ୍ର): ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ତିନି ଦିନ ପରେ ସୃଷ୍ଟି ହେବାକୁ ଯାଉଥିବା ଲଘୁଚାପ କ'ଣ ରୂପ ନେବ, କୁଆଡେ ଗତି କରିବ ଏବଂ କେଉଁଠି ଲ୍ୟାଣ୍ଡଫଲ କରିବ ତାକୁ ନେଇ ଏବେ ଚର୍ଚ୍ଚା । ୱିଣ୍ଡି-ଡଟ୍-କମର ଆକଳନ ଯଦି ଠିକ୍ ହୁଏ ତେବେ ମେ ୨୩ ତାରିଖରେ ଲଘୁଚାପ ଘନୀଭୂତ ହେବା ଆରମ୍ଭ କରିବ ଏବଂ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ନିକଟସ୍ଥ ଉତ୍ତର ଆଣ୍ଡାମାନ ସାଗରରେ ଏହିଭଳି ଦୃଶ୍ୟମାନ ହେବ । ମେ ୨୪ ତାରିଖରେ ଏହି ଲଘୁଚାପ ବାତ୍ୟା ରୂପରେ ଅଧିକ ଘନିଭୂତ ହେବାର ସମ୍ଭାବନା ରହିଛି । ଏହାପରେ ଏହା ଉତ୍ତର ପଶ୍ଚିମ ଦିଗକୁ ଗତି କରିବ । ମେ ୨୬ ତାରିଖରେ ଏହି ବାତ୍ୟା ଓଡିଶା ଉପକୂଳର ନିକଟବର୍ତ୍ତି ହେବ । ପାରାଦ୍ୱୀପ ଓ ଚାନ୍ଦବାଲି ମଧ୍ୟବର୍ତ୍ତୀର୍ ଅଂଚଳରେ ବାତ୍ୟାର ପ୍ରଭାବ ଆରମ୍ଭ ହୋଇଯିବ । ୱିଣ୍ଡି-ଡଟ୍-କମର ଆକଳନ ଅନୁସାରେ ଏହା ଚାନ୍ଦବାଲି, ବାଲେଶ୍ୱର ଓ ଦୀଘା ମଧ୍ୟରେ ଲ୍ୟାଣ୍ଡଫଲ କରିବାର ସମ୍ଭାବନା ରହିଛି ଏବଂ ୨୬ ତାରିଖ ରାତି ୧୧ଟା ପରଠାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇପାରେ । ମେ ୨୭ ତାରିଖ ସକାଳ ୫ଟା ବେଳକୁ ଏମାନଙ୍କର ଆକଳନ ଅନୁସାରେ ବାତ୍ୟାର ଆଖି ସ୍ଥଳଭାଗ ଅତିକ୍ରମ କରି ସାରିଥିବ ଏବଂ ବେତନଟି ଓ ବାରିପଦା ଦେଇ ଗତି କରିଯିବ । ସେପଟେ ଭାରତୀୟ ପାଣିପାଗ ବିଭାଗ କହିଛି, ୨୨ ରୁ ୨୫ ମଧ୍ୟରେ ଏହା ବାତ୍ୟାର ରୂପ ନେଇ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବ ଏବଂ ୨୬ ତାରିଖ ସନ୍ଧ୍ୟା ବେଳକୁ ଉତ୍ତର ବଙ୍ଗୋପସାଗର ଦେଇ ଓଡିଶା ଓ ପଶ୍ଚିମବଙ୍ଗ ଉପକୂଳ ଅଂଚଳରେ ଲ୍ୟାଣ୍ଡଫଲ କରିପାରେ । ସେପଟେ ପାଣିପାଗ ବିଶେଷଜ୍ଞ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ବାତ୍ୟା ପଶ୍ଚିମବଙ୍ଗ. ବାଂଲାଦେଶ କିମ୍ବା ଓଡିଶାରେ ଲ୍ୟାଣ୍ଡଫଲ କରିପାରେ । ତେବେ ବାତ୍ୟାର ଆନୁମାନିକ ଗତିପଥ ଏବଂ ପ୍ରକୃତରେ ଏହା କେଉଁ ଦିଗରେ ଗତି କରିବ, ତା ଉପରେ ସମସ୍ତେ ନଜର ରଖିଛନ୍ତି ।

## ରାଜ୍ୟରେ ଡ୍ରାଇଭ୍-ଇନ୍ ଟିକାକରଣ ବନ୍ଦ କରିବାକୁ ନିଷ୍ପତ୍ତି

ଭୁବନେଶ୍ୱର,୧୯/୦୫ (ନି.ପ୍ର): ରାଜ୍ୟରେ ବନ୍ଦ ହେବ ଡ୍ରାଇଭ୍-ଇନ୍ ଟିକାକରଣ । ଏନେଇ ଆଜି ସ୍ୱାସ୍ଥ୍ୟ ବିଭାଗର ଏସିଏସ୍ ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିଶନରଙ୍କୁ ଚିଠି ଲେଖି ଜଣାଇଛନ୍ତି । ଚିଠିରେ ଲେଖାଥିବା ସୂଚନା ମୁତାବକ, ଏହି ଡ୍ରାଇଭ୍-ଇନ୍ ଟିକାକରଣ କୋଭିଡ୍ ଟିକାକରଣ ନିୟମ ଉଲ୍ଲଘଂନ କରୁଥିବାରୁ ଏହାକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି । ନିୟମ ମୁତାବକ, କୋଭିଡ୍ ଟିକାକରଣ ସମୟରେ ପର୍ଯ୍ୟାପ୍ତ ଜାଗା, ଭ୍ୟାକ୍ସିନେସନ ରୁମ୍ ଏବଂ ଅପେକ୍ଷା ପାଇଁ ସ୍ୱତନ୍ତ୍ର କକ୍ଷ ରହିବା ଆବଶ୍ୟକ । ହେଲେ ଡ୍ରାଇଭ୍-ଇନ୍ ଭ୍ୟାକ୍ସିନେସନ ହେଲେ ଏହି ନିୟମର ଉଲ୍ଲଘଂନ ହେଉଛି । କିଛି ସ୍ଥାନରେ ଲୋକମାନେ ଅଧ ଘଣ୍ଟା ପାଇଁ ଅପେକ୍ଷା ନକରି ଚାଲି ଯାଉଥିବା ମଧ ଦେଖିବାକୁ ମିଳୁଛି ।

## କରୋନା ପରେ ଦିଲ୍ଲୀକୁ ଡରାଇଲାଣି ବ୍ଲାକ ଫଙ୍ଗସ୍

## ମେକ୍ସ ହସ୍ପିଟାଲ ଓ ଏମ୍ସରେ ୪୫ ରୋଗୀ ଚିହ୍ନଟ



ଭୁବନେଶ୍ୱର,୧୯/୦୫(ନି.ପ୍ର): କରୋନା ସଂକ୍ରମଣର ଦ୍ୱିତୀୟ ଲହରରେ ବେହାଲା ହୋଇପଡିଥିବା ଦିଲ୍ଲୀରେ ଏବେ ବ୍ଲାକ ଫଙ୍ଗସ ସଂକ୍ରମଣ ବଢିବାରେ ଲାଗିଛି । ଦିଲ୍ଲୀର ମେକ୍ସ ହସ୍ପିଟାଲ ଓ ଏମ୍ସରେ ୪୫ ଜଣ ବ୍ଲାକ ଫଙ୍ଗସ୍ ରୋଗୀ ଚିହ୍ନଟ ହୋଇଥିବା ବେଳେ ମୂଳଚନ୍ଦ ହସ୍ପିଟାଲରେ ଜଣେ ବ୍ଲାକ ଫଙ୍ଗସର ରୋଗୀଙ୍କର ମୃତ୍ୟୁ ହୋଇଛି । ମୂଳଚନ୍ଦ ହସ୍ପିଟାଲର ବରିଷ୍ଠ ଡାକ୍ତର ଭଗବାନଙ୍କ କହିବା ମୁତାବକ ମେରଠରେ ରହୁଥିବା ୩୭ ବର୍ଷୀୟ ଜଣେ ବ୍ୟକ୍ତି କରୋନାରେ ସଂକ୍ରମିତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ସେ ମଧୁମେହ ରୋଗରେ ପିଡୀତ ଥିଲେ । ମେଡିକାଲରେ କିଛିଦିନ ଚିକିତ୍ସା ପରେ ତାଙ୍କୁ ବ୍ଲାକ ଫଙ୍ଗସ ସଂକ୍ରମଣ ହୋଇଥିବା ଜଣାପଡିଥିଲା । ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ଆଜି ମୃତ୍ୟୁ ହୋଇଛି । ମୂଳଚନ୍ଦ ହସ୍ପିଟାଲ ବ୍ୟତୀତ ଦିଲ୍ଲୀର ଅନେକ ହସ୍ପିଟାଲରେ ଏବେ ବ୍ଲାକ ଫଙ୍ଗସ ରୋଗୀ ଚିହ୍ନଟ ହୋଇଛନ୍ତି । ସରଗଙ୍ଗାରାମ ହସ୍ପିଟାଲରେ ୪୦, ମେକ୍ସ ହସ୍ପିଟାଲରେ ୨୫ ଏମ୍ସରେ ୧୫ ଜଣ ରୋଗୀ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଅନ୍ୟପଟେ ବ୍ଲାକ ଫଙ୍ଗସ ସଂକ୍ରମିତଙ୍କ ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିବା ଔଷଧ ଏବେ ହଠାତ ବଜାରରେ ଅଭାବ ହେଉଛି । ଏହାର କଳାବଜାରୀ ହେଉଥିବା ବି କିଛି ସ୍ଥାନରୁ ସୂଚନା ମିଳିଛି ।

## ପରବର୍ତ୍ତୀ ନୋଟିସ୍ ପର୍ଯ୍ୟନ୍ତ ବନ୍ଦ ରହିବ ମୋ ବସ୍ ସେବା

ଭୁବନେଶ୍ୱର,୧୯/୦୫ (ନି.ପ୍ର): ରାଜ୍ୟରେ ଲକ୍‌ଡାଉନ୍ ଅବଧି ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇବା ଫଳରେ ଏହି ସମୟ ମଧ୍ୟରେ ବସ୍ ଚଳାଚଳ ବନ୍ଦ ରହିବ ବୋଲି ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ଏହି କ୍ରମରେ ମୋ ବସ୍‌ର ନିୟମିତ ସେବା ମଧ ବନ୍ଦ ରହିବ। କ୍ୟାପିଟାଲ୍ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ କୁହାଯାଇଛି ଯେ ବର୍ଦ୍ଧିତ ଲକ୍‌ଡାଉନ୍ ରେ 'ମୋ ବସ୍'ର ନିୟମିତ ସେବା ପରବର୍ତ୍ତୀ ନୋଟିସ୍ ପର୍ଯ୍ୟନ୍ତ ବନ୍ଦ ରହିବ। ତେବେ ରେଳ ଷ୍ଟେସନରୁ କଟକ ଓ ଖୋର୍ଦ୍ଧାକୁ 'ମୋ ବସ୍' ଚାଲିବ। ସେହିପରି ବିମାନ ବନ୍ଦରରୁ ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ସଟଲ୍ ସର୍ଭିସ୍ ଜାରି ରହିବ ବୋଲି କ୍ରୁଟ୍ ପକ୍ଷରୁ କୁହାଯାଇଛି।

## ସାମୁଦ୍ରିକ ଝଡ ତୌକତେରେ ହୋଇଥିବା କ୍ଷୟକ୍ଷତିର ଆକଳନ ପାଇଁ ଗୁଜୁରାଟ ପହଂଚିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି



ଗୁଜୁରାଟ,୧୯/୦୫: ସାମୁଦ୍ରିକ ଝଡ ତୌକତେ ପ୍ରଭାବରେ ଗୁଜୁରାଟରେ ହୋଇଥିବା କ୍ଷୟକ୍ଷତିର ଆକଳନ ପାଇଁ ଗୁଜୁରାଟରେ ପହଂଚିଛନ୍ତି ପ୍ରଧାନମନ୍ତ୍ରୀ । ସେ ବୁଧବାର ଦିନ ଗୁଜୁରାଟର ଭାବନଗର ଠାରେ ପହଂଚିଛନ୍ତି । ସେଠାରେ ତାଙ୍କର ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ ତାଙ୍କର ସ୍ୱାଗତ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଟ୍ୱିଟ୍ ମୁତାବକ ସେ ପ୍ରଭାବିତ ଅମରେଲି, ଗିର ସୋମନାଥ ଓ ଭାବାନଗର ଜିଲ୍ଲା ଗୁଡିକରେ ହୋଇଥିବା କ୍ଷତି ଉଡାଜାହଜରେ ବସ ଅନୁଧ୍ୟାନ କରିବେ । ଏହାସହ ସେ ଅହମଦାବାଦରେ ଏକ ବୈଠକ କରିବେ । ସେଠାରେ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ, ଉପମୁଖ୍ୟମନ୍ତ୍ରୀ ନୀତିନ ପଟେଲ ଓ ରାଜ୍ୟ ସରକାରଙ୍କର ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ରହିବେ । କହିରଖୁ କି ସାମୁଦ୍ରିକ ଝଡ ତୌକତେ ପ୍ରଭାବରେ ଗୁଜୁରାଟର ଉପକୂଳବର୍ତ୍ତି ଅଞ୍ଚଳ ମାନଙ୍କରେ ବିଶେଷ କ୍ଷୟ କ୍ଷତି ହୋଇଛି । ବିଜୁଳି ଖୁଣ୍ଟ ଗୁଡିକ ଉପୁଡି ପଡିବା ସହ ରାସ୍ତାଘାଟ ଧୋଇ ହୋଇଯାଇଛି । ଏହାସହ ଅନେକ ଘର ଭାଙ୍ଗିଛି । ଅନ୍ୟପଟେ ସାମୁଦ୍ରିକ ଝଡ ପ୍ରଭାବରେ ରାଜ୍ୟରେ ୧୩ ଜଣଙ୍କର ମୃତ୍ୟୁ ହୋଇଛି ।

▶▶ପୃଷ୍ଠା ୭

## ପଶ୍ଚିମବଙ୍ଗର ବର୍ନପୁରରେ ୨୦୦ ବେଡ୍ ବିଶିଷ୍ଟ କୋଭିଡ୍ ସେଂଟରର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର,୧୯/୦୫ (ନି.ପ୍ର): ଦେଶର ଇସ୍ପାତ୍ କାରଖାନ ଗୁଡିକ ଇସ୍ପାତ୍ ଉତ୍ପାଦନ ସହ ଦେଶର ଅକ୍ସିଜେନ୍ ଆବଶ୍ୟକତା ପୂରଣ କରୁଛନ୍ତି ବୋଲି ବୁଧବାର ନୂଆଦିଲ୍ଲୀରୁ ଭିଡ଼ିଓ କନଫରେନ୍ସିଂ ଜରିଆରେ ପଶ୍ଚିମବଙ୍ଗର ବର୍ନପୁର ଠାରେ ସେଲର ଇସ୍କୋ ଇସ୍ପାତ୍ କାରଖାନା ଦ୍ୱାରା ନିର୍ମିତ ଅକ୍ସିଜେନ୍ ସଂଯୁକ୍ତ ୨୦୦ ବେଡ ବିଶିଷ୍ଟ କୋଭିଡ୍ କେୟାର ସେଂଟରର ଲୋକାର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ବର୍ନପୁର ଠାରେ ସେଲର ଇସ୍କୋ ଷ୍ଟିଲ ଦ୍ୱାରା ୫୦୦ ଶଯ୍ୟା ବିଶିଷ୍ଟ ବୃହତ କୋଭିଡ୍ କେୟାର ସେଂଟରରେ ପ୍ରଥମ ପର୍ଯ୍ୟାୟରେ ୨୦୦ଟି ବେଡ୍ ପ୍ରତିଷ୍ଠା ହୋଇଛି। ଖୁବ ଶୀଘ୍ର ଅଧିକ ୩୦୦ କୋଭିଡ୍ ବେଡର ବ୍ୟବସ୍ଥା କରାଯାଉଛି । ବର୍ନପୁରର ଏହି କୋଭିଡ କେୟାରରେ ସେଲ୍ ଦ୍ୱାରା ଗ୍ୟାସୀୟସ ଅକ୍ସିଜେନ, ପାନୀୟ ଜଳ ଯୋଗାଇବା ସହ ବିଦ୍ୟୁତିକରଣର ବ୍ୟବସ୍ଥା କରାଯାଇଛି। ଏହା ଦ୍ୱାରା ପଶ୍ଚିମବଙ୍ଗର ବର୍ନପୁର ଏବଂ ପଶ୍ଚିମବଙ୍ଗର ବର୍ଦ୍ଧମାନ କ୍ଷେତ୍ରର ସ୍ଥାନୀୟ ଲୋକମାନେ ଉପକୃତ ହୋଇପାରିବେ।

▶▶ପୃଷ୍ଠା ୭

## ଓଲଟିଲା ଗ୍ୟାସ ଟ୍ୟାଙ୍କର : ଡ୍ରାଇଭର ମୃତ, ଚାପି ହୋଇ ରହିଛନ୍ତି ହେଲପର



ଭୁବନେଶ୍ୱର,୧୯/୦୫(ନି.ପ୍ର): କୋରାପୁଟ ଘାଟିରେ ଭାରସାମ୍ୟ ହରାଇ ଓଲଟିଲା ଗ୍ୟାସ ଟ୍ୟାଙ୍କର । ଫଳରେ ଘାଟି ତଳକୁ ଖସିପଡିଛି ଗାଡି । ଆଉ ଟ୍ୟାଙ୍କରଠାରୁ ଅଲଗା ହୋଇଯାଇଛି ଇଞ୍ଜିନ । ଘଟଣାରେ ଡ୍ରାଇଭର ପ୍ରାଣ ହରାଇଥିବାବେଳେ ହେଲପରଙ୍କର ପତ୍ତା ମିଳୁନାହିଁ । ଟ୍ୟାଙ୍କରରୁ ଗ୍ୟାସ ନିର୍ଗତ ହେଉଥିବାରୁ ସଂପୃକ୍ତ ଅଞ୍ଚଳକୁ ଘେରାବନ୍ଦୀ କରି ଯାତାୟତ ବନ୍ଦ ରଖିଛି ପୁଲିସ । ଅଧ କିଲୋମିଟର ଯାଏଁ ମୋବାଇଲ ଫୋନ ଓ କୌଣସି ବ୍ୟକ୍ତି ଯିବା ଆସିବା ଉପରେ କଟକଣା ଜାରି କରାଯାଇଛି । ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ହିନ୍ଦୁସ୍ତାନ ପେଟ୍ରୋଲିୟମର ଏହି ଟ୍ୟାଙ୍କର ବିଶାଖାପାଟଣାରୁ ରାୟପୁର ଯାଉଥିଲା । ତେବେ କୋରାପୁଟ ଘାଟିରେ ଭାରସାମ୍ୟ ହରାଇ ଟ୍ୟାଙ୍କରଟି ତଳକୁ ଖସିପଡିଥିଲା । ବିଶାଖାପଟଣାରୁ କମ୍ପାନୀର ଏକ ଟିମ ଘଟଣାସ୍ଥଳକୁ ଯାଉଛି । ସେମାନେ ଘଟଣାସ୍ଥଳରେ ପଂହଚିବା ପରେ ଟ୍ୟାଙ୍କରର ଗ୍ୟାସ ଖାଲି କରାଯିବ । ପରେ ଟ୍ୟାଙ୍କରକୁ ଉପରକୁ ଅଣାଯିବ ।

## କାଲିଠୁ ପୁଣି ଟିକାକରଣ ଆରମ୍ଭ

ଭୁବନେଶ୍ୱର,୧୯/୦୫(ନି.ପ୍ର): ଭୁବନେଶ୍ୱରରେ ଆସନ୍ତାକାଲି (ଗୁରୁବାର)ଠାରୁ ପୁଣି ଥରେ ଟିକାକରଣ ଆରମ୍ଭ ହେବ। ଏଥିପାଇଁ ଆଜି (ବୁଧବାର) ସଂଧ୍ୟା ୬ଟାରୁ ସ୍ଲଟ୍ ବୁକିଂ ଆରମ୍ଭ ହୋଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଟୁଇଟ୍ ଜରିଆରେ ଏହି ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ୧୮ରୁ ୪୪ ବର୍ଷ ଏବଂ ୪୫ ବର୍ଷରୁ ଉର୍ଦ୍ଧ ବର୍ଗଙ୍କ ପାଇଁ ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ୨୦ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଟିକାକରଣ କରାଯିବ। ୧୮ରୁ ୪୪ ବର୍ଷ ବର୍ଗପାଇଁ ଟିକାକରଣ ସମୟ ସକାଳ ୮ଟା ୩୦ରୁ ଅପରାହ୍ନ ୧ଟା ଏବଂ ୪୫ ବର୍ଷରୁ ଉର୍ଦ୍ଧ୍ୱ ବର୍ଗଙ୍କ ପାଇଁ ଅପରାହ୍ନ ୩ଟାରୁ ୬ ଟା ସମୟ ଧାର୍ଯ୍ୟ କରାଯାଇଛି। ସ୍ଲଟ୍ ବୁକିଂ ଓ ଆପୋଂଟମେଂଟ ସ୍ଲିପ୍ ବିନା ଟିକାଦାନ କେନ୍ଦ୍ରକୁ ନଆସିବାକୁ ବିଏମସି ଅନୁରୋଧ କରିଛି।

### ସରକାରଙ୍କୁ ଆଇଏମଏ ଅଧ୍ୟକ୍ଷଙ୍କ ପରାମର୍ଶ

## କରୋନାର ତୃତୀୟ ଲହରରୁ ରକ୍ଷା ପାଇବାକୁ ହେଲେ ଘର ଘର ବୋଲି କରିବାକୁ ପଡିବ ଟିକାକରଣ




ଭୁବନେଶ୍ୱର,୧୯/୦୫(ନି.ପ୍ର): ଭାରତରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଏବେ ଜାରି ରହିଛି । ଏହାରି ମଧ୍ୟରେ ଦେଶରେ ଦୈନିକ ସଂକ୍ରମଣ କମୁଥିବା ବେଳେ ସଂକ୍ରମଣରେ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏନେଇ ବିଶେଷଜ୍ଞମାନେ କରୋନାର ତୃତୀୟ ଲହରକୁ ନେଇ ଦେଶବାସୀ ତଥା ସରକାରଙ୍କୁ ସଚେତନ କରିବାରେ ଲାଗିଛନ୍ତି । ଏହି ପରିପେକ୍ଷୀରେ ଇଣ୍ଡିଆନ ମେଡିକାଲ ଆସୋସିଏସନ (ଆଇଏମଏ) ର ଅଧ୍ୟକ୍ଷ ଡ.ଜିଏ ଜୟାଲାଲ୍ ତୃତୀୟ ଲହରରୁ ରକ୍ଷା ପାଇବାକୁ କିଛି ମହତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି । ଡ.ଜିଏ ଜୟାଲାଲ୍ କହିଛନ୍ତି କି କରୋନା ବିରୋଧରେ ଆଗକୁ ବଢିବାର

▶▶ପୃଷ୍ଠା ୭

## ୨୪ରୁ ଘରକୁ ଘର କୋଭିଡ୍ ସର୍ଭେ ପାଇଁ ଆକ୍ସନ୍ ପ୍ଲାନ୍

ଭୁବନେଶ୍ୱର,୧୯/୦୫ (ନି.ପ୍ର): କୋଭିଡ୍ ପରିଚାଳନା ପାଇଁ ଆଶାକର୍ମୀମାନଙ୍କୁ ୧୦ ହଜାର ଟଙ୍କା ମିଳିବ। ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ କରିଥିବା ଘୋଷଣା ଅନୁଯାୟୀ ଆଶାକର୍ମୀମାନଙ୍କୁ ଏକକାଳୀନ ଏହି ସହାୟତା ପ୍ରଦାନ କରାଯିବ। ଏସମ୍ପର୍କରେ ସବୁ ଜିଲ୍ଲାପାଳ ଓ ମ୍ୟୁନିସପାଲ କମିଶନରମାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଚିଠି ଲେଖିଛନ୍ତି। ଏହି ଟଙ୍କାରେ ଆଶାକର୍ମୀ ସାଇକେଲ୍ , ଛତା , ପାଣି ବୋତଲ , ଚପଲ , ସାବୁନ୍ ଆଦି କିଣିପାରିବେ । ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ମଇ ୨୪ ତାରିଖରୁ ୩ ମାସ ପର୍ଯ୍ୟନ୍ତ ଘରକୁ ଘର କରୋନା ସର୍ଭେ ପାଇଁ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଏସମ୍ପର୍କରେ ଶ୍ରୀ ମହାପାତ୍ର ସମସ୍ତ ଜିଲ୍ଲାପାଳ ଓ ମ୍ୟୁନିସପାଲ କମିଶନରମାନଙ୍କୁ ଚିଠି ଲେଖି ଜଣାଇଛନ୍ତି। ଆକ୍ସନ ପ୍ଲାନ୍ ଅନୁଯାୟୀ ପ୍ରତିଦିନ ଘରକୁ ଘର ବୁଲି ଜ୍ୱର ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯିବ। ଆକ୍ରାନ୍ତ ବ୍ୟକ୍ତିଙ୍କୁ ଔଷଧ ଦେବା ସହ ଆବଶ୍ୟକ ହେଲେ ହସ୍ପିଟାଲ ପଠାଇବାକୁ କୁହାଯାଇଛି। ଲକ୍ଷଣ ଥିଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା କରାଇବେ। ଆଶାକର୍ମୀ ଲିଫଲେଟ୍ ବାଂଟି ଲୋକଙ୍କୁ ମାସ୍କ ବ୍ୟବହାର ଓ ହାତ ଧୋଇବା ସମ୍ପର୍କରେ ସଚେତନ କରାଇବେ।

## ଗୋଟିଏ ଦିନରେ ୧୧୦୯୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୯/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୧୦୯୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୪୪୪୦୧ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫୩୬୫୯୫ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୦୫୩୭୫ ରହିଛି । ଆଜି ଚିହ୍ନଟ ହୋଇଥିବା ୧୧୦୯୯ ଜଣଙ୍କ ମଧ୍ୟରୁ ୬୨୧୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୮୮୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୪୬୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୪୦୮ ଜଣ, ବରଗଡ଼ରୁ ୩୩୯ ଜଣ, ଭଦ୍ରକରୁ ୪୩୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୨୮୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨୧୩, କଟକରୁ ୮୬୭ ଜଣ, ଦେବଗଡ

▶▶ପୃଷ୍ଠା ୭

## ନିଖୋଜ ଯୁବକଙ୍କ ମୃତଦେହ ମହାନଦୀରୁ ଉଦ୍ଧାର

କଟକ,୧୯/୫ (ନି.ପ୍ର): ଗତ ଦୁଇ ଦିନ ପୂର୍ବେ କଟକ ଜିଲ୍ଲା ଆଠଗଡ଼ ଥାନା ଅନ୍ତର୍ଗତ କନ୍ଦରପୁର ଘାଟରେ ଗାଧୋଇବା ବେଳେ ନିଖୋଜ ଥିବା ଯୁବକଙ୍କ ମୃତଦେହ ନଦୀରୁ ଉଦ୍ଧାର ହୋଇଛି । ଆଠଗଡ଼ ଥାନା ପୋଲିସ ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ଯୁବକ ଜଣକ ହେଲେ ଢେଙ୍କାନାଳ ଜିଲ୍ଲା ଚନ୍ଦ୍ରଶେଖର ପ୍ରସାଦ ଅଂଚଳର କୃଷ୍ଣଚନ୍ଦ୍ର ଦଳେଇ । ସେ ତାଙ୍କ ମାଉସୀଙ୍କ ଘର କନ୍ଦରପୁରକୁ ବୁଲିବାକୁ ଆସି ମହାନଦୀରେ ଗାଧୋଉଥିବା ବେଳେ ଅସାବଧାନତାବଶତଃ ଭାସି ଯାଇଥିଲେ । ପୋଲିସ ଶବ ଜବତ କରିବା ସହ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ରାଜ୍ୟ ପୂଜ୍ୟପୂଜା ସଂସଦ ପକ୍ଷରୁ କରୋନା କାଳରେ ସେବା ଅଭିଯାନର ଶୁଭାରମ୍ଭ

କଣାସ,୧୯/୫ (ନି.ପ୍ର): କରୋନା ମହାମାରୀ ସମୟରେ ରାଜ୍ୟ ପୂଜ୍ୟପୂଜା ସଂସଦ ପକ୍ଷରୁ କଣାସ ବ୍ଲକର ବିଭିନ୍ନ ସ୍ଥାନ ବିଶୋଧନ କରାଯିବା ସହିତ ସାବୁନ୍, ମାକ୍ସ ଓ ବିଶୋଧନ କିଟ୍ ବଂଟନ କରାଯାଇଛି । ଆଜି ପୁରୀ ଜିଲ୍ଲା କଣାସ ବ୍ଲକର ସାହୁପଡା ଗ୍ରାମପଚାଂୟତର ବାଲିପଡା ବଜାର, ଗଡସାହି ଗ୍ରାମପଚାଂୟତର ଜଙ୍କିଆ ବଜାର, ଦୋକନ୍ଦା ପଚାଂୟତର ଗୋଲାବଜାର, କଣାସ ଗ୍ରାମପଚାଂୟତର ବାଲିଘାଇ ଛକ ଏବଂ କଣାସ ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ, କଣାସ ଗ୍ରାମ୍ୟବ୍ୟାଙ୍କ, ଷ୍ଟେଟ ବ୍ୟାଙ୍କ, ବିଦ୍ୟୁତ୍ କାର୍ଯ୍ୟାଳୟ, ବେସରକାରୀ ଆର୍ଥିକ ସଂସ୍ଥା ଏବଂ ବହୁ କାର୍ଯ୍ୟାଳୟ ବିଶୋଧନ କରାଯିବା ସହିତ ମାକ୍ସ, ବିଶୋଧନ ଏବଂ ସାବୁନ୍ ଇତ୍ୟାଦି ବଂଟନ କରାଯାଇଥିଲା । ସେହିପରି ବିଜିପୁର ଗ୍ରାମପଚାଂୟତର ବିଜିପୁର ବଜାର ଠାରେ ଅନୁରୂପ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ପୂଜ୍ୟପୂଜା ସଂସଦର ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ଜଗଦ୍ଦେବ, ରାଜ୍ୟ ସାଧାରଣ ସମ୍ପାଦକ ତଥା ସତ୍ୟବାଦୀର ଯୁବନେତା କାମାକ୍ଷା ପ୍ରଧାନ ନେତୃତ୍ୱରେ ଏହି ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏଥିରେ ବିଜେପି ଜିଲ୍ଲା ଉପସଭାପତି ଲକ୍ଷ୍ମୀଧର ଜଗଦେବ, ଯୁବସଂଗଠକ ବିଶ୍ୱଜିତ୍ ବଡଜେନା, ରାଜ୍ୟକୃଷକ ମୋର୍ଚ୍ଚା ସମବାୟ ସଂଯୋଜକ ବିଷ୍ଣୁଜୟ ମତଗଜସିଂହ, ସାହିପଡା ମଣ୍ଡଳର ଉପସଭାପତି ମହେଶ୍ୱର ବୈରିଗଞ୍ଜନ, ସୁଶା ବଡଜେନା, ଅନୁପ ଚମ୍ପତି, ପୂର୍ବତନ ସମିତି ସଭ୍ୟ ପ୍ରେମାନନ୍ଦ ସାହୁ, ଆଦିକନ୍ଦ ଶ୍ରୀଚନ୍ଦନ, ନିଧି ବେହେରା, ବୁଲୁ ପ୍ରଧାନ, ବାଲୁଙ୍କି ବିଶ୍ୱାଳ, ସୁକାନ୍ତ ସାମନ୍ତରାୟ, ରାଷ୍ଟ୍ରବାଦୀ ଶିକ୍ଷକ ପରିସରର ରାଜ୍ୟ ସମ୍ପାଦକ ଅନାଦି ଶ୍ରୀଚନ୍ଦନ, ଗତିକୃଷ୍ଣ ବାହିନୀପତି, ରମାକାନ୍ତ ଚହଟରାୟ, ତରୁଣସେନ ସ୍ୱାଇଁ, ବିଜୟ ପାଇକରାୟ ଏବଂ ରାଷ୍ଟ୍ରୀୟ ସ୍ୱଂୟ ସେବକ ସଂଘର ସେବା ପ୍ରମୁଖ ଧୋଇଧର ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ।

## ୧୮ ବର୍ଷରୁ ୪୪ ବର୍ଷ ବର୍ଗରେ ୬ ଦିନରେ ୨୫,୧୪୭ ଟିକାକରଣ

ଗଞ୍ଜାମ,୧୯/୫ (ନି.ପ୍ର): ଗତ ୧୧ ତାରିଖ ଠାରୁ ବ୍ରହ୍ମପୁର ସହରରେ ୧୮ ବର୍ଷରୁ ୪୪ ବର୍ଷର ବର୍ଗଙ୍କ ପାଇଁ ଆରମ୍ଭ ହୋଇଥିବା ଟୀକାକରଣ କାର୍ଯ୍ୟକ୍ରମରେ ୬ ଦିନ ମଧ୍ୟରେ ମୋଟ୍ ୨୫,୧୪୭ ଜଣ ଟୀକା ନେଇଥିବା ଜଣାପଡିଛି । ଗତକାଲି ସହରର ୧୨ ଟି କେନ୍ଦ୍ରରେ ୭୧୫୦ ଜଣଙ୍କ ଟୀକାକରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ୬୭୦୮ ଜଣ ଟୀକା ନେଇଛନ୍ତି । ସହରରେ ୧୮ରୁ ୪୪ ବର୍ଷ ମଧ୍ୟରେ ୧ ଲକ୍ଷ ୭୧ ହଜାର ଯୁବବର୍ଗଙ୍କୁ ଟୀକାକରଣ କରାଯିବ ବୋଲି ବ୍ରହ୍ମପୁର ବିଏମସି ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ଟୀକାର ପରିମାଣକୁ ଦେଖି ପ୍ରତ୍ୟେକ ଦିନ ସ୍ଲଟ୍ ବୁକିଂ କରାଯାଉଛି । ଖଲ୍ଲିକୋଟ କଲେଜ ପଡ଼ିଆରେ ଡ୍ରାଇଭ ଇନ୍ ରେଜିଷ୍ଟ୍ରେସନ କରାଯାଇ ଯାନବାହନରେ ଆସୁଥିବା ଅସୁସ୍ଥ ଓ ଭିନ୍ନକ୍ଷମଙ୍କୁ ଟୀକାକରଣ କରାଯାଉଛି । ପ୍ରଥମାର୍ଦ୍ଧରେ ୧୮ ରୁ ୪୪ ବର୍ଷ ବୟସର ବ୍ୟକ୍ତିଙ୍କୁ ଟୀକାଦାନ କରାଯାଉଥିବା ବେଳେ ଅପରାହ୍ନରେ ୪୫ ରୁ ଉର୍ଦ୍ଧ୍ୱ ବର୍ଗର ବ୍ୟକ୍ତିଙ୍କୁ ଟୀକାକରଣ ବ୍ୟବସ୍ଥା କରାଯାଇଛି । ଟୀକା ଅଭାବ ଯୋଗୁଁ କେବଳ ପୂର୍ବାହ୍ନରେ ୧୮ ରୁ ୪୪ ବର୍ଷ ବୟସ୍କଙ୍କୁ ଟୀକାକରଣ କରାଯାଇଥିବା ବେଳେ ଅପରାହ୍ନରେ ଟୀକାକରଣ କରାଯାଇନାହିଁ । ଆଜି ଠାରୁ ଅପରାହ୍ନରେ ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ନିଗମ ପକ୍ଷରୁ ଜଣାପଡିଛି । ପ୍ରତ୍ୟେକ ଦିନ ସଂନ୍ଧ୍ୟା ୬ଟାରୁ ଅନ୍ ଲାଇନ୍ ମାଧ୍ୟମରେ ପଞ୍ଜିକରଣ ସହିତ ସ୍ଲଟ୍ ବୁକିଂ ମଧ୍ୟ ଚାଲୁ ରହିଛି

## ବ୍ଲାକ୍ ଫଙ୍ଗସ୍ ରୋଗୀଙ୍କ ଚିକିତ୍ସା ପରାମର୍ଶ ପାଇଁ ବ୍ରହ୍ମପୁର ଏମକେସିଜି ମେଡିକାଲରେ ୬ ଜଣିଆ ବିଶେଷଜ୍ଞ କମିଟି ଗଠନ

ଗଞ୍ଜାମ,୧୯/୫ (ନି.ପ୍ର): ବ୍ରହ୍ମପୁରରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସମସ୍ତେ ଏହାର ମୁକାବିଲାରେ ଲାଗିପଡିଛନ୍ତି । କରୋନା ପରେ ଏବେ ଚିନ୍ତା ବଢାଇଛି ବ୍ଲାକ ଫଙ୍ଗସ । କରୋନା ସୁସ୍ଥ ହେଉଥିବା ରୋଗୀ ଏଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହାର ମୁକାବିଲା ପାଇଁ ରାଜ୍ୟ ସ୍ତରରେ ଉଦ୍ୟମ ଆରମ୍ଭ ହୋଇସାରିଛି। ଏଥିପାଇଁ ଏକ ୬ ଜଣିଆ ରାଜ୍ୟ ସ୍ତରିୟ କମିଟି ଗଠନ କରାଯାଇଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ପାଇଁ ଏକ ୬ ଜଣିଆ ବିଶେଷଜ୍ଞ କମିଟି ଗଠନ କରାଯାଇଛି । ଅଧ୍ୟକ୍ଷ ପ୍ରଫେସର ଡାକ୍ତର ସନ୍ତୋଷ କୁମାର ମିଶ୍ର ଏହି ସୂଚନା ଦେଇଛନ୍ତି । ଏହି କମିଟି ବ୍ଲାକ୍ ଫଙ୍ଗସ୍ ରୋଗୀଙ୍କୁ ଅନୁଧ୍ୟାନ କରି ଚିକିତ୍ସା ବ୍ୟବସ୍ଥା ଉପରେ ଡ଼ାକ୍ତରଙ୍କୁ ଆବଶ୍ୟକ ପରାମର୍ଶ ଦେବେ ।

## ୨୧ଜଣ ପଂଚକୋଶି ବ୍ରାହ୍ମଣଙ୍କୁ ସହାୟତା

ପୁରୀ,୧୯/୫ (ନି.ପ୍ର):ଉତ୍କଳ ବିଦ୍ୱତ ପରିଷଦ ପକ୍ଷରୁ ଆଜି ୨୧ଜଣ ପଂଚକୋଶି ବ୍ରାହ୍ମଣ ମାନଙ୍କୁ ରୋଷେଇ ସାମଗ୍ରୀ ପୁଡିଆ ବଂଟନ କରାଯାଇଛି । ଏହାକୁ ପରିଷଦ ର ଅଧକ୍ଷ ମନୋଜ କୁମାର ରଥ ଶୁଭାରମ୍ଭ କରିଥିଲେ । ପରିଷଦ ର ସଚିବ ବିଜୟକୃଷ୍ଣ ବ୍ରହ୍ମାଙ୍କ ତତ୍ୱାବଧାନ ରେ ବଂଟନ କରାଯାଇଥିଲା କ୍ଷ ଏହି ପୁଡିଆ ରେ ଚାଉଳ, ଡାଲି, ଅଟା, ଚିନି ଓ ଅନ୍ୟ ସାମଗ୍ରୀ ରହିଥିଲା । ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ନିକଟ ବଟେଶ୍ୱରୀ ମନ୍ଦିର ପ୍ରାଗଣ ରେ ଦିଆଯାଇଥିଲା କ୍ଷ ଏହି କାର୍ଯ୍ୟ ରେ ସମାଜସେବୀ ଜିତେନ୍ଦ୍ର ମହାପାତ୍ର, ଦେବେନ୍ଦ୍ର ମହାରଣା, ଦେବୀ ବ୍ରହ୍ମା, ଅବିନାଶ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ କ୍ଷ ଶେଷରେ ପଂଚକୋଶି ବ୍ରାହ୍ମଣ ମାନେ ଆଶ୍ରିବାଦ ପ୍ରଦାନ କରିଥିଲେ । ଗତ ୧୩ତାରିଖରେ ମୁକ୍ତି ମଣ୍ଡପ ର ୧୨ଜଣ ପଣ୍ଡିତ ଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି।

## ହରିଚନ୍ଦନପୁର ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାରେ ଜନ ଗହଳିକୁ ନେଇ ସ୍ଥିତି ସମୀକ୍ଷା ସହ ସମାଧାନ କଲେ ତହସିଲଦାର ଓ ଥାନା ଅଧିକାରିଣୀ

ହରିଚନ୍ଦନପୁର,୧୯/୫ (ନି.ପ୍ର): କୋଭିଡ୍ କଟକଣା ଯୋଗୁଁ ବ୍ୟାଙ୍କ୍ ଗୁଡ଼ିକ ଖୋଲା ଯିବାର ସମୟ ପରିବର୍ତ୍ତନ କରାଯାଇଛି, ଯାହାକୁ ନେଇ ଶାଖା କାର୍ଯ୍ୟାଳୟ ଗୁଡିକରେ ନେଣ ଦେଣ ପାଇଁ ଜନ ଗହଳି ବୃଦ୍ଧି ପାଇଛି । କରୋନାର ଦିତୀୟ ଲହରୀ ସମୟରେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାରେ ବଢୁଥିବା ଜନ ଗହଳିକୁ ନେଇ ଚିନ୍ତାରେ ତହସିଲଦାର ଓ ଥାନା ଅଧିକାରିଣୀ । ଗତ ଅକ୍ଷୀତୃତୀୟା ଦିନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କାଳିଆ ଓ କିଷାନ ଯୋଜନାର ଟଙ୍କା ଆସିବା ପରେ ବ୍ୟାଙ୍କ ଶାଖା ଗୁଡ଼ିକରେ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି । ସାଧାରଣତଃ ସୋମବାର ଦିନ ଉକ୍ତ ବ୍ୟାଙ୍କରେ ଲାଗିଥିବା ଜନ ଗହଳିକୁ ଦେଖି ତହସିଲଦାର ଓ ଥାନା ଅଧିକାରିଣୀ ସ୍ଥିତି ସମୀକ୍ଷା କରିବା ସହ ସଚେତନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଇଛନ୍ତି । ସ୍ଥାନୀୟ ତହସିଲଦାର ପ୍ରଶାନ୍ତ ସେଠୀ ଓ ଥାନା ଅଧିକାରିଣୀ ସୁସ୍ମିତା ଦେବତା ଘଟଣାସ୍ଥଳରେ ନିଜ ରହି ବ୍ୟାଙ୍କ କର୍ମଚାରୀଙ୍କ ସହ ପରସ୍ପର ଆଲୋଚନା କରି ସମସ୍ୟାର ସମାଧାନ କରିଛନ୍ତି । କରୋନାକୁ ନେଇ ଭୟଭୀତ ସମୟରେ ତାଙ୍କର ଏହିଭଳି ପ୍ରଶଂସନିୟ କାର୍ଯ୍ୟ ପାଇଁ ଏଅଞ୍ଚଳରେ ଦୁଇ ଜନ ପ୍ରିୟ ଅଧିକାରୀ ପ୍ରଶଂସାର ପାତ୍ର ହୋଇଛନ୍ତି ।

## ମୃତ ଦହିବରା ବିକାଳି ପରିବାରକୁ ସାହାଯ୍ୟ

କୋରେଇ,୧୯/୫ (ନି.ପ୍ର): ପାଣିକୋଇଲି ଥାନା ଅର୍ନ୍ତଗତ ସଠିପୁର ଠାରେ ଦହିବରା ବିକୁଥିବା କରଦା ସାହୁସାହିର ପ୍ରମୋଦ କୁମାର ସାହୁଙ୍କୁ ଗତ ଏପ୍ରିଲ ୮ ତାରିଖ ଏକ ପିକଅପ ଧକ୍କା ଦେବା ଫଳରେ ଘଟଣାସ୍ଥଳେ ଗଛରେ ଚାପିହୋଇ ତାର ମୃତ୍ୟୁ ହୋଇଥିଲା । ଫଳରେ ତାର ପରିବାର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇବା ସହ ଜିବୀକା ହରାଇଥିଲେ । ମୃତ ପ୍ରମୋଦଙ୍କ ୪ଟି ଝିଅ ଅଛନ୍ତି । ମୃତ ପରିବାରକୁ ସ୍ଥାନୀୟ ଅଂଚଳର ଲୋକ ସହାୟତାର ହାତ ବଢାଉଛନ୍ତି । ପାଣିକୋଇଲି ପଥରପଦାର କିଛି ଉଦୀୟମାନ ଯୁବକ ମାସକର ରାସନ ସାମଗ୍ରୀ, ପିଲାମାନଙ୍କ ପାଠ ପଢିବା ପାଇଁ ବହି, ଖାତା ମୃତ ପ୍ରମୋଦ ସାହୁ ପରିବାରକୁ ହସ୍ତାନ୍ତର କରିଛନ୍ତି । ରୁଦ୍ର ପ୍ରତାପ ପାଢୀ, ଜିତେନ୍ଦ୍ର ସାହୁ, ରାହୁଲ କୁମାର ସାହୁ, ସଂଗ୍ରାମ ଗିରି ପ୍ରମୁଖ ଯୁବକ ମାନଙ୍କ ଏତାଦୃଶ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ଗରାଖଙ୍କ ଭିଡ ଥିବାରୁ ଅଟା ଦୋକାନୀକୁ ଜରିମାନା

କେନ୍ଦ୍ରାପଡ଼ା,୧୯/୫ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ବଡହାଟ ଠାରେ ଥିବା ଏକ ଅଟା ଦୋକାନୀକୁ ଟାଉନ ଥାନା ପୋଲିସ ଜରିମାନା କରିଥିବା ଜଣାପଡିଛି । ସ୍ୱଳ୍ପ ସମୟ ଦୋକାନ ଖୋଲା ଯାଉଥିବାରୁ ତୁରନ୍ତ ଅଟା ନେବା ପାଇଁ କିଛିଲୋକ ଗହଳି କରି ସାମାଜିକ ଦୂରତା ରଖି ନଥିବାରୁ ଟାଉନ ଥାନା ପୋଲିସ ଅଟା ଦୋକାନୀକୁ ୨୦୦୦ ଟଙ୍କା ଜରିମାନା କରିଥିବା ଜଣାପଡିଛି ।

## ତାଲା ବନ୍ଦ ଅବସ୍ଥାରେ ଥାଇ ଓଡ଼ିଶାର ସର୍ବପୁରାତନ ବାରିପଦା ସଂଗ୍ରହାଳୟ ଗୁମୁରି କାନ୍ଦିବାରେ ଲାଗିଛି

ବାରିପଦା,୧୯/୫ (ନି.ପ୍ର): ଆଜିର ଦିନକୁ ସମଗ୍ର ପୃଥିବୀ ଆନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳନ କରୁଥିବା ସମୟରେ ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦାଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ପ୍ରାୟ ଦେଢ଼ ଶହ ଫୁଟ ବ୍ୟବଧାନରେ ବର୍ଷ ବର୍ଷ ଧରି ତାଲା ବନ୍ଦ ଥିବା ଓଡ଼ିଶାର ସର୍ବପୁରାତନ ସଂଗ୍ରହାଳୟ ଗୁମୁରି କାନ୍ଦିବା ସହ ଜିଲ୍ଲା ପ୍ରଶାସନର ପାରିବା ପଣିଆକୁ ପରିହାସ କରିବାରେ ଲାଗିଛି । ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ(ଖ୍ରୀ୧୮୯୦-୧୯୧୨) ନିଜର ଗଡ଼ ଓ ଆଖପାଖ ଅଂଚଳରେ ଭୂଖୋଦନରୁ ମିଳିଥିବା ପ୍ରତ୍ନତାତ୍ୱିକ ପ୍ରମାଣ ଦ୍ୱାରା ମୟୂରଭଞ୍ଜର ସାଂସ୍କୃତିକ ମହତ୍ୱକୁ ପ୍ରତିପାଦିତ କରାଇ ପାରିଛି । ଏହି ପ୍ରାଚୀନ କୀର୍ତି ରାଜିକୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସଂରକ୍ଷିତ କରିବା ନିମନ୍ତେ ଖ୍ରୀ.୧୯୦୩ରେ ବାରିପଦା ସହରର କେନ୍ଦ୍ର ସ୍ଥଳରେ ଏକ ସଂଗ୍ରହାଳୟ ନିର୍ମାଣ କରି ସେଥିରେ ସାଇତି ରଖିଥିଲେ । ଭୂଖନନରୁ ମିଳିଥିବା ପ୍ରାଚୀନ କୀର୍ତିର ସାଂସ୍କୃତିକ ମୂଲ୍ୟକୁ ଅବଧାରଣକରିବା କଷ୍ଟକର ରହିଥିଲା । ଏହି ସଂଗ୍ରହାଳୟରେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ବିଭିନ୍ନ ସ୍ଥାନରୁ ସଂଗୃହୀତ ଅନେକ ଦୁର୍ଲଭ ଦେବଦେବୀମାନଙ୍କ ମୂର୍ତି, କୁଶାଣ ଓ ପୁରାତନ ଯୁଗର ମୁଦ୍ରା, ତାମ୍ର ଲେଖ, ମୃଣ୍ମୟପାତ୍ର, ମଧ୍ୟଯୁଗୀୟ ଉପକରଣ, ପ୍ରାକ୍ଐତିହାସିକ ଯୁଗର ଅସ୍ତ୍ରଶସ୍ତ୍ର ଓ ଉପକରଣ, ମୋହର(ସିଲ) ଆଦିକୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଅତି ଯତ୍ନରେ ସାଇତି ରଖିବା ସଂଗେ ସଂଗେ ସଂଗ୍ରହାଳୟର ଦାୟିତ୍ୱ ଜଣେ ଅଭିଜ୍ଞ ଓ ଦକ୍ଷ କର୍ମଚାରୀଙ୍କ ହାତରେ ନ୍ୟସ୍ତ କରିଥିଲେ । ଯାହା ପରବର୍ତି ସମୟରେ ଜୁବଲୀ ଲାଇବ୍ରେରୀକୁ ରୂପାନ୍ତରିତ ହୋଇଥିଲା । ସଂଗ୍ରହାଳୟରେ ମୟୂରଭଞ୍ଜର ପ୍ରାଚୀନ , ମଧ୍ୟଯୁଗୀୟ ଓ ପ୍ରାଗଐତିହାସିକ ଯୁଗୀୟ ଯେଉଁ ସମସ୍ତ ଉଲ୍ଲେଖନୀୟ ସାଂସ୍କୃତିକ କୃତିମାନ ସଂଗୃହୀତ ଓ ସୁରକ୍ଷିତ ହୋଇ ରହିଛି ତାହା ଅତୀତ ଗୌରବ ଓ ଉନ୍ନତ ସଭ୍ୟତାର ଉଜ୍ଜ୍ୱଳ ନିଦର୍ଶନ ରହିଥିଲା । ୧୯୪୯ ମସିହା ଜାନୁୟାରୀ ୧ ତାରିଖ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟ ଓଡ଼ିଶା ପ୍ରଦେଶ ସହିତ ମିଶ୍ରଣ ଓ ୨ରେ ସ୍ୱତନ୍ତ୍ର ଜିଲା ଭାବେ ଶାସିତ ହେଲା ଓ ଏହି ସଂଗ୍ରହାଳୟ ମୟୂରଭଞ୍ଜ ଜିଲା ପ୍ରଶାସନ ଅଧୀନରେ ରହିଥିବା ଜିଲା ସଂସ୍କୃତି ବିଭାଗ ଅଧୀନ ହାତକୁ ଆସିଥିଲା । ୨୦୦୮ ଏପ୍ରିଲ ୧୩ରେ ଛଉ ପଡ଼ିଆ ପାର୍ଶ୍ୱରେ ନବ ନିର୍ମିତ ଜିଲ୍ଲା ସଂସ୍କୃତି ଭବନ ଓ ଜିଲ୍ଲା ସଂଗ୍ରହାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭ ଉଦଘାଟନ କରିଥିଲେ । ଉକ୍ତ କୋଠାରେ ସ୍ଂଗ୍ରହାଳୟ, ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟ ସହ ପାଠାଗାର କାର୍ଯ୍ୟ ଆରମ୍ଭ କରିଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ହାତରେ ଏହାର ରକ୍ଷଣାବେକ୍ଷଣ ଆଦି ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ବେଳେ ତାଙ୍କୁ ସହଯୋଗ କରିବା ନିମନ୍ତେ ୨ ଜଣ ସ୍ୱତନ୍ତ୍ର କର୍ମଚାରୀଙ୍କୁ ନିଯୁକ୍ତି ମିଳିଥିଲା । ଉକ୍ତ ଦୁଇ ଜଣ କର୍ମଚାରୀ ଅବସର ଗ୍ରହଣ କରିବା ପରେ ନୂତନ କର୍ମଚାରୀଙ୍କୁ ନିଯୁକ୍ତି ଦିଆନଯିବାରୁ ୨୦୧୨ରୁ ମୟୂରଭଞ୍ଜ ଜିଲାପ୍ରଶାସନ ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା ନିର୍ମିତ ସଂଗ୍ରହାଳୟର ମୂଲ୍ୟବୋଧ, ମହତ୍ୱ ଓ ଗୁରୁତ୍ୱକୁ ଉପଲବ୍ଧି କରି ନ ପାରିବାରୁ ଏହି ସର୍ବ ପ୍ରାଚୀନ ସଂଗ୍ରହାଳୟ ପ୍ରାୟ ୯ବର୍ଷରୁ ଅଧିକ ସମୟ ଧରି ତାଲା ଝୁଲୁଛି । ଏହା ମଧ୍ୟରେ ୯ ଥର ଆନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳନ ସରିଛି । ପ୍ରତିଥର କେତେ କଣ ଯୋଜନା କାର୍ଯ୍ୟକାରୀ ହେବାର ପ୍ରତିଶ୍ରୁତି ମିଳିଥାଏ । ସରକାର ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ମୟୂରଭଞ୍ଜ ଜିଲାର ଗର୍ବ, ଗୌରବ ସହିତ ମୟୂରଭଞ୍ଜ ଗଡ଼ଜାତରାଜ୍ୟର କୀର୍ତି, ପ୍ରାଗଐତିହାସିକ ଯୁଗର ବାର୍ତା ଆଦିର ମୂକସାକ୍ଷୀ ଭାବରେ ନିଜକୁ ଜନସମୁଦାୟରେ ପ୍ରତିପାଦିତ କରାଉଥିବା ଏହି ସଂଗ୍ରହାଳୟର ମୂଲ୍ୟବୋଧ ଓ ଗୁରୁତ୍ୱକୁ ଉପଲବ୍ଧି କରିନପାରିବା ସହ ଉଦାସୀନ ମନୋଭାବ ପୋଷଣ କାରଣରୁ ଅବହେଳିତ ଅବସ୍ଥାରେ ପଡ଼ି ରହିଛି । ଦୀର୍ଘ ୯ ବର୍ଷରୁ ଅଧିକ ସମୟ ଧରି ତାଲା ପଡ଼ି ରହିଥିବାରୁ ସଂଗ୍ରହାଳୟରେ ରହିଥିବା ମୂଲ୍ୟବାନ ତଥା ଦୁର୍ଲଭ ଐତିହାସିକ କିର୍ତୀରାଜି ରକ୍ଷଣାବେକ୍ଷଣ ଅଭାବରୁ ଧ୍ୱଂସ ଆଡ଼କୁ ପାଦ ବଢ଼ାଇ ସାରିଛି ; ଯାହାଫଳରେ ମୟୂରଭଞ୍ଜ ମହାରାଜାଙ୍କର ସଂଗ୍ରହାଳୟ ନିର୍ମାଣର ଲକ୍ଷ ଓ ଉଦ୍ଦେଶ୍ୟ ସାଧନ ସମ୍ଭବ ହୋଇ ପାରି ନାହିଁ । ଏ ବିଷୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା କୁହନ୍ତି, ଜିଲ୍ଲା ସଂସ୍କୃତି ବିଭାଗର କାର୍ଯ୍ୟାଳୟରେ ସେ ହିଁ ଅଧିକାରୀ, କିରାଣୀ, ପିଅନ, ଜଗୁଆଳି ସବୁ କିଛି । ମଞ୍ଜୁରୀ ପ୍ରାପ୍ତ ପଦବୀ ସଂଖ୍ୟା ୬ ରହିଥିବା ବେଳେ ସେ ଏକୁଟିଆ ରହିଛନ୍ତି । ଷ୍ଟାଫ ନିଯୁକ୍ତି ପାଇଁ ଚିଠି ଲେଖିଥିଲେ ମଧ୍ୟ କୌଣସି ଷ୍ଟାଫ ନିଯୁକ୍ତି ଦିଆଯାଇ ନାହିଁ । ଫଳରେ କୌଣସି କାର୍ଯ୍ୟରେ ବାହାରକୁ ଗଲେ କାର୍ଯ୍ୟାଳୟରେ ତାଲା ପକାଇ ଯିବାକୁ ବାଧ ହୋଇଥାନ୍ତି । ୨୦୦୮ରେ କୋଠାଟି ନିର୍ମାଣ ହୋଇଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ପାଣି ଲିକ୍ କରୁଛି ବୋଲି କହିଛନ୍ତି । ସେହିପରି ଗଣମାଧ୍ୟମର ପ୍ରତିନିଧି ରୂପମ ସ୍ୱାଇଁ କୁହନ୍ତି, ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ଦ୍ୱାରା ସ୍ଥାପିତ ବାରିପଦା ଐତିହାସିକ ସଂଗ୍ରହାଳୟ ଦ୍ୱାରା ଏହି ଅଞ୍ଚଳର ସମୃଦ୍ଧି, ସାମାଜିକ ଉତରାଧିକାରୀ ତଥା ପରମ୍ପରାକୁ ବଂଚାଇ ରଖାଯାଇପାରିବ । ସଂଗ୍ରହାଳୟରେ ମୟୂରଭଞ୍ଜର ସଂସ୍କୃତି, ରୀତିନୀତି ଏବଂ ସଭ୍ୟତା ସହିତ ଜଡ଼ିତ ଅନେକ ଅସାଧାରଣ ପୁରାତନ ଜିନିଷ ସାଇତା ହୋଇ ରହିଛି । ଯାହା ଇତିହାସ ବିଭାଗର ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଅମୂଲ୍ୟ ସମ୍ପଦ । ଏଣୁ ଏହି ସଂଗ୍ରହାଳୟର ପୁର୍ନଉଦ୍ଧାର କରାଯିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ।

## କାଙ୍କଲାରେ ଅଜଣା ରୋଗରେ ଗୋ ମଡକ

କୋରେଇ,୧୯/୫ (ନି.ପ୍ର): ପାଣିକୋଇଲି ପଂଚାୟତ ଅନ୍ତର୍ଗତ ଅଳତିରି(କାଙ୍କଲା) ଗ୍ରାମରେ ଅଜଣା ରୋଗରେ ଗୋ ମଡକ ଚାଲଇଛି । ସପ୍ତାହ ଧରି ପ୍ରତିଦିନ ଗ୍ରାମରେ କାହାରନା କାହରି ଗୋରୁଙ୍କ ମୃତ୍ୟୁ ହୋଉଥିବା ଦେଖିବାକୁ ମିଳିଛି । ମୃତ୍ୟୁର କାରଣ କିଛି ଜଣାପଡିନାହିଁ । ଏଭଳି ଚାଲିଲେ ଗ୍ରାମରୁ ଗୋ ଶୂନ୍ୟ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଏଥି ପ୍ରତି ପ୍ରାଣୀଧନ ବିଭାଗ ପକ୍ଷରୁ ହସ୍ତକ୍ଷେପ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି । ଅବଧି ଗ୍ରାମର ହରିହର ସେଠୀ, ବଳରାମ ସାହୁ, ଗୋପାଳ ସାହୁ, ଦୁର୍ଯ୍ୟୋଧନ ସାହୁ, ଚନ୍ଦ୍ରଶେଖର ସାହୁ, ଲମ୍ବୋଦର ସାହୁ, ରଘୁନାଥ ସାହୁ, ଗଦାଧର ସାହୁଙ୍କର ଗୋରୁଙ୍କର ମୃତ୍ୟୁ ହୋଇସାରିଲାଣି । ଏହି ଅଜଣା ରୋଗ ଯୋଗୁ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

## ଫିରିଙ୍ଗିଆ ଲଦଡିଛକରୁ ବାଇକ ସମେତ ୩୦ କିଗ୍ରା ଗଞ୍ଜେଇ ଜବତ: ଜଣେ ଗିରଫ

କନ୍ଧମାଳ,୧୯/୫ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଂଚଳର ଲଦଡି ଛକରୁ ଗୋଟିଏ ବାଇକ ଯୋଗେ ଗଞ୍ଜେଇ ଚାଲାଣ ବେଳେ ଚଢାଉ କରି ପୋଲିସ ଚାଲାଣ କାର୍ଯ୍ୟରେ ନିୟୋଜିତ ବାଇକ ଏବଂ ଗୋଟିଏ ବସ୍ତାରେ ୩୦ କିଗ୍ରା ଗଞ୍ଜେଇ ଜବତ କରିବା ସହିତ ଜଣେ ଚାଲାଣକାରୀକୁ ଗିରଫ କରିଛି । ସୂଚନା ଅନୁସାରେ ସୋମବାର ସଂନ୍ଧ୍ୟା ପ୍ରାୟ ୬ଟା ବେଳେ ବାଇକ ଯୋଗେ ଜାଜେସପଙ୍ଗାରୁ ଫୁଲବାଣୀକୁ ଗଞ୍ଜେଇ ଚାଲାଣ ହେବାକୁ ଥିବା ନେଇ ପୋଲିସ ଖବର ପାଇବା ପରେ ଜାଜେସପଙ୍ଗା ନିକଟରେ ଥିବା ଲଦେଡି ଛକଠାରେ ପୋଲିସ ଛକି ରହିଥିଲା । ସେହି ରାସ୍ତାରେ ଜାଜେସପଙ୍ଗା ଗାଁର ଅନିରୁଦ୍ଧ ସାହୁ (୫୫)ନାମକ ଜଣେ ବ୍ୟକ୍ତି ଏକ ବାଇକ ଯୋଗେ ପହଂଚିଥିଲା । ତାକୁ ପୋଲିସ ଅଟକାଇ ତଲାସି ନେବାରୁ ସେହି ବସ୍ତାରୁ ୩୦ କିଗ୍ରା ଗଞ୍ଜେଇ ବାହାରି ଥିଲା । ପୋଲିସ ବାଇକ ଏବଂ ଗଞ୍ଜେଇକୁ ଜବତ କରିବା ସହିତ ଅନିରୁଦ୍ଧକୁ ଗିରଫ କରିଛି । ଏହି ସଂକ୍ରାନ୍ତରେ ଫିରିଙ୍ଗିଆ ଥାନାରେ ଏକ ମାମଲା ୬୦/୨୧ ରୁଜୁ କରିବା ସହିତ ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରିଥିବା ଫିରିଙ୍ଗିଆ ଥାନା ଭାରପ୍ରାପ୍ତ ଅଧିକାରୀ ଦସରଥ ହେମ୍ବ୍ରମଙ୍କ ସୂତ୍ରରୁ ଜଣାପଡିଛି । ଅଭିଯୁକ୍ତ ଏହି ଗଞ୍ଜେଇକୁ ଫୁଲବାଣୀକୁ ଚାଲାଣ କରୁଥିଲା ବୋଲି ପୋଲିସ ଅଗରେ କହିଥିବା ଜଣାପଡିଛି ।

## କରୋନାରେ ମୃତ ଶ୍ରମିକ ପରିବାରକୁ ସହାୟତା ପାଇଁ ଦାବି

କେନ୍ଦ୍ରାପଡ଼ା,୧୯/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକର ଜଣେ ପ୍ରବାସୀ ଶ୍ରମିକ କରୋନାରେ ପ୍ରାଣ ହରାଇ ଥିବାରୁ ତାଙ୍କ ଅସହାୟ ପରିବାର କୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି କରାଯାଇଛି । ଆଳି ବ୍ଲକର ନରେନ୍ଦ୍ରପୁର ଗ୍ରାମର ଜିତେନ ସ୍ୱାଇଁ ଦୀର୍ଘଦିନ ହେବ ମଣୀପୁର ର ରାଜଧାନୀ ଇମ୍ଫାଲ ଠାରେ ଥିବା କେଷ୍ଟୋନ ଲିମିଟେଡ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ । ସେଠାରେ କାର୍ଯ୍ୟ କରୁଥିବା ଅବସ୍ଥାରେ ୧୬ ତାରିଖରେ କରୋନା ସଂକ୍ରମିତ ହୋଇ ଲଙ୍ଗେଲ ଭିୟୁ ହସପିଟାଲରେ ଚିକିତ୍ସାଧିନ ଥିବା ଅବସ୍ଥାରେ ୧୮ ତାରିଖ ସକାଳେ ମୃତ୍ୟୁ ବରଣ କରିଛନ୍ତି । ତାଙ୍କ ଅସହାୟ ପରିବାର କୁ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି ।

## କନ୍ଧମାଳ ଜିଲ୍ଲାର ବିଭିନ୍ନ ଥାନାର ୧୦ ଜଣ ଅଧିକାରୀଙ୍କର ବଦଳି

କନ୍ଧମାଳ,୧୯/୫ (ନି.ପ୍ର): କନ୍ଧମାଳ ଜିଲ୍ଲାର ବିଭିନ୍ନ ଥାନାର ୧୦ ଜଣ ପୋଲିସ ଅଧିକାରୀ ମାନଙ୍କର କାର୍ଯ୍ୟ କ୍ଷେତ୍ରରେ ଅଦଳବଦଳ କରିଛନ୍ତି କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରୱାଲ । ଗତ ୧୭ ତାରିଖରେ ସେ ଜାରୀ କରିଥିବା ଏହି ବଦଳି ନିର୍ଦ୍ଦେଶ ମୁତାବକ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ନିୟୋଜିତ ଥିବା ଇନିସ୍ପେକ୍ଟର ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କୁ ଚକାପାଦ ଥାନା ଅଧିକାରୀ ଭାବରେ ନିୟୋଜିତ କରିଥିବା ବେଳେ ଚକାପାଦ ଥାନା ଅଧିକାରୀ ଧିରଜ ଲେଙ୍କାଙ୍କୁ କୋଟଗଡ ଥାନା ଅଧିକାରୀ ଭାବରେ ବଦଳି କରିଛନ୍ତି । ସେହିପରି ତୁମୁଡିବନ୍ଧ ଥାନା ଅଧିକାରୀ ବାବାଶଙ୍କର ଶରାଫଙ୍କୁ ବାଲିଗୁଡା ଥାନା ଅଧିକାରୀ ଭାବରେ,ବାଲିଗୁଡା ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରାଙ୍କୁ ଫୁଲବାଣୀ ସଦର ଥାନା ଅଧିକାରୀ ଭାବରେ,ରାଇକିଆ ଥାନା ଅଧିକାରୀ ଦାୟୀତ୍ୱରେ ଥିବା ତରୁଣତପନ ବେହେରାଙ୍କୁ ତୁମୁଡିବନ୍ଧ ଥାନା ଅଦ୍କାରୀ ଭାବରେ ସେହିପରି ବେଲଘର ଥାନା ଅଧିକାରୀ ଦାୟୀତ୍ୱରେ ଥିବା ଶ୍ରୀକାନ୍ତ ଖମାରୀଙ୍କୁ ରାଇକିଆ ଥାନା ଅଧିକାରୀ ଭାବରେ ବଦଳି କରାଯାଇଛି । ସେହିପରି ବାରଖମା ଫାଣ୍ଡି ଦାୟୀତ୍ୱରେ ଥିବା ଦୀପକ ରାଉତଙ୍କୁ ବେଲଘର ଥାନା ଅଧିକାରୀ ଭାବରେ ଫୁଲବାଣୀ ଆଦର୍ଶ ଥାନାରେ କାର୍ଯ୍ୟରତ ସାନ୍ତନୁ କୁମାର ପ୍ରଧାନଙ୍କୁ ବାରଖମା ଫାଣ୍ଡି ଅଧିକାରୀ ଭାବରେ ବ୍ରାହ୍ମଣୀ ଗାଁ ଥାନା ଅଧିକାରୀ ରଣଜିତ କୁମାର ମୁନୀଙ୍କୁ ଗୋଛାପଡା ଥାନା ଅଧିକାରୀ ଭାବରେ ଗୋଛାପଡା ଥାନାରେ କାର୍ଯ୍ୟରତ ଦସରଥ ହେମ୍ବ୍ରମଙ୍କୁ ବ୍ରାହ୍ମଣୀ ଗାଁ ଥାନା ଅଧିକାରୀ ଭାବରେ ଅବସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଗ୍ରୱାଲ । ତେବେ ସେ କନ୍ଧମାଳ ଜିଲ୍ଲାରେ ଯୋଗ ଦେବା ପରେ ପ୍ରଥମ ଥର ଏହିଭଳି ବଡ ଧରଣର ଅଦଳବଦଳ କରିଥିବା ଜଣାପଡିଛି ।

## କାଜୁ ବଗିଚାରୁ ଉଦ୍ଧାର ଆହତ ହରିଣ ମୃତ

ବାରିପଦା,୧୯/୫ (ନି.ପ୍ର): ମଙ୍ଗଳବାର ସକାଳେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜ ଅଧୀନସ୍ଥ ଜାମୁନାଳିଆ ଗ୍ରାମରେ ଥିବା ଏକ କାଜୁ ବଗିଚା ବାଡ଼ରେ ଲାଗି ରହିଥିବା ଏକ ହରିଣକୁ ବନ ବିଭାଗ କର୍ମଚାରୀ ଆହତ ଅବସ୍ଥାରେ ଉଦ୍ଧାର କରିଛି । ଏହାପରେ ଆହତ ହରିଣକୁ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା ଚାଲିଥିବା ସମୟରେ ମୃତ୍ୟୁ ହୋଇଥିଲା । ମୃତ ହରିଣର ଶବ ବ୍ୟବଚ୍ଛେଦ କରି ବନବିଭାଗ ତାକୁ ମାଟିରେ ପୋତି ଦେଇଛି । ପ୍ରାପ୍ତ ସୂଚନା ଅନୁସାରେ ମହୁଲଡିହା ଫରେଷ୍ଟ ବିଟ ଅଧୀନ ଜାମୁନାଳିଆ ଗ୍ରାମରେ ଜଣେ ବ୍ୟକ୍ତି ଲଗାଇଥିବା କାଜୁ ବଗିଚାର ଚାରିପାଖକୁ ପ୍ଲାଷ୍ଟିକ ଜାଲରେ ବାଡ଼ ଘେରିଥିଲେ । ଜଙ୍ଗଲରୁ ବାଟବଣା ହରିଣଟି ଆସି ଏହି ଜାଲରେ ଛନ୍ଦି ହୋଇଯାଇଥିଲା ।

## ସଙ୍ଗରୋଧରେ ରହୁଥିବା ରୋଗୀଙ୍କୁ ଖାଦ୍ୟ ଦେବ କାହ୍ନା ଚାରିଟେବୁଲ୍ ଟ୍ରଷ୍ଟ

ଗଞ୍ଜାମ,୧୯/୫ (ନି.ପ୍ର): ରାଜ୍ୟରେ ଦିନକୁ ଦିନ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି।। ଏଥିପାଇଁ ବହୁ ଲୋକ ପ୍ରଭାବିତ ହୋଇଛନ୍ତି । କିଛି ଲୋକ ଏକୁଟିଆ ରହୁଥିବା ବେଳେ ସେମାନେ କରୋନାରେ ସଂକ୍ରମିତ ହୋଇ ଘରୋଇ ସଙ୍ଗରୋଧରେ ରହୁଛନ୍ତି । ସେହିପରି କେତେକ ପରିବାରର ସମସ୍ତ ସଦସ୍ୟ ମଧ୍ୟ ସଂକ୍ରମିତ ହେଉଛନ୍ତି । ଫଳରେ ସେମାନେ ରୋଷେଇ କରିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳି ଲୋକଙ୍କୁ ସହାୟତା କରିବା ପାଇଁ ଆଗେଇ ଆସିଛି କାହ୍ନା ଚାରିଟେବୁଲ ଟ୍ରଷ୍ଟ । ବ୍ରହ୍ମପୁର ସହରରେ ଘରୋଇ ସଙ୍ଗରୋଧରେ ଥିବା କରୋନା ସଂକ୍ରମିତଙ୍କୁ ଟ୍ରଷ୍ଟ ତରଫରୁ ଖାଦ୍ୟ ଯୋଗାଣ ବ୍ୟବସ୍ଥା କରାଯାଇଛି । ଇଚ୍ଛୁକ ବ୍ୟକ୍ତି ମାନେ ମୋବାଇଲ୍ ନଂ ୯୦୪୦୧୧୯୨୧୬ ଓ ୯୮୬୧୩୩୦୫୪୬ ରେ ପୂର୍ବାହ୍ନ ୧୧ଟା ପୂର୍ବରୁ ଯୋଗାଯୋଗ କରିବାକୁ ଟ୍ରଷ୍ଟର ପ୍ରତିଷ୍ଠାତା ରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି ।

## ଜିଲ୍ଲାର ତୃତୀୟ କୋଭିଡ ହସପିଟାଲରେ ସଂକ୍ରମିତଙ୍କ ଚିକିତ୍ସା ଆରମ୍ଭ

କେନ୍ଦ୍ରାପଡ଼ା,୧୯/୫ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ କୋଭିଡ ହସପିଟାଲ ଭାବେ ପରିବର୍ତନ କରାଯିବା ପରେ ସେଥିରେ ସଂକ୍ରମିତ ମାନଙ୍କ ଚିକିତ୍ସା ଆରମ୍ଭ କରାଯାଇ ଥିବା ସୂଚନା ମିଳିଛି । ଜିଲ୍ଲାର ଏହି ତୃତୀୟ କୋଭିଡ ହସପିଟାଲକୁ ଜରୁରୀକାଳୀନ ଭିତିରେ ପ୍ରସ୍ତୁତି କରାଯାଇ ୧୫୦ ଜଣ ଚିକିତ୍ସା ହେଲାଭଳି ଆନୁସଙ୍ଗୀକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ବିଚାର ବିଭାଗୀୟ କର୍ମଚାରୀଙ୍କ ପାଇଁ ଏହି କୋଭିଡ ଚିକିତ୍ସାଳୟରେ ୫୦ଟି ଶଯ୍ୟା ଓ ଆଇସିୟୁ ୟୁନିଟ୍ ପ୍ରସ୍ତୁତ ରଖାଯାଇ ସ୍ୱତନ୍ତ୍ର ଦୃଷ୍ଟି ଦିଆ ଯାଇଛି । ଏଥି ସହିତ ଆଇନଜୀବି ଓ ସାମ୍ବାଦିକ ମାନଙ୍କ ପାଇଁ ମଧ୍ୟ ଏହି କୋଭିଡ ହସପିଟାଲରେ ସ୍ଥାନ ସଂରକ୍ଷଣ ରଖାଯାଇଛି ।

## ଜୟପୁରରୁ ଗଡିଲା ରାଜସ୍ୱ ରଥ: ଘରେ ଘରେ ପହଂଚି ଯୋଗାଇବ ସେବା

ଜୟପୁର,୧୯/୫ (ନି.ପ୍ର): ଜୟପୁର ତହସିଲରୁ ବାହାରିଲା ରାଜସ୍ୱ ରଥ । ଏହି ରଥକୁ ସବୁଜ ପତକା ଦେଖାଇ ଜୟପୁର ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ପା ଆଜି ଶୁଭାରମ୍ଭ କରିଥିଲେ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା କରୋନା ମହାମାରି ସମୟରେ ଲକ୍ ଡାଉନ ଓ ସଟ୍ ଡାଉନ ଜାରି ରହିଥିବା ବେଳେ ଜୟପୁର ତହସିଲ ଅଂଚଳର ଲୋକ ମାନେ ତହସିଲ କାର୍ଯ୍ୟାଳୟର ମୋ ସେବା କେନ୍ଦ୍ରକୁ ଆସିପାରୁ ନାହାନ୍ତି ଓ ରାଜସ୍ୱ ସେବା ପାଇ ପାରୁ ନାହାଁନ୍ତି ସେମାନଙ୍କ ଘରକୁ ଯାଇ ଆବଶ୍ୟକିୟ ସେବା ଯୋଗାଇବା ଉଦ୍ୟମ ଆରମ୍ଭ ହୋଇଛି । ଏହି ରଥ ଘରକୁ ଘର ଯାଇ ରାଜସ୍ୱ ସେବା ଯୋଗାଇବ । ଯେପରି କି ପଟ୍ଟା, ପ୍ରାମାଣପତ୍ର, ବଂଟନ କରିବା ଆଦି ରହିଛି । ବର୍ତମାନ କରୋନା ମହାମାରୀ ଯୋଗୁଁ ବସ୍ ଚଳାଚଳ ବନ୍ଦ ରହିଛି । ଗ୍ରାମାଚଂଳରେ ଇଂଟରନେଟ ସୁବିଧା ମଧ୍ୟ ନାହିଁ । ସେଥି ଯୋଗୁଁ ସରକାରଙ୍କ ତରଫରୁ ଏହି ପଦକ୍ଷେପ ନିଆଯାଇଛି । ମଙ୍ଗଳବାର ରଣ୍ଡାପାଲ୍ଲିର ସାନ କାଉଡି ଗ୍ରାମରେ ହିତାଧିକାରୀଙ୍କୁ ୧୨ଟି ଜଙ୍ଗଲ ଜମି ପଟ୍ଟା ବଂଟନ କରିବା ସହ ଜାମୁଣ୍ଡାର ଜରାଇକେରା ଗ୍ରାମରେ ୧୦ଟି ଜାତି ପ୍ରମାଣ ପତ୍ର, ୧୦ଟି ରେସିଡେନ୍ସ ସାର୍ଟିଫିକେଟ, ୬ଟି ଆୟ ସାର୍ଟିଫିକେଟ ସହିତ ୬ଟି ଜଙ୍ଗଲ ଜମି ପଟ୍ଟା ବଂଟନ କରାଯାଇଛି । କୌଣସି ଲୋକଙ୍କ ଅଭିଯୋଗ ଥିଲେ ଅଭିଯୋଗ ପତ୍ର ମଧ୍ୟ ଗ୍ରହଣ କରାଯାଇଛି । ଏହି ପରିସ୍ଥିତିରେ ତହସଲି ଅଫିସ ନ ଆସିବା ପାଇଁ ଏପରି ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମରେ ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ପା, ସୁପରଭାଇଜର ଟୁନା ପଟ୍ଟନାୟକ, ଆରଆଇ ରାକେଶ କୁମାର ସାହୁ, ଜୁମୁଣ୍ଡା ଆରଆଇ ହରି ଜାନି ପ୍ରମୁଖ ଉପସ୍ଥିତ ଥିଲେ ।

## ପଂଚାୟତ ଉନ୍ନତି ପାଇଁ ଦାବିପତ୍ର

ପୁରୀ,୧୯/୫ (ନି.ପ୍ର): ବିଗତ ୫ବର୍ଷ ମଧ୍ୟରେ ପୁରୀ ସଦର ବ୍ଲକ ର ବାଲିପଡ଼ା ଗ୍ରାମ ପଂଚାୟତ ରେ କଣ ସରକାରୀ କାମ ହୋଇଛି ସେ ସମ୍ପର୍କରେ ଜିଲ୍ଲା ଗ୍ରାମ୍ୟ ଉନୟନ ସଂସ୍ଥା ର ପ୍ରକଳ୍ପ ନିର୍ଦ୍ଦେଶକ ଙ୍କୁ ଏକ ଦାବିପତ୍ର ପଂଚାୟତ ବାସିନ୍ଦା ଦେଇଛନ୍ତି । ୧୪ୱାର୍ଡ ରେ କଣ କାମ ହୋଇଛି ୱାର୍ଡ ବାସି ମଧ୍ୟ ଜାଣି ନାହାନ୍ତା ରାସ୍ତା, ବିଦ୍ୟୁତ, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ବ୍ୟବସ୍ଥା ସମ୍ପର୍କ ରେ ଜଣାଇଥିଲେ । ୫ବର୍ଷ ରେ ସରପଂଚ ଙ୍କ ହାତପାଣ୍ଠି କଣ ହୋଇଛି ପଂଚାୟତବାସୀ ଜାଣି ନାହାନ୍ତି । ଏ ସମ୍ପର୍କ ରେ ଅଧିକାରୀ ନୀତି ରଂଜନ ସେନ ସବୁ ଶୁଣିବା ସହ ସରକାରୀ ବ୍ୟବସ୍ଥା କଣ ହୋଇଛି ବିଡ଼ିଓ ଙ୍କ ସହ କଥା ହୋଇଥିଲେ । ପଂଚଯାତ ରେ ଏକ ଆମ୍ବୁଲାନ୍ସ ଓ ପୋଲିସ ଆଉଟ ପୋଷ୍ଟ ପାଇଁ ପ୍ରୟାସ କରାଯିବ । ସ୍ୱସ୍ଥ ପଂଚାୟତ ପାଇଁ ସବୁ ସହଯୋଗ କରାଯିବ ବୋଲି ଶ୍ରୀ ସେନ କହି ଥିଲେ କ୍ଷ ଆଇନଜୀବୀ ରାମଚନ୍ଦ୍ର ମହାପାତ୍ର, ନାରାୟଣ ନନ୍ଦ ଓ ପ୍ରତାପ ମହାପାତ୍ର ଦାବିପତ୍ର ଦେବା ସହ ଆଲୋଚନା କରିଥିଲେ କ୍ଷ ଆଗକୁ ପଂଚାୟତ ର ଉନ୍ନତି ପାଇଁ ଯୁବକ ମାନେ ବିଭିନ୍ନ ଅଧିକାରୀ ମାନଙ୍କ ସହ ଆଲୋଚନା କରିବେ ବୋଲି ନିଷ୍ପତି ହୋଇଛି । ପଂଚାୟତ ରେ ଏକ ଉନ୍ନତମାନ ର ଖେଳପଡିଆ, ଅତ୍ୟାଧୁନିକ ପାଠାଗାର ପାଇଁ ଅଧିକାରୀ ଙ୍କ ସହ ଆଲୋଚନା କରାଯିବ ।

## ରଥ ଖଳାରୁ : ୯ତୁମ୍ବ କଟାଗଲା, କମାରଶାଳ ଆରମ୍ଭ

ପୁରୀ,୧୯/୫ (ନି.ପ୍ର): ଆଜି ପୂର୍ବାହ୍ନରେ ରଥଖଳା ଠାରେ ଉପସ୍ଥିତ ୫୧ ଜଣ ରଥ ନିର୍ମାଣରେସମ୍ପୃକ୍ତ ସେବକ ମାନଙ୍କର ଥର୍ମାଲସ୍କ୍ରିନିଂ କରାଯାଇଥିଲା । ତିନି ରଥରମୋଟ ୨୮ ଜଣ ମହାରଣା, ୪ଜଣ କରାତି ସେବକ, ୧୨ ଜଣ ଭୋଇସେବକ, ୧ ଜଣ ତୁମ୍ବ ବିନ୍ଧ କାରିଗରଏବଂ ୬ଜଣ କମାର ସେବକ ଏହିପରି ମୋଟ ୫୧ଜଣ ରଥ ନିର୍ମାଣକାରୀ ସେବକ ନିଜ ନିଜର କାର୍ଯ୍ୟ ଆରମ୍ଭ କରିଥିଲେ ।ରଥଚକ ପାଇଁ କରତି ସେବକ ଗତ କାଲି ସୁଦ୍ଧା ତିନି ରଥ ପାଇଁ ତିନୋଟିଲେଖାଏଁ ତୁମ୍ବକଟିଙ୍ଗ ବା ଗଡ଼ କରିମହାରଣା ମାନଙ୍କୁ ଯୋଗାଇଥିଲେ ।ତିନି ରଥର ମହାରଣା ମାନେ ପ୍ରତ୍ୟେକଙ୍କର ୩ଟିଲେଖାଁ ତୁମ୍ବ କୁବାରିସୀ ରେ ହାଣି ପ୍ରାଥମିକ କାର୍ଯ୍ୟଶେଷ କରିଥିଲେ । ଆଜି କରାତି ସେବକ ମାନେ ଆଉ ୯ଗୋଟି ତୁମ୍ବଗଡ଼ କରି ତିନି ରଥ ମହାରଣା ମାନଙ୍କୁ ରଥ ଭୋଇ ସର୍ଦାର ଏବଂସାଥି ଭୋଇ ସେବକଙ୍କ ସହାୟତାରେ ତିନି ରଥ ମହାରଣାମାନଙ୍କୁ ଆଉ ତିନୋଟି ଲେଖାଏଁ ତୁମ୍ବ ଯୋଗାଇଦିଆଯାଇଥିଲା ।ତିନି ରଥ ମହାରଣାମାନେତୁମ୍ବ ଗୁଡିକୁ ବାରିସୀରେ ହାଣି ତାହାର ପ୍ରାଥମିକ କାର୍ଯ୍ୟଶେଷ କରିବାକୁ ପାୟସ ଜାରି ରଖିଛନ୍ତି ।ଗତକାଲି ଠାରୁ ଦୋଳ ବେଦିଠାରେ ତିନି ରଥର ତିନିଜଣ ମୁଖ୍ୟକମାର ସେବକଶାଳ ପ୍ରସ୍ତୁତ କରିସାଜ ସରଞ୍ଜାମ ପ୍ରସ୍ତୁତି କାର୍ଯ୍ୟ ସାରିଥିଲେ , ଆଜି ୩ରଥର କମାରସେବକ ମାନେ ୫ଗଣ୍ଡା ଲେଖାଏଁ ଅରକଂଟା ପ୍ରସ୍ତୁତ କରିବା ସହଅଧିକ ଅର କଂଟା ପ୍ରସ୍ତୁତ ପାଇଁ ଲୁହାରଡ଼ କଟିଙ୍ଗ କାର୍ଯ୍ୟ କରୁଛନ୍ତି ।

# ଅଜବ ବିଶ୍ୱାସର ମନ୍ଦିର

### ଭାରତର ବିଭିନ୍ନ ସ୍ଥାନରେ ରହିଛି ଏପରି ମନ୍ଦିର, ଯାହାର ପରମ୍ପରା ଆଉ ବିଶ୍ୱାସ କାହାକୁ ବି ଚକିତ କରିଦେବ....

**ଲଙ୍କାଗୁଣ୍ଡ ବୋଳିହୋଇ ନିଆଁରେ ଚାଲନ୍ତି ଭକ୍ତ :**

ଭାରତର ବିଭିନ୍ନ ମନ୍ଦିରରେ ଭିନ୍ନଭିନ୍ନ ପରମ୍ପରା ଦୃଷ୍ଟି ଗୋଚର ହୋଇଥାଏ । ବେଳେବେଳେ ଏହା ଆଧୁନିକ ବିଜ୍ଞାନକୁ ଚ୍ୟାଲେଞ୍ଜ କରିଥାଏ । ମାତ୍ର ଏହା ରହସ୍ୟ ଖୋଜିବାକୁ ବିଜ୍ଞାନ ସକ୍ଷମ ହୋଇପାରେନା । ଏଭଳି ଏକ ଅଜବ ପରମ୍ପରା ତାମିଲନାଡୁ ଇଦ୍ୱା*ଓ୍ୱାଡି ଗାଁରେ ଥିବା ବର୍ନାମୁର୍ତୁ ମରିୟମନ୍ ମନ୍ଦିରରେ ଅତି ପ୍ରାଚୀନ କାଳରୁ ଚଳି ଆସୁଛି । ଏଠାରେ ପ୍ରତିବର୍ଷ ୮ ଦିନ ବ୍ୟାପି ବାର୍ଷିକ ଉତ୍ସବ ପାଳିତ ହୋଇଥାଏ । ଏହି ଅବସରରେ ମନ୍ଦିରର ତିନି ପ୍ରମୁଖ ଭକ୍ତଙ୍କୁ ଲଣ୍ଡା କରାଯାଇ ସେମାନଙ୍କ ଶରୀରରେ ଚନ୍ଦନ, କୁଙ୍କୁମ, ଅତର, ହଳଦୀ ସହିତ ଲାଲ୍ ଲଙ୍କାଗୁଣ୍ଡ ବୋଳି ଦିଆଯାଇଥାଏ । ସେମାନଙ୍କୁ କିଛି ଗୁଣ୍ଡ ମଧ ସେବନ କରିବାକୁ ଦିଆଯାଇଥାଏ । ସେଠାରେ ସେମାନଙ୍କୁ ଜଳୁଥିବା ଅଙ୍ଗାରରେ ଚାଲିବାକୁ ହୋଇଥାଏ । ଏହାଦ୍ୱାରା ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହି ଉତ୍ସବକୁ ଲଙ୍କା ଅଭିଷେକ କୁହାଯାଇଥାଏ ।





**ପ୍ରେମିକ ପ୍ରେମିକାଙ୍କ ବିଚ୍ଛେଦ ପାଇଁ ହୁଏ ପୂଜା :**

ଉ ରପ୍ରଦେଶ ସାହାରନ ପୁରରେ ରହିଛି ଶ୍ରୀବାଲାଜୀ ମହାରାଜଙ୍କ ମନ୍ଦିର । ମନ୍ଦିରରେ ହନୁମାନଙ୍କ ବାଳ ସ୍ୱରୂପ ପୂଜା ହୋଇଥାନ୍ତି । ଏଠାରେ ଯୁବତୀ ଯୁବକଙ୍କ ମୁଣ୍ଡରେ ପ୍ରେମ ନିଶା ଉ ରିବା ଲାଗି କରାଯାଇଥାଏ ପୂଜା । ସେଥିପାଇଁ ଏଠାରେ କୌଣସି ପ୍ରେମୀଯୁଗଳ ପାଦ ପକାଇ ନଥାନ୍ତି । ପରିବାରର ଇଛା ବିରୋଧରେ ପ୍ରେମ ବିବାହ କରିବାକୁ ଜିଦ୍ ଧରିଥିବା ଯୁବତୀ ଯୁବକଙ୍କ ସମ୍ପର୍କୀୟ ମନ୍ଦିରରେ ଆସି ପୂଜାର୍ଜନା କଲେ ସୁଫଳ ମିଳିଥାଏ ବୋଲି ରହିଛି ବିଶ୍ୱାସ । ପୂଜା ପରେ ଆଶ୍ଚର୍ଯ୍ୟ ଭାବେ ଯୁବତୀ ଯୁବକମାନେ ନିଜ ଜିଦ୍‌ରୁ ଓହରି ଆସି ପରିବାର ଇଚ୍ଛାନୁସାରେ ବିବାହ କରୁଥିବା ସ୍ଥାନୀୟ ଲୋକେ କୁହନ୍ତି । ପ୍ରତି ମଙ୍ଗଳବାର ମନ୍ଦିରରେ ଏଥିଲାଗି ସ୍ୱତନ୍ତ୍ର ପୂଜା କରାଯାଇଥାଏ ।

ସ୍ତନକର୍କଟ ନହେବା ପାଇଁ ହୁଏ ପୂଜା :

**ଏବେ ବି ଆସନ୍ତା ଅଶ୍ୱତ୍ଥମା :**

ମହାଭାରତର ଅଶ୍ୱତ୍ଥମା ଆଜି ବି ମା'ଙ୍କ ମନ୍ଦିରରେ ପୂଜା କରନ୍ତି । ଦ୍ୱିପର ଯୁଗର କିଛି କଥା ସହିତ ଜଡିତ ଥିବା ଉ ର ପ୍ରଦେଶର ଇଟାଓ୍ୱା ଜିଲ୍ଲାରେ ଯମୁନା ନଦୀ କୂଳରେ ଅବସ୍ଥିତ ମା' କାଳୀଙ୍କ ମନ୍ଦିର ବିଷୟରେ ମାନ୍ୟତା ରହିଛି । ମହାଭାରତର ଅଶ୍ୱତ୍ଥମା ଏବେବି ଅଦ୍ଭୁତ ରୂପରେ ଆସି ସର୍ବପ୍ରଥମେ ଏଠାରେ ପୂଜାର୍ଚ୍ଚନା କରିଥାନ୍ତି । ଇଟାଓ୍ୱା ସଦର ମୁଖ୍ୟାଳୟରୁ ମାତ୍ର ୫ କିଲୋମିଟର ଦୂରରେ ଥିବା ଯମୁନା ନଦୀ କୂଳରେ ଅବସ୍ଥିତ ଏହି ମନ୍ଦିରରେ ନବରାତ୍ରି ସମୟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ । ନିଜ ମନସ୍କାମନା ପୂରଣ କରିବା ପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ଏଠାକୁ ଆସିଥାନ୍ତି । ମନ୍ଦିରର ମୁଖ୍ୟ କହିବାନୁଯାୟୀ ସେ ପ୍ରାୟ ୪୦ ବର୍ଷ ହେଲାଣି ଏହି ମନ୍ଦିରରେ ସେବା କରିଆସୁଛନ୍ତି । ତାଙ୍କ ମତରେ ମନ୍ଦିର ବନ୍ଦ ହେବା ପୂର୍ବରୁ ମୂ ର୍ତ୍ତିରୁ ସବୁ ଶୁଖିଯାଇଥିବା ଫୁଲଗୁଡିକୁ ବାହାର କରିଦିଆଯାଇଥାଏ କିନ୍ତୁ ସକାଳେ ଯେତେବେଳେ ମନ୍ଦିର ଖୋଲାଯାଏ ମନ୍ଦିର ଗର୍ଭଗୃହରେ ଫୁଲ ଗୁଡିକ ଏକଦମ ସତେଜ ଅବସ୍ଥାରେ ରହିଥାଏ । ଯାହା ପ୍ରମାଣ କରେ ଯେ କେହିନା କେହି ଛଦ୍ମ ରୂପରେ ଆସି ପୂଜା କରିଥାଆନ୍ତି । ଶାସ୍ତ୍ରରେ ଉଲ୍ଲେଖ ଅଛି ଯେ, ମହାଭାରତର ଅଶ୍ୱତ୍ଥମା ମା'ଙ୍କ ମନ୍ଦିରରେ ଆସି ରାତିରେ ପୂଜା କରିଥାନ୍ତି ।



# ଘରେ ପ୍ରସ୍ତୁତ କରନ୍ତୁ ସ୍ୱାଦିଷ୍ଟ ଭେଜିଟେବୁଲ ଜଲଓ୍ୱା



**ଆବଶ୍ୟକ ସାମଗ୍ରୀ:** ଆଳୁ, ଫୁଲକୋବି, ଗାଜର, କ୍ୟାପସିକମ , ବିନ୍ସ, କଦଳି ମଞ୍ଜା, ଲୁଣ, ହଳଦୀ, ନଡ଼ିଆ, କଞ୍ଚା ଲଙ୍କା, ଶୁଖିଲା ଲଙ୍କା, ଆମ୍ବ କଷିଆ ଅଦା, ଧନିଆପତ୍ର, ଅଦା, ରସୁଣ, ଲୁଣ, ରିଫାଇନ୍ ତେଲ, କର୍ଣ୍ଣଫ୍ଲୋର, ବ୍ରେଡକର୍ଣ୍ଣ, ଜୀରା, ଭୃଷଙ୍ଗପତ୍ର, ଟମାଟୋସସ୍ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଆଳୁ, ଫୁଲକୋବି, ଗାଜର ଓ ବିନ୍ସକୁ ସିଝାଇ ଦିଅନ୍ତୁ। କଦଳି ମଞ୍ଜାରେ ଲୁଣ, ହଳଦୀ ଗୋଳାଇ ତାକୁ ସିଝାଇ ଦିଅନ୍ତୁ। ସେଥିରେ ନଡ଼ିଆ କୋରା ବଟା, କଞ୍ଚା ଲଙ୍କା, ଆମ୍ବ କଷିଆ ଅଦା, ଓ ଧନିଆପତ୍ର ପକାଇ ପୂର ପ୍ରସ୍ତୁତ କରନ୍ତୁ।

ଏହାପରେ ସିଝା ପରିବାକୁ ଚକଟି ସେଥିରେ କଟା ଅଦା, କଟା ରସୁଣ ଓ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ପରେ ପରିବା ଚକଟାକୁ ଗୋଲ ଗୋଲ ପିଠା ଆକାରର କରି ତା' ଭିତରେ ମଞ୍ଜା ପୁର ଦେଇ ଗଡ଼ି ରଖନ୍ତୁ।

କରେଇରେ ତେଲ ଗରମ କରି ଗଡ଼ା ଯାଇଥିବା ପରିବା ଗୁଳାକୁ କର୍ଣ୍ଣଫ୍ଲୋର ଗୋଳାରେ ବୁଡ଼ାଇ ବ୍ରେଡକର୍ଣ୍ଣରେ ପକାଇ ଛାଣି ରଖନ୍ତୁ।

ପୁଣି କରେଇରେ ତେଲ ଗରମ କରି ଜୀରା, କଟା କଞ୍ଚାଲଙ୍କା, ଶୁଖିଲା ଲଙ୍କା, ଭୃଷଙ୍ଗପତ୍ର, ଲୁଣ, ଟମାଟୋସସ୍, କଟା କ୍ୟାପସିକମ ଓ ଅଳ୍ପ ପାଣି ଦେଇ ଗୋଳାନ୍ତୁ।

ମସଲା ହୋଇଯିବା ପରେ ଛଣା ଯାଇଥିବା ଭେଜିଟେବୁଲ ବଲକୁ ପକାଇ ଏକରୁ ୨ ମିନିଟ୍ ପରେ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଏଥର ଗରମାଗରମ ପରଷନ୍ତୁ ଭେଜିଟେବୁଲ ଜଲଓ୍ୱା।

# ବାସ୍ତୁଶାସ୍ତ୍ରର ନିୟମ

♦ ଘରର ସୁଖ ସମୃଦ୍ଧି ତଥା ପରିବାର ସଦସ୍ୟଙ୍କ ଆପୋଷ ବୁଝାମଣା ନିମନ୍ତେ ମୁରବିମାନେ ଅପେକ୍ଷାକୃତ ଅଧିକ ସଚେତନ । ଯେ କୌଣସି ପରିସ୍ଥିତିରେ ମଧ କଳିଝଗଡ଼ା ଅବା ଅଶାନ୍ତି ନ ଉପୁଜୁ, ଏଥି ନିମନ୍ତେ ବର୍ତ୍ତମାନ ପରିସ୍ଥିତିରେ ଲୋକେ ବାସ୍ତୁଶାସ୍ତ୍ରର ନିୟମକୁ ସାଦରେ ଗ୍ରହଣ କରୁଛନ୍ତି ।

♦ ବାସ୍ତୁବିତ୍‌ଙ୍କ ମତରେ ଘର ତିଆରି ସମୟରେ ଦକ୍ଷିଣ ଓ ପଶ୍ଚିମ ପାଖର କାନ୍ଥ ଓ ପାଚେରି ପୂର୍ବ ଓ ଉତ୍ତର ପାଖଠାରୁ ଅଧିକ ମୋଟା ଓ ଉଚ୍ଚ ହେବା ଦରକାର । ଏହା ପରିବାର ସଦସ୍ୟଙ୍କ ନିମନ୍ତେ ସୌଭାଗ୍ୟ ଆଣିଥାଏ ।

♦ ଫ୍ଲାଟ କିମ୍ବା ଘର କିଣୁଥିଲାବେଳେ ଦୃଷ୍ଟିରେ ରଖିବେ ଯେ ଯେପରି ରାସ୍ତା ତୁଳନାରେ ଆର୍ଥିକ ଅସୁବିଧା ସହ ଘରେ ନିୟମିତ କଳିଝଗଡ଼ା ଉପୁଜିଥାଏ ।

♦ ବିପଦ ଟାଳିବାକୁ ଚାହୁଁଥିଲେ, ଘରର ଦକ୍ଷିଣ-ପଶ୍ଚିମ ଦିଗରେ ଚାରାରୋପଣ କରନ୍ତୁ । ବୃକ୍ଷ ଘରେ ସ୍ଥିରତା ଆଣିବା ସହ ଦୁର୍ଭାଗ୍ୟ ଟାଳିଥାଏ ବୋଲି ବାସ୍ତୁବିତଙ୍କ ମତ ।

♦ ଘରର ମୁଖ୍ୟ ଦୁଆରକୁ ସବୁବେଳେ ପରିଷ୍କାର ପରିଚ୍ଛିନ୍ନ ରଖିବା ଜରୁରୀ । ଏହା ନକରାତ୍ମକ ଶକ୍ତି ଦୂର କରିଥାଏ ।

♦ ରୋଷେଇଘର ଓ ସ୍ନାନାଗାର ପାଖାପାଖି କିମ୍ବା ଗୋଟିଏ କାନ୍ଥର ଏପାଖ ସେପାଖ ହେବା ଅନୁଚିତ ।

♦ ଘର ବାଲକୋନିରେ ବାଇଗଣି ରଙ୍ଗର ଫୁଲଗଛ ଲଗାନ୍ତୁ । ଏହା ମଧ ସୁଖସମୃଦ୍ଧି ବୃଦ୍ଧି କରିବାରେ ଖୁବ୍ ସହାୟକ ।

# ଏହି ଲକ୍‌ଡାଉନ୍‌ରେ ବନାନ୍ତୁ ନିଜର ଖାଦ୍ୟ ତାଲିକା

**ଲକ୍‌ଡାଉନ୍ ସମୟରେ ଘରେ ବସି ବସି ଅନ୍ୟ କିଛି କାମ ନଥିବାରୁ ଲୋକଙ୍କ ମୁଖ୍ୟ ଧ୍ୟାନ ଖାଦ୍ୟ ଉପରେ। ମାତ୍ର ସତର୍କ ରୁହନ୍ତୁ। ପାଟି ସୁଆଦକୁ ଧ୍ୟାନ ଦେଇ ନିଜ ଶରୀର ଅସୁସ୍ଥ କରି ପକାନ୍ତୁ ନାହିଁ। ନିଜ ଶରୀରର ଓଜନକୁ ଆୟରେ ରଖିବା ପାଇଁ ଆପଣ ବଛା ବଛା କିଛି ଖାଦ୍ୟକୁ ନିଜ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ୍ କରନ୍ତୁ।**

♦ ଆମ୍ବ ଋତୁ ଚାଲୁଥିବାରୁ ଏବେ ବଜାରରେ ଭରପୂର ଆମ୍ବ ଉପଲବ୍ଧ। ଆପଣ ଅନ୍ୟ ଖାଦ୍ୟ କମ୍ ଖାଇ ଆମ୍ବ ଟିକେ ବେଶି ପରିମାଣର ଖାଆନ୍ତୁ। ଏଥରେ ଓଜନ ବଢ଼ିବ ନାହିଁ ଏବଂ ଏହା ଦେହ ପାଇଁ ବି ଖୁବ୍ ଭଲ।

♦ ଖାଦ୍ୟରେ ସାଲାଡ୍ ନିଶ୍ଚୟ ସାମିଲ୍ କରନ୍ତୁ। ଗାଜର, କାକୁଡ଼ି, ବିଲାତି ବାଇଗଣ ଓ ଦହି ମିଶାଇ ସାଲାଡ୍ କରନ୍ତୁ।

♦ ଏହା ବ୍ୟତୀତ ଆପଣ ଷ୍ଟ୍ରବେରି, ଲିଚି ଓ ଅନ୍ୟାନ୍ୟ ଫଳ ଜଳଖିଆ ସମୟରେ ଖାଇପାରିବେ।

ଘରେ ବସି ବସି ସବୁବେଳେ ତେଲଭାଜି ଖାଦ୍ୟ ଖାଇ ନିଜ ଶରୀର ଖରାପ କରନ୍ତୁ ନାହିଁ। ପିଜୁଳି ଓ ଅମୃତଭଣ୍ଡା ଉପଲବ୍ଧ ହେଉଥିଲେ ଯଥେଷ୍ଟ ପରିମାଣର ଖାଆନ୍ତୁ। ଏହା ମଧ ଶରୀର ପାଇଁ ଖୁବ୍ ଭଲ ହୋଇଥାଏ।

♦ ଯେତେ ପାରୁଛନ୍ତି ଖିର, ଅଣ୍ଡା ଆଦି ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଆପଣ ଜାଣନ୍ତି ଯେ ଏହି କରୋନା କାଳରେ ଉପଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ହିଁ ଆମେ ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିପାରିବା।



# ସିଲ୍କ ଦେଉଛି ଟ୍ରେଣ୍ଡିଂ ଲୁକ୍

ଭାରତୀୟ ସଂସ୍କୃତି ଓ ପରମ୍ପରାରେ ପର୍ବପର୍ବାଣି, ବିବାହ, ବ୍ରତୋତ୍ସବ ଆଦି ଦିନଗୁଡିକରେ ଲୋକ ସିଲ୍କ ବେଶପୋଷାକ ପିନ୍ଧୁଥିବା ନିଜର ରହିଛି । ବନାରସୀ ସିଲ୍କ କେବଳ ଶାଢୀରେ ସୀମିତ ନାହିଁ । ଏହାକୁ ପୁରୁଷମାନଙ୍କ ପାଇଜାମା, ସେରଓ୍ୱାନୀ ଏବଂ ଡିଜାଇନର୍ କୋଟ୍ ଆଦିରେ ଅଧିକ ବ୍ୟବହାର କରାଯାଉଛି । ସିଲ୍କ ବେଶପୋଷାକରେ ଓ୍ୱେଷ୍ଟର୍ଣ୍ଣ ଫ୍ୟୁଜନ୍ କରାଯାଉଥିବାରୁ ଏହା ପାରମ୍ପରିକ ଅପେକ୍ଷା ଟ୍ରେଣ୍ଡି ଲୁକ୍ ଦେଉଛି, ଯାହାକୁ ଯୁବପିଢି ଅଧିକ ପସନ୍ଦ କରୁଛନ୍ତି । ବର୍ତ୍ତମାନ ବଡବଡ ଫେସନ୍ ଶୋ'ରେ ବି ମଡେଲ୍‌ମାନେ ସିଲ୍କ ପୋଷାକରେ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରୁଥିବାର ଦେଖିବାକୁ ମିଳୁଛି । ଦେଶବିଦେଶର ବହୁ ଡିଜାଇନର ଏଭଳି ସିଲ୍କ ଫ୍ୟାବ୍ରିକ୍‌କୁ ଫ୍ୟୁଜନ୍‌କ ରୂପ ଦେଇ ନୂଆ ନୂଆ ଏକ୍ସପେରିମେଣ୍ଟ କରୁଛନ୍ତି, ଯାହାକି ବେଶ୍ ଲୋକାଦୃତ ହୋଇପାରୁଛି ।





# ବିଶ୍ୱର ପ୍ରଥମ ଆଇସ୍ ହୋଟେଲ ପ୍ରତିବର୍ଷ ନିର୍ମାଣ ହୁଏ ଏବଂ ନଦୀରେ ପରିଣତ ହୋଇଯାଏ



ଦୁନିଆରେ ବହୁ କଳାକୃତି ରହିଛି ଯାହାକୁ ଦେଖି ଆମେ ଅଚମ୍ଭିତ ହୋଇପଡୁ । ଏଭଳି ଏକ କଳାକୃତି ହେଉଛି ସ୍ୱିଡେନ୍‌ର ଆଇସ୍ ହୋଟେଲ । ଏହି ହୋଟେଲଟି ବିଶ୍ୱର ପ୍ରଥମ ବରଫ ନିର୍ମିତ ହୋଟେଲର ମାନ୍ୟତା ପାଇଛି । ଯାହା ବସନ୍ତ ଋତୁରେ ତରଳି ନଦୀରେ ପରିଣତ ହୋଇଯାଏ । ସ୍ୱିଡେନ୍‌ର ଜ୍ୟୁକାସଜେରଭିରେ ଆର୍କଟିକ୍ ସର୍କଲର ଉତ୍ତରରେ ପ୍ରାୟ ୧୨୪ ମିଲ୍ ଦୂରରେ ଏହା ଅବସ୍ଥିତ । ପ୍ରତିବର୍ଷ ଶୀତଋତୁରେ ଏହି ହୋଟେଲକୁ ନିର୍ମାଣ କରାଯାଏ ଏବଂ ପାଞ୍ଚ ମାସ ପରେ ଏଡା ନଦୀରେ ପରିଣତ ହୋଇଯାଏ । ଏହି ହୋଟେଲକୁ ଟୋର୍ଣ୍ଣ ନଦୀର ସହାୟତାରେ ନିର୍ମାଣ କରାଯାଇଥାଏ । ଏହା ସୋଲାର ପାଓ୍ୱାର ଟେକ୍ନୋଲୋଜି ଦ୍ୱାରା ସମ୍ଭବ ହୋଇପାରିଛି । ଚଳିତ ବର୍ଷ ଏହି ହୋଟେଲକୁ ନିର୍ମାଣ କରିବା ଲାଗି ୩ ଦେଶର ୧୪ ଜଣ କଳାକାରଙ୍କୁ ଡକାଯାଇଥିଲା । ପର୍ଯ୍ୟଟକଙ୍କ ଲାଗି ଏହି ହୋଟେଲରେ ଏକ ରେଷ୍ଟୋରାଣ୍ଟ, ୧୨ ଟି ବେଡ୍ ରୁମ୍, ଆଇସ୍ ବାର୍ ଏବଂ ବହୁ ସୁନ୍ଦର କାରୁକାର୍ଯ୍ୟ ନିର୍ମାଣ କରାଯାଇଛି । ଏହି ହୋଟେଲକୁ ଦେଖିବା ଲାଗି ପ୍ରତିବର୍ଷ ୭୦ ହଜାର ପର୍ଯ୍ୟଟକ ଆସିଥାନ୍ତି । ଏହାକୁ ୧୯୮୯ ମସିହାରେ ପ୍ରଥମେ ନିର୍ମାଣ କରାଯାଇଥିଲା । ତେବେ ଚଳିତ ବର୍ଷ ଏହି ହୋଟେଲ ୩୦ ତମ ବର୍ଷପୂର୍ତ୍ତି ମନାଉଛି । ଏଥିଲାଗି ହୋଟେଲର ସଂସ୍ଥାପକ ଯଙ୍ଗଓ୍ୱେ ବର୍ଗକ୍ୱିଷ୍ଟ ଏକ ସ୍ୱତନ୍ତ୍ର ପ୍ରକାରର ମିଠା ତିଆରି କରିଛନ୍ତି, ଯାହାକୁ ୧୬ଟି ଦେଶର ୩୩ଜଣ କାରିଗର ମାତ୍ର ଏକ ସପ୍ତାହ ମଧ୍ୟରେ ପ୍ରସ୍ତୁତ କରିଛନ୍ତି । ଏଠାକାର ତାପମାତ୍ରା ମାଇନସ୍ ୧୮ରୁ ୪୦ ଡିଗ୍ରୀ ରହିଥାଏ ।



# ସ୍ତନ କର୍କଟ ନହେବା ପାଇଁ

ତିରିଶ ବର୍ଷ ପରେ ମହିଳାମାନେ ସ୍ତନ କର୍କଟରେ ଆକ୍ରାନ୍ତ ହେଉଥିବାର ଦୃଷ୍ଟାନ୍ତ ଅଧିକ। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଭାରତରେ ପ୍ରତି ତିରିଶ ଜଣରେ ଜଣେ ମହିଳା ସ୍ତନ କର୍କଟରେ ଆକ୍ରାନ୍ତ ହେଉଛନ୍ତି। ସାବଧାନ ତଥା କେତେକ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ ଦ୍ୱାରା ସ୍ତନ କର୍କଟ ଆଶଙ୍କା ରହେନାହିଁ। ନିତିଦିନିଆ ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ। ଠିକ୍ ସମୟରେ ଶୋଇବା ଓ ଉଠିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସନ୍ତୁଳିତ ତଥା ଭିଟାମିନ ଡି, ସି ଏବଂ ବି-୧୨ ପେଷାକଯୁଯକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ତାଜା ଫଳ, ସବୁଜ ପନିପରିବା, ଶାଗ ସାମିଲ କରନ୍ତୁ। କଂଚା ରସୁଣ କର୍କଟ ପ୍ରତିରୋଧକ ହୋଇଥିବାରୁ ପ୍ରତିଦିନ ଖାଦ୍ୟରେ ଖାଇବା ଉପକାରୀ। ସବୁଜ ଚାହା ପିଅନ୍ତୁ। ଏହା ଏଣ୍ଟିଅକ୍ସିଡାଣ୍ଟଯୁକ୍ତ ହୋଇଥିବାରୁ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ନିୟମିତ ବ୍ୟାୟାମ ଦ୍ୱାରା ସ୍ତାନ କର୍କଟ ସମସ୍ୟା ଦୂରହୁଏ। ପ୍ରତିଦିନ କିଛି ସମୟ ଚାଲନ୍ତୁ କିମ୍ବା ଧୀରେ ଦୌଡ଼ନ୍ତୁ। ସନ୍ତରଣ ଅଭ୍ୟାସ କରିପାରନ୍ତି। ଏହାଦ୍ୱାରା ଓଜନ ଠିକ୍ ରହେ, ରକ୍ତ ଚାପ ନିୟନ୍ତ୍ରିତ



ହୁଏ, ଯକୃତରେ ଚର୍ବି ଜମେନାହିଁ ଏବଂ ସ୍ତନ କର୍କଟ ସମସ୍ୟା ଟଳିଯାଏ। ମାନସିକ ଚାପରେ ରହନ୍ତୁ ନାହିଁ। ଚାପରୁ ମୁକ୍ତି ପାଇଁ ସବୁଠାରୁ ଭଲ ଉପାୟ ହେଲା ପ୍ରତିଦିନ ଧ୍ୟାନ ଓ ଯୋଗ ଅଭ୍ୟାସ କରନ୍ତୁ। କର୍କଟ ରୋଗର ପାରିବାରିକ ଇତିହାସ, ଚାଳିଶବର୍ଷ ପରେ ପ୍ରଥମ ସନ୍ତାନ ଜନ୍ମ, ଆଲକହଲ ସେବନ, ପ୍ରଜେଷ୍ଟରେନ କି୍ବା ଏଷ୍ଟ୍ରୋଜେନ ହରମନ ବଟିକା ଖାଉଥିବା ମହିଳାଙ୍କ କ୍ଷେତ୍ରରେ ସ୍ତନ କର୍କଟ ଆଶଙ୍କା ଥାଏ। ଏଥିପ୍ରତି ସତର୍କ ହିବା ଜରୁରୀ। ନିୟମିତ ବ୍ୟଧଶନରେ ବିଭାଗୀୟ ଡାକ୍ତରଙ୍କ ଠାରେ ପରୀକ୍ଷା କରାଇବା ଦ୍ୱାରା ସ୍ତନ କର୍କଟ ସମସ୍ୟା ଜଣାପଡ଼େ।



# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୨୦ ମଇ ୨୦୨୧, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ରାଜନୈତିକ ଅସ୍ଥିରତା....

କରୋନା ସଂକ୍ରମଣର ଦ୍ୱିତୀୟ ଲହରରେ ସମସ୍ତେ ଛଟପଟ ହେଉଥିବା ସମୟରେ ନିକଟରେ ବିଧାନସଭା ନିର୍ବାଚନ ସରିଥିବା ପଶ୍ଚିମବଙ୍ଗ ରାଜଧାନୀ ଦେଖିଛି ହାଇଡ୍ରାମା। ଭୋଟ୍ ପୂର୍ବରୁ ଓ ପରେ ରାଜ୍ୟ କରୋନା ବଳୟରେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ଥିବା ଭିତରେ କଥିତ ହାଇଡ୍ରାମା ରାଜ୍ୟବାସୀଙ୍କୁ ଚକିତ କରିଛି। ଚିଟଫଣ୍ଡ ତଥା ଆର୍ଥିକ ଜାଲିଆତି ପାଇଁ ଦୁର୍ନାମ ଅର୍ଜନ କରିଥିବା ରାଜ୍ୟ ଏଭଳି ଏକ ବିକୃତ ଦୃଶ୍ୟ ଦେଖିବାର ଥିଲା। ତୃତୀୟଥର କ୍ଷମତାରୋହଣ ପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ତାଙ୍କର ସହଯୋଗୀମାନେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋର ପଂଝାରେ ଛନ୍ଦିହେବେ, ତାହା ଏକପ୍ରକାର ଜଳଜଳ ଦିଶିଯାଉଥିଲା। ରାଜ୍ୟରେ ଆର୍ଥିକ କେଳେଙ୍କାରିର ଲମ୍ବା ଫର୍ଦ୍ଦ ରହିଛି। ପ୍ରଭାବଶାଳୀ ନେତା-ନେତ୍ରୀମାନେ ସାଧାରଣ ଲୋକଙ୍କ ସଂଚିତ ଧନକୁ ନେଇ ଯେମିତି ଖେଳିଥିଲେ, ତାହା ପୁଣି ରାଜନୈତିକ ଛତ୍ରଛାୟା ତଳେ ଆଶ୍ରିତ ହୋଇ, ଦିନେ ନା' ଦିନେ ତାହାର ଅସଲ ରୂପ ଧରାପଡ଼ିବ, ଆଶା କରାଯାଉଥିଲା। ଛୋଟ ବଡ଼ ଆର୍ଥିକ ସଂସ୍ଥା ଚଢ଼ା ହାରରେ ଲାଭ ଦେବାର ପ୍ରଲୋଭନ ଦେଖାଇ ଜମାକାରୀଙ୍କୁ ଫସାଇ ଦେଇଥିଲେ। ଏହା ଖାଲି ବଙ୍ଗଳାରେ ନୁହେଁ, ଦେଶ ଓ ବିଦେଶରେ ଧନଲିପ୍ସୁମାନଙ୍କର ଖେଳ କୁହାଯାଇପାରେ। ଏମିତିରେ ସଂଚିତ ଧନ ବହୁଗୁଣ କରିବାର ଲୋଭ କାହାକୁ ଗ୍ରାସ ନକରିବ ? ପଶ୍ଚିମବଙ୍ଗରେ ଏମିତି ଗୁଡ଼ିଏ ସ୍କାମ୍ ରହିଛି, ଯେଉଁଗୁଡ଼ିକର କରିତ୍‌କର୍ମାମାନେ କେତେବେଳେ କେଉଁ ଦଳର ଛତା ତଳେ ରହି କାରବାର ଚଳାଇ ଆସୁଥିଲେ। ସବୁ ସମୟ ଠିକ୍ ଚାଲୁଥିବ, ସେଭଳି କିଛି କଥା ନାହିଁ। ନାରଦା ଓ ଅନ୍ୟ କେଳେଙ୍କାରୀର ଖଳନାୟକମାନେ, କେତେବେଳେ ତୃଣମୂଳ କଂଗ୍ରେସ ଓ ତ' କେତେବେଳେ ବିଜେପି ଶିବିରରେ ମୁଣ୍ଡ ଗୁଂଜିଥିଲେ। ଫାଇଦାବାଜ୍‌ମାନେ ଦେଖନ୍ତି, କେଉଁ ଗୋଠରେ ରହିଲେ ଫାଇଦା ଅଧିକ। ସେହି ନ୍ୟାୟ ବଙ୍ଗଳା ରାଜନୀତିରେ ଚାଲିଆସୁଥିଲା। କ୍ଷମତା ଲୋଭରେ ଯେଉଁ କେତେକ ତୃଣମୂଳ ନେତା ବିଜେପି ଗୋଠକୁ ଡେଇଁଥିଲେ, ସେମାନଙ୍କ ଭିତରେ ଅଛନ୍ତି କିଛି ଅର୍ଥ-ଅପରାଧୀ। ତୃଣମୂଳ ନେତ୍ରୀ ମମତା ବାନାର୍ଜୀଙ୍କ ଶିବିରରେ ଅର୍ଥ-ଅପରାଧୀଙ୍କ ସଂଖ୍ୟା କିଛି କମ୍ ନୁହେଁ, ତାହାର ଅନେକ ପ୍ରମାଣ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ହାତରେ ଅଛି। ସେମାନଙ୍କ ଭିତରୁ କିଏ ମନ୍ତ୍ରୀ, ବିଧାୟକ ହୋଇଛନ୍ତି ତ' ଆଉ କାହା ହାତରେ ଠୁଳ ରହିଛି କ୍ଷମତାର ଚାବିକାଠି। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିକଟ ଆତ୍ମୀୟଙ୍କ ସମ୍ପର୍କରେ ଅଧିକ ଖୋଳତାଡ଼ କରାଗଲେ କୁଆଡ଼େ ବହୁତ କିଛି ତଥ୍ୟ ପଦାକୁ ଚାଲିଆସିବ। ସୋମବାର ଚାରିଜଣ ତୃଣମୂଳ ନେତାଙ୍କୁ ସିବିଆଇ ଗିରଫ କରିବା ପରେ ମୁଖ୍ୟମନ୍ତ୍ରୀ ମମତା ନିଜେ ତଦନ୍ତକାରୀ ସଂସ୍ଥା ମୁଖ୍ୟାଳୟକୁ ଯାଇ 'ସାହସ ଅଛି ତ ମୋତେ ଗିରଫ କର' ବୋଲି ଲଲକାର କଲେ। ବହୁ ସମର୍ଥକଙ୍କୁ ଧରି ସେଠାରେ ଯେଉଁପ୍ରକାର ନାଟକବାଜି ଚାଲିଲା, ତାହା କାହାରିକୁ ଚକିତ ନକରିବାରେ କାରଣ, ଏଭଳି କରିବାରେ ମମତାଙ୍କ ରେକର୍ଡ ପୁରୁଣା। ଗିରଫ ଚାରି ନେତାଙ୍କୁ ଯଦିଓ ତଳ କୋର୍ଟରୁ ଜାମିନ୍ ମିଳିଲା, ପରେ ହାଇକୋର୍ଟ ଜାମିନ୍ ଉପରେ ରୋକ୍ ଲଗାଇବାରୁ ସେମାନଙ୍କୁ ଜେଲରେ ରହିବାକୁ ପଠାଇ ଦିଆଯାଇଛି। ସେମାନଙ୍କର ଠିକଣା କିଛିଦିନ ପାଇଁ ପ୍ରେସିଡେନସି ଜେଲ୍। ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନରେ ମମତାଙ୍କ ଦଳକୁ କ୍ଷମତାଚ୍ୟୁତ କରିବାପାଇଁ କେନ୍ଦ୍ରୀୟ ତଥା ରାଜ୍ୟ ବିଜେପି ନେତାମାନେ ଦମ୍ଭୋକ୍ତି ଶୁଣାଉଥିଲେ। ମାତ୍ର ବଙ୍ଗ ମତଦାତାମାନେ ଅନ୍ୟଥା ପ୍ରମାଣିତ କଲେ। ତେଣୁ କେନ୍ଦ୍ରରେ କ୍ଷମତାସୀନ ଦଳ ତୃଣମୂଳ ନେତା ଓ ନେତ୍ରୀମାନଙ୍କ ପୁରୁଣା ମାମଲାଗୁଡ଼ିକୁ ଉଖାରି ସେମାନଙ୍କ ପାଇଁ ଶାସ୍ତି ଭୋଗିବା ପାଇଁ ରାସ୍ତା ବାହାର କରୁଛି। ଏହା ମମତାଙ୍କ ଶିବିରର ଅଭିଯୋଗ। ଶୁଭେନ୍ଦୁ ଅଧିକାରୀ ଓ ମୁକୁଲ ରାୟଙ୍କ ବିରୋଧରେ ଯଦିଓ ନାରଦା ଓ ଅନ୍ୟ କେଳେଙ୍କାରୀ ଅଭିଯୋଗର କଳାଛିଟା ଲାଗିଥିଲା, ସେମାନେ ବିଜେପିରେ ମିଶିଯାଇଥିବାରୁ କାର୍ଯ୍ୟାନୁଷ୍ଠାନରୁ ସେମାନଙ୍କୁ ବାଦ୍ ଦିଆଯାଇଛି ଏବଂ ସେମାନେ କୁଆଡ଼େ ଗେଣ୍ଟୁପୁଅ ପାଲଟି ଯାଇଛନ୍ତି ବୋଲି କହୁଛନ୍ତି ମମତା ବାନାର୍ଜୀ। ଏହିଭଳି ଆରୋ-ପ୍ରତ୍ୟାରୋପର ଚକାଭଉଁରୀରେ ବଙ୍ଗବାସୀ ଘାଂଟିଚକଟି ହେଉଛନ୍ତି। ପ୍ରତିହିଂସା ରାଜନୀତିର ଅଭିଯୋଗ ଉଠାଉଥିବା ଆଂଚଳିକ ଦଳର କଥିତ ସଂଘର୍ଷ କେତେଦୂର ରାଜ୍ୟବାସୀଙ୍କୁ ନେଇଯାଉଛି, ତାହା ଦେଖିବାର କଥା।




## ପ୍ରାଣ'ର ପ୍ରଦୀପ...

ଅନିଲ କୁମାର ଲେଙ୍କା

ଏଇ ଦେହ
ଆଉ କାୟା ମନ ବାକ୍ୟ...
ସବୁକିଛି ତ ସମର୍ପିତ...
ଆଉ କ'ଣ ବାକି ଅଛି କୁହ ତ... ?

କିଏ ଜାଣେ
କେତେବେଳେ ଲିଭିଯିବ
ଏ ଜୀବନ ପ୍ରଦୀପ.....!
ଯେତେ ଦୀପ ଜଳୁଥିବ ...
ଥିବ ଖାଲି ତୁମ ନାମ....
ଆଉ ତ୍ୟାଗର ଘୃତ....!
ମୋ'ଜୀବନର ତ୍ୟାଗପଣକୁ
ପାଥେୟ କରି ବିଛାଇ ଚାଲିଥିବି
ତୁମ ପାଇଁ ପେନ୍ଥା ପେନ୍ଥା ସ୍ୱପ୍ନ...!

ଆଉ ; ତୁମ ଲାଗି
ଖୋଜୁଥିବି ପ୍ରଗତିର ପଥ....
ସେଇ ତ୍ୟାଗ ଆଉ ସମର୍ପଣ ଭିତରେ
ମୁଁ ପିଇ ଚାଲିଥିବି
ତୁମ ପ୍ରୀତିର ଅମୃତ....!

ମୁଁ ଜାଣିନି
ଏହା ତୁମ ଅନୁଭବର
କେତେ ପହଞ୍ଚ ଭିତରେ..??
ହେଲେ ;
ମୋ ପାଇଁ ପ୍ରତିଟି ମୁହୂର୍ତ୍ତେ...
ଗୋଟେ ଗୋଟେ
ଅନୁଭବର ଫର୍ଦ୍ଦ....!
ବାସ୍, ଯୋଡି ଚାଲିଥିବି
ପୃଷ୍ଠା ପରେ ପୃଷ୍ଠା....
ଲେଖି ଚାଲିଥିବି ତୁମ ନାମେ...
ପ୍ରେମର ପୁସ୍ତକ....
ଗାଇ ଚାଲିଥିବି
ସାତ ସୁରେ ପ୍ରେମର ସଙ୍ଗୀତ...!

ମୁଁ ଜାଣେନି ;
ତୁମେ ତୃପ୍ତ କି ଅତୃପ୍ତ....
ହେଲେ ତୁମକୁ ପାଇ ମୁଁ
ସାରା ଜୀବନ ତୃପ୍ତ....!
ମୋ' ଜୀବନେ
ତୁମେ ହିଁ ତ ମୋର
ପ୍ରାଣର ପ୍ରଦୀପ......!!

+ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ (ନୂଆପଡ଼ା)

# ସାବଧାନ ନହେଲେ ଅଧ୍ୟୟନର ବିଷୟ ପାଲଟିବ ଭାରତ !



ଗୋପାଳ ମହାପାତ୍ର

ପୃଥ୍ୱୀରାଜ ଚୌହାନ ଏବଂ ଜୟଚନ୍ଦ୍ରଙ୍କ ବଂଶଜମାନେ ପରସ୍ପର ମଧରେ ଲଢେଇରେ ବ୍ୟସ୍ତ। ହିଂସା, ହତ୍ୟା ଏବଂ ଲୁଟ୍ ବଜାର ଗରମ। ମହମ୍ମଦ ଗଜନୀ ଏବଂ ମହମ୍ମଦ ଘୋରୀଙ୍କ ବଂଶଧରମାନେ ମୁରୁକି ମୁରୁକି ହସୁଛନ୍ତି। ଲୁଟ୍‌ପାଟ୍ କରୁଛନ୍ତି ଓ ନିଜର ବଳ ବଢାଇବାରେ (ଭୋଟବ୍ୟାଙ୍କ) ଲାଗିଛନ୍ତି। ସର୍ବୋପରି ଭାରତ ବର୍ଷର ସମସ୍ତ ସନାତନ ପରମ୍ପରାକୁ ନିର୍ମୁଳ କରିବା ପାଇଁ ଉଦ୍ୟମ କରୁଛନ୍ତି। ଚିକେନ୍ ନେକ୍ କାଟିବାର ଧମକ ମିଳିସାରିଲାଣି ତଥାପି ଜୟଚନ୍ଦ୍ର, ମାନସିଂହ ଏବଂ ଜୟସିଂହଙ୍କ ଅନୁଗାମୀମାନଙ୍କର ଚେତା ପଶୁନାହିଁ। ସେମାନେ ମସ୍ତି କରୁଛନ୍ତି ଏବଂ ତୈମୁର ମାନସିକତାର ଲୋକଙ୍କ ସହଯୋଗରେ ଶାସନ ସୁଖ ଭୋଗ କରିବାରେ ବ୍ୟସ୍ତ। ନିକଟରେ ପଶ୍ଚିମବଙ୍ଗରେ ବହୁମତରେ ଜିଣିବା ପରେ ଏମାନେ ଉନ୍ମାଦିତ ଏବଂ ଆନନ୍ଦିତ ମଧ। ମହମ୍ମଦ ଘୋରୀ ଏବଂ ଜୟଚନ୍ଦ୍ରଙ୍କ ଦୁରଭିସନ୍ଧି ଜାଣି ମଧ ବିଜୟ ଲାଭ କରିବାର ଆଶାରେ ଆଶ୍ୱସ୍ତ ପୃଥ୍ୱୀରାଜଙ୍କର ଧ୍ୱଜବାହକ ମାନଙ୍କର ଅତିରିକ୍ତ ଆତ୍ମମୁଗ୍ଧତା ଏବଂ ଅଦୂରଦର୍ଶିତା କାରଣରୁ ନିର୍ବାଚନ ରଣାଙ୍ଗନରେ ସେମାନଙ୍କର ଅଧିକ କ୍ଷତି ଘଟିଛି କିନ୍ତୁ ସେମାନେ ରଣଭୂମିରେ ସେମାନଙ୍କର ସ୍ଥିତିକୁ ଦୃଢ଼ କରିବାରେ ସକ୍ଷମ ହୋଇଥିଲେ ବୋଲି ସ୍ପଷ୍ଟ। ୩ରୁ ୭୭ପର୍ଯ୍ୟନ୍ତର ଯାତ୍ରା ମଧ ଏକ ବଡ଼ ଉପଲବ୍ଧି। ଏଥିସହିତ ଦେଶ ପାଇଁ ଏହା ଏକ ଶୁଭ ସଙ୍କେତ।

ଭାରତର ଇତିହାସରେ ପୃଥ୍ୱୀରାଜ, ଜୟଚନ୍ଦ୍ର ଏବଂ ମହମ୍ମଦ ଘୋରୀ ହେଉଛନ୍ତି ୭୦୦ବର୍ଷର ପୁରୁଣା ଐତିହାସିକ ଚରିତ୍ର କିନ୍ତୁ ଭାରତୀୟ ସମାଜରେ ଏହି ତିନିଜଣ ଜୀବିତ-ଜାଗ୍ରତ ବ୍ୟକ୍ତିତ୍ୱ ଅଟନ୍ତି ଯାହାଙ୍କ କୃତିତ୍ୱ ସମାଜର ଜୀବନଶୈଳୀକୁ ସତତ ପ୍ରଭାବିତ କରିଥାଏ। ବସ୍ତୁତଃ ଏହା ଆମ ସମାଜର ତିନି ପ୍ରମୁଖ ଧାରା ଯାହାର ପ୍ରବାହ ବିଗତ ୭୦୦ବର୍ଷ ଧରି ଆମ ଜୀବନକୁ ନିରନ୍ତର ପ୍ରଭାବିତ କରି ଚାଲିଛି। ଭାରତ ବର୍ଷର ଇସଲାମିକରଣ ହେଉଛି। ଅନ୍ୟପକ୍ଷରେ ହିନ୍ଦୁ ସମାଜ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ସଂଘର୍ଷ କରିଚାଲିଛି। ସ୍ୱାଧୀନତା ପୂର୍ବରୁ ଏବଂ ପରର ଅସଂଖ୍ୟ ଘଟଣା ଏହାର ସାକ୍ଷୀ। ପଶ୍ଚିମବଙ୍ଗର ସମସାମୟିକ ହିଂସା ଘଟଣା ଭାରତୀୟ ସମାଜ ପାଇଁ ହିନ୍ଦୁ -ମୁସିଲିମ୍ ସଂଘର୍ଷର ଏକ ନୂତନ ସଂସ୍କରଣ। ଭାରତୀୟ ସମାଜ ଦୀର୍ଘ ସମୟ ହେବ ତିନି ଧାରାରେ ବିଭକ୍ତ। ପ୍ରଥମ ଧାରାର ଲୋକେ ଭାରତୀୟ ସଂସ୍କୃତିର ସୁରକ୍ଷା ପାଇଁ ସଂଘର୍ଷ କରୁଛନ୍ତି ଏବଂ ହଜିଯାଇଥିବା ନିଜର ପ୍ରତିଷ୍ଠା ପୁନର୍ବାର ପାଇବା ପାଇଁ ଚାହୁଁଛନ୍ତି କିନ୍ତୁ ସଂଗଠନର ଅଭାବରୁ ଶାସନ ଠାରୁ ଦୂରରେ ରହିଯାଉଛନ୍ତି। ଦ୍ୱିତୀୟ ଧାରାର ଲୋକେ ବିଦେଶୀ ଆକ୍ରାମକ ଶକ୍ତିମାନଙ୍କ ସହାୟତାରେ ପ୍ରଥମ ଧାରାର ଲୋକଙ୍କ ସଂଘର୍ଷକୁ ନିଷ୍ଫଳ କରି ଶାସନ ଗାଦିରେ ବସୁଛନ୍ତି। ତୃତୀୟ ଧାରା ବିଦେଶୀ ମୂଳର ଆକ୍ରମଣକାରୀ ମାନଙ୍କର ଯେଉଁମାନଙ୍କ ମଧ୍ୟରୁ ପାଖାପାଖି ୯୦ପ୍ରତିଶତ ହେଉଛନ୍ତି ମୂଳତଃ ଭାରତୀୟ କିନ୍ତୁ ଧର୍ମାନ୍ତରଣ କାରଣରୁ ସେମାନେ ତୁର୍କୀ ଏବଂ ଆରବର ଲୋକଙ୍କ ସହ ସମ୍ପର୍କ ଯୋଡି ନିଜକୁ ବିଜେତା ଭୂମିକାରେ ଦେଖିବାକୁ ଚାହୁଁଛନ୍ତି। ଏମାନଙ୍କ ଦୃଷ୍ଟିରେ ପ୍ରଥମ ପରମ୍ପରା ହେଉଛି ସେମାନଙ୍କର ଶତ୍ରୁ ଏବଂ ଦ୍ୱିତୀୟ ପରମ୍ପରା ହେଉଛି ସେମାନଙ୍କର ଶତ୍ରୁ ଏବଂ ଦ୍ୱିତୀୟ ପରମ୍ପରା ହେଉଛି ମିତ୍ର କାରଣ ସେମାନଙ୍କର ଲକ୍ଷ୍ୟ 'ଗଜବା ଏୟ-ଏ-ହିନ୍ଦ୍। ଏହି ତିନି ଧାରା ମଧ୍ୟରେ ଲଢେଇ କାରଣରୁ ଭାରତୀୟ ସମାଜ ଅନେକ ସମୟରେ ତ୍ରସ୍ତ ଭୟଭୀତ ହୋଇପଡିଥାଏ।

ଭାରତ ବର୍ଷର ପ୍ରଥମ ସଶକ୍ତି ଧାରା ପରମ୍ପରାକୁ ପର୍ବତକ ଏବଂ ଚନ୍ଦ୍ରଗୁନ୍ତ ବଞ୍ଚାଇ ରଖିବା ପାଇଁ ଉଦ୍ୟମ କରିଥିଲେ। ଭାରତୀୟ ଭୂଖଣ୍ଡ ଏବଂ ସଂସ୍କୃତି ପାଇଁ ଜୀବନକୁ ବାଜିଲଗାଇ ଦେଇଥିଲେ। ମହାରାଜା ପର୍ବତକ ତକ୍ଷଶୀଳାର ଯୁବରାଜ ଅମ୍ଭିଙ୍କ ଭଳି ସିକନ୍ଦର (ଆଲେକଜାଣ୍ଡାର)ଙ୍କ ପାଇଁ ଭାରତର ଦ୍ୱାର ଖୋଲିନଥିଲେ। ଯୁଦ୍ଧ କରିଥିଲେ। ପରାଜୟ କାରଣରୁ ପର୍ବତକ ସିକନ୍ଦରଙ୍କ ସହ ସନ୍ଧି କରିବା ପାଇଁ ବାଧ ହୋଇଥିଲେ। ତଥାପି ରାଷ୍ଟ୍ରର ରକ୍ଷା ପାଇଁ ପର୍ବତକଙ୍କ ଉଦ୍ୟମ ପ୍ରଶାମଯୋଗ୍ୟ। ଚନ୍ଦ୍ରଗୁପ୍ତ ତାଙ୍କ ଗୁରୁ ଚାଣକ୍ୟଙ୍କ ମାର୍ଗଦର୍ଶନରେ ସେଲ୍ୟୁକସଙ୍କୁ ପରାଜିତ କରିଥିଲେ। ବିଦେଶୀ ଆକ୍ରମଣକାରୀଙ୍କ ଠାରୁ ରାଷ୍ଟ୍ରର ରକ୍ଷାର ଦ୍ୱିତୀୟ ସଂଘର୍ଷ ପୃଥ୍ୱୀରାଜ ଚୌହାନ ଏବଂ ମହମ୍ମଦ ଘୋରୀଙ୍କ ଯୁଦ୍ଧରେ ଦେଖିବାକୁ ମିଳେ। ଘୋରୀଙ୍କ କୁଟଳିତା କାରଣରୁ ପୃଥ୍ୱୀରାଜ ପରାଜିତ ହୁଅନ୍ତି ଓ ପାଣ୍ଡବମାନଙ୍କର ଗୌରବଶାଳୀ ଇନ୍ଦ୍ରପ୍ରସ୍ଥ ବିଦେଶୀ ଆକ୍ରମଣକାରୀଙ୍କ ହାତକୁ ଚାଲିଯାଏ। କିଛିଦିନ ପରେ ବିଦେଶୀଙ୍କ ହାତରୁ ରାଷ୍ଟ୍ର ରକ୍ଷାର ଶପଥ ନେଇ ଆଲ୍ଲାଉଦ୍ଦିନ ଖିଲିଜଙ୍କମ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରନ୍ତି ରାଓଲ ରତନସିଂହ ଏବଂ ପଦ୍ମିନୀ। ଭାରତୀୟ ସ୍ୱତନ୍ତ୍ର ଚେତନାର ଜାଗରଣରେ ମେୱାର ମହାରାଣା ମାନଙ୍କର ଯୋଗଦାନ ମଧ ଅତୁଳନୀୟ। ମହାରାଣା ସାଙ୍ଗା, ମହାରାଣା କୁମ୍ଭା ଓ ମହାରାଣା ପ୍ରତାପ ପ୍ରମୁଖ ଦେଶର ସୁରକ୍ଷା ପାଇଁ ବଳିଦାନ ଦେଇଛନ୍ତି। (କ୍ରମଶଃ)

# ଏ ଦିନ ନିଶ୍ଚିତ ଚାଲିଯିବ



ରଶ୍ମୀ ସାମଲ

ସାରା ବିଶ୍ୱରେ ଏହି କରୋନାର ଭୁତାଣୁ ସତେ କି ଖେଳେଇ ଦେଇଛି କୋକୁଆ ଭୟ ।ଏ କରୋନାର କବଜାରେ କୋଟି କୋଟି ଲୋକ ଭୀତତ୍ରସ୍ତ ନିର୍ଜନ ବାସରେ ଯେପରି ସଢୁଛନ୍ତି ।ପିଲାଠୁ ବୁଢା ଯାଏ ସମସ୍ତେ ୟାରୀ କବଳରେ କବଳିତ ।ପ୍ରଥମେ ଆସିଥିବା ମହାମାରୀ କରୋନାର ପ୍ରକୋପ ଟିକେ ଥମି ଯିବା ପରେ ପୁଣି ଥରେ ଦ୍ୱିତୀୟ ଲହାରୀର ପ୍ରଭାବ ଆରମ୍ଭ ହୋଇଯାଇଛି।

ଏ ଦ୍ୱିତୀୟ ଲହରୀ ର କରୋନା ଭୁତାଣୁ ର ପାଦୃଭାବ ଦେଖି ମଣିଷ ମନ ମଧ୍ୟରେ ସତେ ଯେମିତି କି ଅନ୍ଧାର ମାଡି ଆସୁଛି ।ଏପ୍ରିଲ ମାସ ପ୍ରଥମ ସପ୍ତାହ ସୁଧା ଗୋଟେ ଅଙ୍କ ବା ଦୁଇ ଅଙ୍କରେ ସୀମିତ ରହୁଥିବା ବେଳେ ପରବର୍ତୀ ସମୟରେ ତାହା ଦ୍ରୁତ ଗତିରେ ବୃଦ୍ଧି ପାଇବାକୁ ଲାଗିଛି ।ଦ୍ୱିତୀୟ ଲହାରୀର ମିୟୁଟା ଭୁତାଣୁ ଅଧିକ ମାରାତ୍ମକ ।ଏହାକୁ ଦେଖି ଲୋକ ମାନଙ୍କ ମନ ମଧ୍ୟରେ ଅସହାୟତା ବଢି ଚାଲିଛି ।ଏ ଗତିଶୀଳ ମଣିଷ ପୁଣି ସ୍ଥାଣୁ ପାଲଟି ଗଲାଣି ।ଦିନ ଆଗକୁ ଗଡି ଚାଲିବା ସହ ମଣିଷର ନିଜ ଆୟୁଷ ପ୍ରତି ବିତୃଷ୍ଣା ଭାବ ଆସି ଗଲାଣି। ସମ୍ପର୍କର ଡୋର ସବୁ ପୁଣି ଛିଡି ଛିଡି ଆସିଲାଣି। ଦ୍ୱିତୀୟ ଲହାରୀର ସଂକ୍ରମଣ ରେକର୍ଡ ଭାଙ୍ଗିବାରେ ଲାଗିଛି । ଏହି ଭୁତାଣୁ ଆମ ଦେଶ ଓ ରାଜ୍ୟକୁ ଘୋର ଆଶଙ୍କା ଓ ଚିନ୍ତାରେ ପକାଇଛି । ମହାରାଷ୍ଟ୍ର କେରଳ, ଛାତିଚଗଡ଼ ପଞ୍ଜାବ, କର୍ଣ୍ଣାଟକ, ଗୁଜୁରାଟ, ଓଡିଶା ଇତ୍ୟାଦି ଏମିତି ବହୁ ରାଜ୍ୟରେ ଅହେତୁକ ଭାବେ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗି ଛି । ଏବେ କିନ୍ତୁ ଆମର ଭୟଭୀତ ହେବାର ସମୟ ନୁହେଁ। ଯେତେ କଷ୍ଟ ହେଲେ ସୁଧା ନିଜ ଆତଯାତ ଓ କାର୍ଯ୍ୟ ଉପରେ ନିୟନ୍ତ୍ରଣ ରଖିବାକୁ ପଡିବ। ଦୃଢ ମନୋବଳ ଓ ସୀମିତ ସାଧନ ମଧ୍ୟରେ ଏହି ମହାମାରୀ ଭଳି ଶତ୍ରୁକୁ ଦମନ କରିବାକୁ ପଡିବ। ଭୁତାଣୁ ସହ ଲଢ଼ି ଜିତିବାର ସମୟ । ସଚେତନ ହେବାର ସମୟ । ଇତିହାସରେ ରେ ଲେଖାଅଛି ଯେତେବେଳେ ବିପର୍ଯ୍ୟୟ ଆସିଛି ମନୁଷ୍ୟ ତାକୁ ସାମ୍ନା ବି କରିଛି । ଆବଶ୍ୟକ ଅନୁସାରେ ମୁକାବିଲା ର ଉଦ୍ଭାବନ ବି କରିଛି । ଯାହା ମାନବ ସମାଜକୁ ପରବର୍ତୀ ସମୟରେ ଆଗେଇ ନେଇଛି। ତେଣୁ ଭୟ କରିବାର ନାହିଁ । ଏବେ ବି ଆମର ସାରା ଦେଶରେ ଟୀକାକରଣ ଆରମ୍ଭ ହୋଇ ସାରିଛି । ଧର୍ଯ୍ୟ ଧରିବାକୁ ପଡିବ। ଜୀବନ ବଂିବାର କଳା ପୁଣି ଶିଖିବାକୁ ପଡିବ। ମନ ମଧ୍ୟରେ ଉଙ୍କି ମାରୁଥିବା କରୋନାର ଭୟକୁ ପଛରେ ପକାଇ ଜିତିବାର ସ୍ୱାଦ ଚାଖିବାକୁ ପଡିବ। ଏ ସମୟ ପାଣିଭଳି ବୋହିଯିବ। ମଣିଷର ଯାତ୍ରା ପୁଣି ହେବ ଜାଗ୍ରତ ।ଏବେ ଆମର ମହା ମନ୍ତ୍ରହେବ ହେବ ମାସ୍କ ପିନ୍ଧିବା, ସାନିଟାଇଜର, ବ୍ୟବହାର କରି ସାମାଜିକ ଦୂରତା ବଜାୟ ରଖି ଏହାକୁ ବିନାଶ କରିବାର ଅଛି । ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଏହି ଦ୍ୱିତୀୟ ଲହରୀ କେବେ ଶୀର୍ଷ ଛୁଇଁବ । ପୁଣି କେବେ ତାର ଗ୍ରାଫ ତଳକୁ ଖସିବ ।ବୈଜ୍ଞାନିକ ମାନଙ୍କ ଆକଳନ ଅନୁସାରେ ମେ ମାସ ଦ୍ୱିତୀୟ ସପ୍ତାହ ସୁଧା ଏହା ତଳକୁ ଖସିବ।

ଅତୀତରେ ଏମିତି କେତେ ମହାମାରୀ ଆସିଛି, ଆଉ ସେମାନଙ୍କ କାୟା ବିସ୍ତାର କରିଛନ୍ତି ସତ ପୁଣି ସମୟ କ୍ରମେ ସବୁ ଧୀରେ ଧୀରେ ସ୍ୱାଭାବିକ ହୋଇ ଯାଇଛି । ଏ ସମୟ ଦିନେ ନିଶ୍ଚିତ ଚାଲିଯିବ। ଆମକୁ ସାବଧାନ ରହିବାକୁ ହେବ। ଅସାବଧାନତା ବା ବେପରୁଆ ହେବା ଅନୁଚିତ। ସମଗ୍ର ଦେଶ ଦ୍ୱିତୀୟ ଲହାରୀର କରୋନା ସଂକ୍ରମଣକୁ। ଜନତା ଯଦି ସକ୍ରିୟ ସହଯୋଗ ନ କରିବେ ତେବେ ଦେଶର ପରିସ୍ଥିତି ଭୟାବହ ହୋଇଯିବ ।ସଂକ୍ରମଣ ଏତେ ଦ୍ରୁତ ଗତିରେ କାୟା ବିସ୍ତାର କରି ଚାଲିଛି ଯାଏହି କି ଉପର ମୁଁହ

ଭାତୃଭାବ ଜାଗ୍ରତ କରାଇ ନିଷ୍ଠାର ସହିତ କାର୍ଯ୍ୟ କଲେ କରୋନା ଠାରୁ ଦୂରେଇ ରହି ହସ ଖୁସିରେ ଜୀବନ ବିତାଇବାକୁ ପଡ଼ିବ। ସମୟ ସାଥିରେ ତାଳ ଦେଇ ଘାତ ପ୍ରତିଘାତ କୁ ସାମ୍ନା କରି ସାଧନା ପଥରେ ଅଗ୍ରସର ହେଲେ ନିର୍ଦ୍ଦିଷ୍ଟ ଲକ୍ଷ ପଥରେ ପଂହଁଚି ପାରିବା ।ବର୍ମାନର ଆମ କର୍ମ ହିଁ ଆମ ଭବିଷ୍ୟତ ଜୀବନକୁ ରୂପରେଖ ଦେବାରେ ସହାୟକ ହେବ। ଏହା ହିଁ ସତ୍ୟ। ଅତ୍ୟନ୍ତ ଭୟଭୀତ ହେବାର କୌଣସି କାରଣ ନାହିଁ ।ଭୟ କୌଣସି ରୋଗର ନିଦାନ ନୁହେଁ ।ତେଣୁ ଘରେ ରହି ଆମେ ଆମ ଚଳଣିରେ ପରିବର୍ତନ ଆଣି ପାରିଲେ ଆମେ କରୋନା ପ । ରୁ ନିଶ୍ଚିତ ମୁକୁଳି ପାରିବା। ସହୃଦୟତାର ସହ ନିଜେ କରିବା। ଲୋକ ମାନକୁ ବୁଝାଇବା ଏହାକୁ ହାଲ୍କା ଭାବେ ନ ନେଇ, ସରକାର ଙ୍କର ସମସ୍ତ କୋଭିଡ କଟକଣା ମାନି ଚଳିବା ନଚେତ ଏହି ଭୁତାଣୁ ଏମିତି କିଛି ଅସୁବିଧା କରିପାରେ ଯାହାର ସନ୍ଦେହ ନାହିଁ। ତେଣୁ ଆମ ପରବର୍ତୀ ସ୍ୱର୍ଣ୍ଣିମ ଜୀବନ ନିମି ଆମକୁ ଆମ ବର୍ତମାନ ଜୀବନକୁ ଠିକ ମାର୍ଗରେ ଗତିଶୀଳ କରେଇବାକୁ ହେବ ।କରୋନା ପରିପ୍ରେକ୍ଷୀରେ ଆମକୁ ଏହି ଶିକ୍ଷା ମିଳୁଛି ଯେ ଆମକୁ ସତର୍କ ରହି ସବୁ କିଛି କରିବାକୁ ହେବ ।ଶେଷରେ ଏତିକି ଜାଣିବା ଅତୀତର ସମସ୍ତ ଅନୁଭୂତିକୁ ଶିକ୍ଷା କରି ଭବିଷ୍ୟତ କାର୍ଯ୍ୟ ପନ୍ଥା ନିର୍ଧାରଣ କରିବା ଉଚିତ। ନିଜେ ଶୃଙ୍ଖଳିତ ହେବା ଯାହା ଜୀବନ ବଂିବାର କବଚ ହେବ। ସମସ୍ତ ଜନ ସାଧାରଣ ସରକାରଙ୍କ ପ୍ରୟାସରେ ସହଯୋଗ କରିବାକୁ ହେବ। ଏହାହିଁ ସମୟର ଆହ୍ୱାନ ଓ ବିଜ୍ଞତାର ପରିଚୟ ହେବ।

+ ଭୁବନେଶ୍ୱର
(ମୋ)୯୪୩୭୧୧୫୮୬୫

# ନିଷ୍ପ୍ରାଣ ନିହଣର କଥା



ଜୟଶ୍ରୀ ପଟ୍ଟନାୟକ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ତିନୋଟି ଯାକ ସମ୍ମାନ ଯଥା ପଦ୍ମଶ୍ରୀ, ପଦ୍ମ ଭୂଷଣ ଓ ପଦ୍ମ ବିଭୂଷଣ ସମ୍ମାନର ଅଧିକାରୀ ସେ ଥିଲେ । ୧୯୭୬ ରେ ପ୍ରସ୍ତର ଶିଳ୍ପ କ୍ଷେତ୍ରରେ ପାରଦର୍ଶିତା ପାଇଁ ମାତ୍ର ୩୩ ବର୍ଷ ବୟସରେ ମିଳିଥିଲା ପଦ୍ମଶ୍ରୀ ସମ୍ମାନ। ୧୯୬୪ରେ ଜାତୀୟ ପୁରସ୍କାର ଗ୍ରହଣ କରିଥିଲେ । ୨୦୦୧ ମସିହାରେ ଦେଶର ସର୍ବୋଚ୍ଚ ପୁରସ୍କାର ପଦ୍ମ ଭୂଷଣ ଓ ୨୦୧୩ ରେ ତୃତୀୟ ଓଡିଆ ଭାବେ ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାର ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ । ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କଠାରୁ ପୁରସ୍କାର ଗ୍ରହଣ କରିବାର ସୌଭାଗ୍ୟ ପାଇଥିଲେ। ଏହା ପୂର୍ବରୁ ଏହି ପୁରସ୍କାର୨୦୦୦ ମସିହାରେ ପାଇଥିଲେ ନୃତ୍ୟଗୁରୁ କେଳୁଚରଣ ମହାପାତ୍ର ଏବଂ ୨୦୧୧ ରେ କବି ସୀତାକାନ୍ତ ମହାପାତ୍ର । ରଘୁନାଥ ତୃତୀୟ ଓଡିଆ ଭାବେ ଏହି ସମ୍ମାନ ଲାଭ କରିଥିଲେ। ଓଡିଶାରେ ଲଳିତକଳା ଏକାଡେମୀର ରାଜ୍ୟ ପୁରସ୍କାର, ଶିଳ୍ପୀଗୁରୁ ସମ୍ମାନ, ଭରତମୁନି ସମ୍ମାନ ଏବଂ ମହ୍ଲାର ପୁରସ୍କାରରେ ମଧ୍ୟ ସେ ପୁରସ୍କୃତ ହୋଇଛନ୍ତି ।

ଅଧୁରା ରହିଗଲା ଦ୍ୱିତୀୟ କୋଣାର୍କ ଗଢିବାର ସ୍ୱପ୍ନ । ଅବିକଳ ସୂର୍ଯ୍ୟ ମନ୍ଦିର ଢାଂଚାରେ ଆଦିତ୍ୟ ନାରାୟଣ ମନ୍ଦିର ନିର୍ମଣ ପାଇଁ ସ୍ୱପ୍ନ ଦେଖିଥିଲେ ସେ । ଏ ନେଇ ତିନିବର୍ଷ ତଳୁ କାର୍ଯ୍ୟ ଆରମ୍ଭ କରିଥିଲେ । ସ୍ୱପ୍ନଥିଲା କୋଣାର୍କ ମନ୍ଦିର ନିକଟରେ ଆଉ ଏକ କୋଣାର୍କ ମନ୍ଦିରର କିନ୍ତୁ ବିରୋଧାଭାସର ସମ୍ମୁଖୀନ ହେଲାପରେ ସାକ୍ଷୀ ଗୋପାଳ ନିକଟରେ ୧୦୦ ଏକର ଜମିରେ ଅଦିତ୍ୟ ନାରାୟଣ ମନ୍ଦିର ନିର୍ମାଣର ପରିକଳ୍ପନା କରିଥିଲେ। ପ୍ରାୟ ଛଅ ଶହ କୋଟିରେ ମନ୍ଦିର ନିର୍ମାଣ ନେଇ ବ୍ୟୟ ଅଟକଳ ହୋଇ ନକ୍ସା ପ୍ରସ୍ତୁତ ହୋଇଥିଲା ଏବଂ ୮ ବର୍ଷ ମଧ୍ୟରେ ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ସ୍ୱପ୍ନ ପୂରଣ ପୂର୍ବରୁ ଆଖି ବୁଜିଦେଇଥିଲେ ସେ । ୨୦୧୮ ରେ ଏହାର ଭୂମିପୂଜା ମଧ୍ୟ ହୋଇଥିଲା । ବଂଚିତ କରିଦେଲା କ୍ରୁର କାଳ , ପର୍ଯ୍ୟଟନ ମାନଚିତ୍ରରେ ଆଉ ଏକ ଭାସ୍କର୍ଯ୍ୟକଳାର ଅନନ୍ୟ ନିଦର୍ଶନକୁ । ତାଙ୍କର ବଳିଷ୍ଠ ଭାସ୍କର୍ଯ୍ୟ ଯୋଡି ହୋଇ ରହିଛି ରହିଥିବ ମଧ୍ୟ କାଳକାଳକୁ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନର କୋଣାର୍କ ଘୋଡା , ବାରବାଟୀ ଷ୍ଟାଡିୟମର କୋଣାର୍କ ଘୋଡା, ଏୟାରପୋର୍ଟରେ ୧୬ଟି କୋଣାର୍କ ଚକ୍ର, ଟିଟିଲାଗଡରେ ୭୦ ଫୁଟ ଉଚ୍ଚତାର ତିନି ମନ୍ଦିର, ଗାମର ନୂତନ ତାରାତାରିଣୀ ମନ୍ଦିର, ବାଲେଶ୍ୱର ଇମାମୀ ଜଗନ୍ନାଥ ମନ୍ଦିର, ଧଉଳିରେ ଦୁଇଟି ବୁଦ୍ଧମୂର୍ତି, ସଂସଦରେ ସ୍ଥାପିତ ସୂର୍ଯ୍ୟ ନାରାୟଣ ମୂର୍ତି, ରାଜୀବଗାନ୍ଧୀ ସମାଧିପୀଠ, ନୂଆଦିଲ୍ଲୀ ଅଶୋକା ହୋଟେଲର କୋଣାର୍କ ଚକ୍ର , ହରିୟାଣା ସୂରଯକୁଣ୍ଡରେ ୧୫ ଫୁଟର ବୁଦ୍ଧ ମୂର୍ତି, ଆମେରିକାର ଉତର ଆଲବାମାରେ ଜଗନ୍ନାଥ ମନ୍ଦିର, ଲଦାଖର ୨୦ଫୁଟ ଉଚ୍ଚତାର ତିନୋଟି ବୌଦ୍ଧମୂର୍ତି, ଫ୍ରାନ୍‌ସରେ କାଠର ବିଶାଳ ବୌଦ୍ଧ ମୂର୍ତି , ଜାପାନର ୧୫ ଫୁଟ ଉଚ୍ଚତାର ଅଶୋକ ସ୍ତମ୍ଭର ଅପରୂପ ସ୍ମୃତି ମଧ୍ୟରେ । ଏତେସବୁ କୃତିତ୍ୱର ସୁଯୋଗ୍ୟ ସନ୍ତାନ , କାରୀଗରୀ କଳାର ଭୀଷ୍ମ ପିତାମହ, ଅଦ୍ୱିତୀୟ ଭାସ୍କର୍ଯ୍ୟ ଶିଳ୍ପୀଙ୍କୁ ଦେଶ ହରାଇଲା ୯ ତାରିଖ ୨୦୨୧ ମସିହାର କରୋନାର ଅଶୁଭ ସଂକ୍ରମିତ କାଳର ପ୍ରଭାବରେ । ପୁଣି ଗୋଟାଏ ଦୁଃଖଦାୟକ ଖବର ଉତ୍କଳ ଜନନୀ ପାଇଁ ଯୋଡି ହୋଇଗଲା କାଳ ବକ୍ଷରେ । ୨୦୧୪ ରେ ରାଜ୍ୟସଭା ନିର୍ବାଚନରେ ସେ ହାରି ଯାଇଥିଲେ କିନ୍ତୁ କଳା ସଂସ୍କୃତି, ସାହିତ୍ୟ କ୍ଷେତ୍ରରେ କୃତି ପ୍ରତିପାଦନ ସକାଶେ ରାଷ୍ଟ୍ରପତି କୋବିନ୍ଦ ତାଙ୍କୁ ରାଜ୍ୟସଭାକୁ ମନୋନୀତ କରିଥିଲେ । ନିଜ କାର୍ଯ୍ୟକାଳ ସରିବା ପୂର୍ବରୁ ତାଙ୍କର ପରଲୋକ ଓଡିଶାର ଭାଗ୍ୟାକାଶକୁ କଳାବାଦଲ ଘୋଟିବା ସଦୃଶ ଥିଲା । ଅଧୁରା ରହିଗଲା ଦ୍ୱିତୀୟ କୋଣାର୍କ ଗଢିବାର ସ୍ୱପ୍ନ , ଅଧୁରା ରହିଗଲା ଜାଗୁଳେଇପାଟଣା ମନ୍ଦିରର ନୂଆରୂପ, ସାକ୍ଷୀଗୋପାଳର ପ୍ରସିଦ୍ଧ ଅଦିତ୍ୟ ନାରାୟଣ ମନ୍ଦିର । ଓଡିଶାର କଳା ସଂସ୍କୃତିକୁ ଆଉ ଦିପାଦ ଆଗେଇନେବାର ସମସ୍ତ ପ୍ରଚେଷ୍ଟା ବିଲୀନ ହୋଇଯାଇଛି ମର ଶରୀରକୁ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ସଂସ୍କାର କରିବା ପରେ । ଅନେକ ପ୍ରତିଭାର ଶୋକବାର୍ତା ଶୁଣାଇ ଶୁଣାଇ କରୋନା ଶୁଣାଇଛି ରଘୁନାଥ ମହାପାତ୍ରଙ୍କର ମଧ୍ୟ ଶୋକବାର୍ତା । ନିଷ୍ପ୍ରାଣ ନିହଣର କଥା । ହେଲେ ଶିଳ୍ପୀର ମୃତ୍ୟୁ ନାହିଁ । ସେ ଅମର, ଅପରାଜୟ, ମୃତ୍ୟୁୟୀ। ସେ ସବୁବେଳକୁ ଅମର ରହିବେ ଜନମାନସରେ ଉତ୍କଳମାଟିର ସୁଯୋଗ୍ୟ ସନ୍ତାନ ହୋଇ । ଆମର ବିନମ୍ର ଶ୍ରଦ୍ଧାଳୀ ତାଙ୍କର ଅମର ଆତ୍ମାର ସଦ୍ଗତି ନିମନ୍ତେ ଏବଂ ସମସ୍ତ ଜୀବିତ ପ୍ରତିଭାଦୀପ୍ତ ସୁଧୀବୃନ୍ଦଙ୍କୁ କରୋନା କବଳରୁ ନିଜକୁ ନିରୋଗ ରଖିବାପାଇଁ ବିନମ୍ର ଅନୁରୋଧ । କାରଣ ଦେଶର, ରାଷ୍ଟ୍ରର କୃତିତ୍ୱ ନିର୍ଭର କରେ ତାର କୃତି ସନ୍ତାନ ଉପରେ । ଏଥିପାଇଁ ଯତ୍ନବାନ ହେବା ନିହାତି ଜରୁରୀ ।

(ସମାପ୍ତ)
ଗଙ୍ଗନଗର, ଭୁବନେଶ୍ୱର
୭୯୭୮୧୧୦୪୭୪




## ଖରା...

ରାହାସ କୁମାର ବେହେରା

ବୈଶାଖ ମାସେ ଡହ ଡହ ଖରା
କଇଁଛ ପିଠିରେ ଖୋପ
ପାଣି ଆଣିବାକୁ ଯାଇଛି ସଜନୀ
ସଜନ କରିଛି କୋପ ।

ସାଇ ମାଇପୀଙ୍କ ଗହଳିଚହଳି
କୂଅରେ ବାଳିଆ ମାଛ
ପାଣି ନାହିଁ ବୋଲି ଛଟର ପଟର
ଚାଲିଛି ଉଦଣ୍ଡି ନାଚ ।

ଟାଇଁ ଟାଇଁ ଖରା ଖପରା କାତିଲୋ
ଶୁଖିଛି ସାପୁଆ ନଈ
ସକାଳ ସଂଜରେ ଆସୁନି ରୂପସୀ
ମାଧିଆ ରହୁଛି ଚାହିଁ ।

ମାଧିଆ ବାରିରେ ଆମ୍ବ ବଗିଚା ଲୋ
କୋଇଲି ଗାଉନି ଗୀତ
ବିରହ ବିରହ ଝାଳୁଆ ପେଟକୁ
ରୁଚୁନି ପଖାଳ ଭାତ ।

ଟୁପୁର ଟୁପୁର ଅଦିନେ ବରଷା
ଗାଆଁ ପୋଖରୀରେ ଦୁବ
ଆଜି ସୁନା ନାକୀ ଗାଧେଇ ଯାଇନି
କେମିତି କରିବ ଜପ ।

ରାଗେ ଗରଗର ପଧାନ ମଉସା
ଭେଣ୍ଡିଆ ପିଲାଙ୍କୁ ଚାହିଁ
ତୁମେ ଗୁଡା ସବୁ ଅଚଳ ପଇସା
ବୁଦ୍ଧି ସୁଦ୍ଧି କିଛି କାହିଁ ।

ଆଜିଠାରୁ ଚାଲ ଲଗାଇବା ଗଛ
ପରିବେଶ ଯିବ ଭରି
ଜଳାଭାବ ଆଉ ହେବନି ସଂସାରେ
ଝରିବ ଅମୃତ ବାରି ।

+ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ:୭୫୯୦୧୫
ମୋ: ୯୪୩୮୧୧୪୩୬୮

## ସୁନେଲି ସପନ...

ସୁଧାକର ରାଉତ

ଦିବସର ଅନ୍ତେ ଡୁବଇ ସୂରୁଯ
ଝୁରେ ପଙ୍କଜ ତା ପାଇଁ
ଯାମିନୀ ପାହିଲେ ନ ଆସଇ ସ୍ୱପ୍ନ
ଜହ୍ନକୁ ଝୁରଇ କଇଁ।

ନିଦାଘ ଉଷ୍ମତା ବାଧେ ନାହିଁ ଆଉ
ଶୀତଳ ଜଡ଼ ଶରୀରେ
ଶ୍ରାବଣର ବାରି ଧାରା ନ ଭିଜାଏ
ଭିଜିଯାଏ ଲୁହ ଧାରେ।

ବସନ୍ତଟା ତୁମ ସଙ୍ଗେ ଅଛି ବୋଲି
କୋକିଳ ଏଠି ନିରବ
ଫୁଲର ମହକ ଆଣେନା ପୁଲକ
ବଂଚିଛି ହୋଇଣ ଶବ।

ସଚେତନ ହୋଇ ସଂଜ୍ଞାହୀନ ଭଳି
ଲାଗେ ମୋତେ ଅହରହ
ଶବ୍ଦ ସବୁ ନେଇ କବିତା ରଚିବା
ହେଲାଣି ସତେ ଦୁରୁହ।

ବିନା ଆଘାତରେ କ୍ଷତ ବିକ୍ଷତ ମୁଁ
ହୋଇ ଯନ୍ତ୍ରଣା କାତର
ସବୁ ଆପଣାର ଲାଗନ୍ତି ସତେକି
ହୋଇଯାଇଛନ୍ତି ପର।

ସୁନେଲି ସପନ ହୋଇ ହୀନିମାନ
ଲୋଟନ୍ତି ସମୟ ବୁକେ
ଅମା ଅନ୍ଧକାରେ ଖୋଜେ ଏକାନ୍ତରେ
ରଙ୍ଗ ବିହୀନ ପୁଲକେ।

+ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨

## ଅଶାନ୍ତ ସମସ୍ତେ...

ତପନ କୁମାର ସାହୁ

ଆକାଶ ଅଶାନ୍ତ ଆଜି
ଖୋଜିବାରେ ଜହ୍ନର ଠିକଣା
ମେଘରୁ ମାଘ
ଦେହରୁ ଦାଗ
ରଙ୍ଗରୁ ଇନ୍ଦ୍ରଧନୁ ଯାଏଁ ।

ପବନ ଅଶାନ୍ତ ଆଜି
ସୁଗନ୍ଧି ପଛରେ
ଖୋଜି ବୁଲେ
ମଲ୍ଲିରୁ ଗୋଲାପ
ଯାଇରୁ ସେବତୀ
ପୂଜାରୁ ମନ୍ଦିର ଯାଏଁ ।

ସମୁଦ୍ର ଅଶାନ୍ତ ଆଜି
ଶାନ୍ତି ଟିକେ ପାଇଁ
ଖୋଜିବୁଲେ ସେ
କୂଳରୁ ମହାକୂଳ
ଦୀପରୁ ମହାଦୀପ
ପାହାଡ଼ର ଅନ୍ତଦେଶରୁ
ମାଟିର ପାଦଦେଶ ଯାଏଁ ।

ହୃଦୟ ଅଶାନ୍ତ ଆଜି
ଖୋଜିବାରେ ସ୍ଥାୟିତ୍ୱ ଠିକଣା
ଗାଁରୁ ସହର
ଦେଶରୁ ବିଦେଶ
ସୀମାରୁ ପରିସୀମା ଯାଏଁ ।

ମୁଁ କିନ୍ତୁ ଅଶାନ୍ତ ଆଜି
ଖୋଜିବାରେ ମିଠା ଶବ୍ଦଟିଏ
ନିଦରୁ ସପନ
ହୃଦୟରୁ ସ୍ପନ୍ଦନ
ଗଗନରୁ ପବନ ଯାଏଁ ।

+ବେଲଗାଁ, କଳାହାଣ୍ଡି

## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

### ଭାଗ-୧୮

ଆଚାର୍ଯ୍ୟଙ୍କର ମଧ ଥିଲା ବିସ୍ମୟ ଦୃଷ୍ଟି । ଆମ ଭିତରୁ ଅର୍ଜୁନ କେବଳ ଜାଣିଥିଲେ ସୂଚୀ ବାଣର ପ୍ରୟୋଗର କୌଶଳ । ହେଲେ ଅରଣ୍ୟ ମଧ୍ୟରେ ଏଭଳି କିଏ ବୀର ଅଛି ଯିଏ ଶିଖିଥିଲା ଏ ବିଦ୍ୟା । ଆମେ ସମସ୍ତେ ଉତ୍କଣ୍ଠାର ସହ କୁକୁରଟିର ପଛରେ ଚାଲିଥିଲୁ । ଯାହା ଦେଖିଲୁ ସେଥିରେ ଆମର ଆଖି ଖୋସି ହୋଇଗଲା । ଘନ ଜଂଗଲ ମଧ୍ୟରେ ନିଷାଦଟିଏ ଧ୍ୟାନମଗ୍ନ ହୋଇ ପ୍ରାର୍ଥନା କରୁଥିଲା । ପର୍ଣ୍ଣକୁଟୀର ମଧ୍ୟରେ ରହିଥିଲା ନାନାପ୍ରକାର ଶରବାଣ । କୃଷ୍ଣକାୟ ବଳିଷ୍ଠ ବପୁ ବିଶିଷ୍ଟ ଥିଲେ ସେହି ନିଷାଦ କୁମାର । ଆମେ ସମସ୍ତଙ୍କ ଦୃଷ୍ଟି ଥିଲା ତାଙ୍କର ସେଇ ପର୍ଣ୍ଣକୁଟୀର ଭିତରକୁ । ଆଚାର୍ଯ୍ୟଙ୍କ ଡାକରେ ଆଖି ଖୋଲିଲେ ନିଷାଦ । ଗୁରୁଦେବଙ୍କ ଉଦ୍ଦେଶ୍ୟରେ ଭୂମିଷ୍ଠ ପ୍ରଣାମ ଜଣାଇଲା । କ୍ଷମା କରନ୍ତୁ ଗୁରୁଦେବ, ଏ ବାଣ ମୁଁ ହିଁ ବିଦ୍ଧ କରିଛି । ଗୁରୁଦେବଙ୍କ ପାଦପୂଜା କରୁଥିବାବେଳେ ସେ ମୋ ପୂଜାରେ ବ୍ୟାଘାତ ସୃଷ୍ଟି କରୁଥିଲା ବୋଲି ମୁଁ ହିଁ ତାକୁ ଏହି ବାଣମାରି ଶାସ୍ତି ଦେଇଛି । ଜାଣି ନଥିଲି ଏ କୁକୁର ଆପଣଙ୍କର ବୋଲି । ତେଣୁ ଅଜାଣତରେ ମୋ ଅପରାଧ କ୍ଷମା କରନ୍ତୁ । ଏଇ ମୁହୂର୍ତ୍ତରେ ପୁନଶ୍ଚ ବାଣ ପ୍ରୟୋଗ କରି ମୁଁ ତାର ମୁହଁକୁ ଖୋଲି ଦେଉଛି ।

ତାର ଉତ୍ତରରେ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲେ ଗୁରୁଦେବ ।

ତୁମେ ତେବେ ସୂଚୀବାଣର ପ୍ରୟୋଗ ବି ଜାଣ । ଖୋଲିବାର କୌଶଳ ମଧ୍ୟ ଜାଣ ?

ହଁ ଗୁରୁଦେବ । ସବୁକିଛି ଆପଣଙ୍କ ଦୟାରୁ ।

ମୋ ଦୟାରୁ । କିନ୍ତୁ ମୁଁ ଯେ ତୁମକୁ ଏ ଶିକ୍ଷା ଦେଇନି ।

କିନ୍ତୁ..... ମୁଁ ଯେ ଆପଣଙ୍କୁ ହିଁ ମୋ ଗୁରୁ ବୋଲି ମାନି ନେଇଛି । ଯାହାକିଛି ଶିଖିଛି ସବୁ ତ ଆପଣଙ୍କ କୃପାରୁ ।

ଧୀରେଧୀରେ ଗମ୍ଭୀର ହୋଇ ଉଠୁଥିଲେ ଗୁରୁଦେବ । ତୁମେ କ'ଣ ତେବେ, ସେଦିନର ନିଷାଦ କୁମାର ଏକଲବ୍ୟ ।

ହଁ ଗୁରୁଦେବ । ଆପଣ ମୋତେ ଠିକ୍ ଚିହ୍ନିଛନ୍ତି । ମୁଁ ସେଇ ଅଭାଗା ଶିଷ୍ୟ ଏକଲବ୍ୟ । ମାନୁଛି, ଆପଣ ମୋତେ ସେଦିନ ପ୍ରତ୍ୟାଖ୍ୟାନ କରି ଫେରାଇ ଦେଇଥିଲେ । କିନ୍ତୁ ମୁଁ ତ ଆପଣଙ୍କୁ ଗ୍ରହଣ କରି ନେଇଥିଲି । ମୋର ତେଣୁ ଦ୍ୱିତୀୟ ଗୁରୁର ଆବଶ୍ୟକତା ପଡ଼ି ନଥିଲା ।

ଏଇ ଦେଖିବେ ଆସନ୍ତୁ । ମୋର ଜୀର୍ଣ୍ଣଶୀର୍ଣ୍ଣ ପର୍ଣ୍ଣକୁଟୀର ମଧ୍ୟରେ କେମିତି ଆସୀନ ହୋଇଛନ୍ତି ମୋର ଗୁରୁଦେବ । ତାଙ୍କରି ସମ୍ମୁଖରେ ମୁଁ ଅସ୍ତ୍ରଚାଳନା ଶିକ୍ଷା କରିଛି । ନିତିଦିନ ତାଙ୍କରି ପୂଜାର୍ଚ୍ଚନା କରିଛି । କେତେଦୂର ସିଦ୍ଧି ମିଳିଛି । ତାହା ମୁଁ ଜାଣେନା ।

ଗୁରୁଦେବଙ୍କ ସହ ଆମେ ସମସ୍ତେ ପର୍ଣ୍ଣକୁଟୀର ମଧ୍ୟରେ ପ୍ରବେଶ କଲୁ । କାହାରି ମୁହଁରେ ଭାଷା ନଥିଲା । ଚତୁର୍ଦ୍ଦିଗର ପରିବେଶ ଥିଲା ନିରବ । ଏ କ'ଣ ଦେଖୁଛୁ ଆମେ । ସୁଉଚ୍ଚ ପଥର ଆସନ ଉପରେ ଆସୀନ ଗୁରୁଦେବଙ୍କ ଅବିକଳ ମୃଣ୍ମୟ ପ୍ରତିମୂର୍ତ୍ତି । ଆଖିକୁ ବିଶ୍ୱାସ କରି ହେଉନଥାଏ । ଠିକ୍ ସେଇ ମୁହଁ, ଶ୍ମଶ୍ରୁ ସବୁ ଠିକ୍‌ଠାକ୍ ଥିଲା । ପର୍ଣ୍ଣକୁଟୀର ମଧ୍ୟରେ ବିରାଜମାନ କରିଥିଲେ ସ୍ୱୟଂ ଗୁରୁଦେବ । ନିଜର ପ୍ରତିମୂର୍ତ୍ତି ଆଡ଼କୁ ଅନାଇ ଗମ୍ଭୀର ହୋଇଯାଇଥିଲେ ଆଚାର୍ଯ୍ୟ ।

ଏହା ମଧ୍ୟରେ ଏକଲବ୍ୟ ଆଉ ଏକ ବାଣ ନିକ୍ଷେପ କରି କୁକୁରଟିର ମୁହଁକୁ ଖୋଲି ଦେଇଥିଲା । ଆମେ ସମସ୍ତେ ଏକଲବ୍ୟଙ୍କ ଆଡ଼କୁ ଏକଦୃଷ୍ଟିରେ ଅନାଇ ରହିଥିଲୁ । ମନେମନେ କହୁଥିଲୁ ଧନ୍ୟ ଏକଲବ୍ୟ ଧନ୍ୟ ତୁମର ନିଷ୍ଠା ଓ ଭକ୍ତି ।

ଗୁରୁଦେବଙ୍କ ପ୍ରତିମୂର୍ତ୍ତି ଆଗରେ ଶରଭ୍ୟାସ କରି ସେ ପାଇଛି ସିଦ୍ଧି । କିନ୍ତୁ ବାସ୍ତବରେ ଏକଲବ୍ୟ ତ ନିଜେ ହିଁ ନିଜର ଗୁରୁ । ନିଜର ଭକ୍ତିଭାବ, ନିଷ୍ଠା, ଧୈର୍ଯ୍ୟ, ଆତ୍ମବିଶ୍ୱାସ ହିଁ ତାଙ୍କୁ ଆଜି ବଡ଼ କରିଛି । ଆଶ୍ଚର୍ଯ୍ୟ ଲାଗୁଥିଲା ଆମେ ଏତେଦିନ ଧରି ଆଚାର୍ଯ୍ୟଙ୍କ ଅତି ନିକଟରେ ଥାଇ ଯାହା ଶିଖି ନ ପାରିଥିଲୁ ଏକଲବ୍ୟ ପ୍ରତିମୂର୍ତ୍ତି ସାମନାରେ ଅସ୍ତ୍ରଶିକ୍ଷା କରି ଏଥିରେ ସଫଳ ହୋଇପାରିଛି । ଏ କ'ଣ କମ୍ ଗୌରବର କଥା ନୁହେଁ କି ?

ହଠାତ୍ ଆଚାର୍ଯ୍ୟଙ୍କ ମୁହଁରେ ଖେଳିଗଲା ବିଷଣ୍ଣତାର ଭାବ । ଖୁବ୍ କଠୋର ଲାଗୁଥିଲା ତାଙ୍କ ଭାବଭଂଗୀ । ଏକଲବ୍ୟଙ୍କ ଆଡ଼େ ତୀର୍ଯ୍ୟକ୍ ଦୃଷ୍ଟିହାଣି ଗୁରୁଦେବ କହୁଥିଲେ, ଏକଲବ୍ୟ, ମୁଁ ଯଦି ତୁମରି ଗୁରୁ, ତେବେ ତୁମର ଶିକ୍ଷା ଏ ଯାଏ ସମାପ୍ତ ହୋଇନି

କାହିଁକି ଗୁରୁଦେବ

କାହିଁକି ଜାଣିନ ପୂର୍ଣ୍ଣାଙ୍ଗ ଶିକ୍ଷାପାଇଁ ଗୁରୁଙ୍କୁ ଦକ୍ଷିଣା ଦେବାକୁ ପଡ଼େ ।

ହେଲେ ଆପଣ ତ ଏଯାଏଁ ଦକ୍ଷିଣା ମାଗିନାହାନ୍ତି । କୁହନ୍ତୁ ମୋ ଠାରୁ କ'ଣ ଦକ୍ଷିଣା ଚାହାଁନ୍ତି ।

ପୁଣି ତୁମର ସେଇ ଆସ୍ପର୍ଦ୍ଧା ଛୋଟ ମୁହଁରେ ବଡ଼କଥା ।

ମୋ ଗୁରୁଦକ୍ଷିଣା କ'ଣ ଦେଇପାରିବାର ଯୋଗ୍ୟତା ଅଛି ତୁମର ।

ଥରେ ମାଗି ଦେଖନ୍ତୁ । ଆପଣଙ୍କୁ ମୋର ଅଦେୟ ବୋଲି କିଛି ନାହିଁ । ଏକାଧାରରେ ଆପଣ ହିଁ ମୋର ଗୁରୁ, ଈଶ୍ୱର, ଦେବତା, ଦରକାର ପଡ଼ିଲେ ମୋ ଶିର ମଧ୍ୟ ଆପଣଙ୍କ ପଦତଳେ ଅଜାଡ଼ି ଦେଇପାରେ । ଏତକ କହି ଗୁରୁଦେବଙ୍କ ଉଦ୍ଦେଶ୍ୟରେ ମଥାନତ କରିଦେଲା ଏକଲବ୍ୟ ।

ଭଲଭାବେ ଚିନ୍ତା କରି ଦେଖ, ଏକଲବ୍ୟ । ମୁହଁରେ କହିବାଟା ଯେତେ ସହଜ, କାମରେ ସେତେଟା ସହଜ ନୁହେଁ । ତେଣୁ ସ୍ଥିର ଚିତ୍ତରେ ଭାବିଦେଖ । ସେଦିନ ମୁଁ ତୁମକୁ ଶିଷ୍ୟରୂପେ ଗ୍ରହଣ ନକରି ଫେରାଇ ଦେଇଥିଲି । ତେଣୁ ଆଜି ବି ତୁମେ ମୋତେ ଗୁରୁଦକ୍ଷିଣା ନଦେଇ ଫେରାଇ ଦେଇପାର । ସେଥିରେ ମୋର ଆପତ୍ତି ନାହିଁ । କିନ୍ତୁ, ମାଗି ସାରିବା ପରେ ଯଦି ଦେଇ ନପାର ।

ଏକଲବ୍ୟ ମୁହଁରେ ପ୍ରସନ୍ନତାର ଝଲକ । ମୋତେ ପରୀକ୍ଷା କରୁଛନ୍ତି ଗୁରୁଦେବ । ଏତିକି ମନେରଖନ୍ତୁ ନୀଚକୁଳ ଜନ୍ମହେଲେ ମଧ୍ୟ ଏକଲବ୍ୟ ନୀଚ ନୁହେଁ, ହୀନ ନୁହେଁ । ସତ୍ୟଭଂଗ କରିବା ବ୍ୟକ୍ତି ନୁହେଁ । ଖାଲି ଆଦେଶ ଦିଅନ୍ତୁ କ'ଣ ଦେବି ଆପଣଙ୍କୁ । ମୋ ପ୍ରାଣ ସୁଦ୍ଧା ଆପଣଙ୍କ ହାତରେ ଟେକି ଦେବାକୁ ମୁଁ ପ୍ରସ୍ତୁତ ଅଛି ଗୁରୁଦେବ, ଖାଲି ଆଜ୍ଞା ଦିଅନ୍ତୁ ।

ଆମେ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଶୁଣୁଥିଲୁ ସେମାନଙ୍କ ଦୁହିଁଙ୍କ କଥାବାର୍ତ୍ତାକୁ । ଭାବୁଥିଲୁ କ'ଣ ଆଉ ମାଗିବେ ଗୁରୁଦେବ । ଶିଷ୍ୟ ଭାବେ ସେ ସନ୍ତୁଷ୍ଟ ମନରେ ଯାହାଦେବ ତାକୁ ହିଁ ଗ୍ରହଣ କରିନେବା ଜଣେ ଆଦର୍ଶ ଗୁରୁର ଧର୍ମ । ଅଥଚ ଏକଲବ୍ୟଙ୍କୁ ଗୁରୁଦେବ ଏ କ'ଣ କହୁଛନ୍ତି । ଜଣେ ନିଷାଦ କୁମାରଙ୍କ ଠାରୁ ଏମିତି ଆଉ କେଉଁ ଦକ୍ଷିଣା ସେ ଆଶା କରୁଛନ୍ତି । ଉତ୍ସୁକତାର ସହିତ ଆମେ ଅପେକ୍ଷା କରୁଥିଲୁ । ଗୁରୁଦେବ କ'ଣ ମାଗିବେ ଏକଲବ୍ୟଙ୍କୁ । ମୁଣ୍ଡତଳକୁ କରି ଏକଲବ୍ୟ ମଧ୍ୟ ଅପେକ୍ଷା କରିଥିଲା ଗୁରୁଦେବଙ୍କ ଆଦେଶକୁ ।

ମୋତେ ଦକ୍ଷିଣା ଦେବାକୁ ତୁମେ ଯଦି ପ୍ରତିଜ୍ଞାବଦ୍ଧ ତେବେ ଦିଅ । ତୁମ ଡାହାଣ ହାତର ବୁଢ଼ା ଆଙ୍ଗୁଳି ମୋତେ ଦକ୍ଷିଣା ସ୍ୱରୂପ ଦାନକର ।

ଗୁରୁଦେବଙ୍କ ଏହି ଆଦେଶରେ କ୍ଷଣିକରେ ଯେମିତି ଏକ ଶରାଘାତ ହୋଇଗଲା । ଯାହା ଆମ ସମସ୍ତଙ୍କର ଶରୀରକୁ ସତେଯେମିତି ବିଦ୍ଧ କଲା । ମୋର ଯେମିତି ମନେହେଲା ଗୁରୁଦେବ କେବଳ ଏକଲବ୍ୟଙ୍କୁ ନୁହେଁ ଆମ୍ଭମାନଙ୍କୁ ବି ଏପରି ନିଷ୍ଠୁର ଦକ୍ଷିଣା ମାଗୁଛନ୍ତି ।

ଆହୁରି ଆଶ୍ଚର୍ଯ୍ୟ କରିଦେଲା ଆମକୁ ଏକଲବ୍ୟଙ୍କ ନିଷ୍ଠା ଦେଖି, ଗୁରୁବାକ୍ୟ ଶେଷହେବା ମାତ୍ରକେ ହସିହସି ଏକଲବ୍ୟ ତୀକ୍ଷ୍ଣ ଛୁରିକାରେ ନିଜର ବୁଢ଼ା ଆଙ୍ଗୁଳିକୁ କାଟି ଦ୍ରୋଣାଚାର୍ଯ୍ୟଙ୍କ ପଦତଳେ ଥୋଇଦେଲେ । କଟା ଅଂଗରୁ ତାଙ୍କର ଝରି ଯାଉଥିଲା ରକ୍ତ ।

ଏ ଦୃଶ୍ୟକୁ ଛିଡ଼ାହୋଇ ଦେଖିବା ଆମପାଇଁ ଅସହ୍ୟ ହୋଇପଡୁଥିଲା । ଭାବିପାରୁ ନଥିଲି, ଏକ ନିରୀହ ଶିଷ୍ୟ ପ୍ରତି ଗୁରୁଦେବଙ୍କ ଏ କି ପ୍ରକାର ନ୍ୟାୟ । ଏହା ଦକ୍ଷିଣା ନା ଚରମ ଦଣ୍ଡବିଧାନ ।



କି ନିଷ୍ଠୁର ସତେ ଆମର ଗୁରୁଦେବ । ମୋର ଆଉ ଶୁଣିବାକୁ ଧୈର୍ଯ୍ୟ ନଥିଲା । ମୋର ଯେମିତି ମନେ ହେଉଥିଲା । ଗୁରୁଦେବ ଏକଲବ୍ୟଙ୍କୁ ନୁହେଁ, ମୋ ପ୍ରତି ଏଭଳି ଆଚରଣ କରୁଛନ୍ତି ।

ଏକଲବ୍ୟଙ୍କ ପ୍ରତି ସ୍ୱତଃ ମୋର ମୁଣ୍ଡ ନଇଁ ଯାଉଥିଲା । କି ମହାନ୍ ସତରେ ଏକଲବ୍ୟ ! ଧମନୀରେ ତାର ରାଜରକ୍ତ ସିନା ପ୍ରବାହିତ ହେଉନଥିଲା, ନହେଲେ ଗୁରୁଭକ୍ତିରେ ତା ସହ ତୁଳନା କରିହୁଏନି । ଯୁଗଯୁଗ ଧରି ନିଷାଦ କୁମାରଙ୍କର ଏ ଗୁରୁଭକ୍ତି ଇତିହାସ ବକ୍ଷରେ ଲିପିବଦ୍ଧ ହୋଇ ରହିଯିବ । ଏକ ଯୁଗାନ୍ତକାରୀ ଅଧ୍ୟାୟ ସୃଷ୍ଟି କରିବ । ଖାଲି ସେତିକି ନୁହେଁ, ସମଗ୍ର ନିର୍ଯ୍ୟାତିତ, ଶୋଷିତ ଜାତିପାଇଁ ଏକଲବ୍ୟର ଏହି ମହନୀୟ ତ୍ୟାଗ ଉଦ୍‌ଘୋଷିତ କରୁଥିବ । ଆଉ ଦ୍ରୋଣାଚାର୍ଯ୍ୟ ଜଣେ ଛଳ, କପଟ, ଅହଂକାରୀ ଗୁରୁ ଭାବେ କାଳକାଳକୁ ହେବେ କଳଙ୍କିତ । ସମଗ୍ର ଜଗତ ତାଙ୍କୁ ଆଙ୍ଗୁଳି ଠାରି ଉପହାସ କରିବେ ।

ସୂର୍ଯ୍ୟ, ରଶ୍ମିର ଉତ୍ସ । କାହିଁ କେଉଁ ଅନାଦି କାଳରୁ ରଶ୍ମି ବିକିରଣ କରି ସେ ରଶ୍ମିଧର । ଯେତେ ଆଲୋକ ବାଣ୍ଟିଦେଲେ ବି ତାହା କେବେ ନିଃଶେଷ ହୁଏନି । ଏକଲବ୍ୟ ମଧ୍ୟ ନିଷାଦ ଜାତିର ଜଣେ ଜ୍ୟୋତିଷ୍ମାନ ଉତ୍ସ । ନିଜର ମହାନ୍ ତ୍ୟାଗ ଶାଶ୍ୱତ ଦୀପ୍ତିକୁ ପୁଞ୍ଜିଭୂତ କରି ଏକଲବ୍ୟ ଯେଉଁଠି ସୂର୍ଯ୍ୟସମ ତେଜିୟାନ୍ ହୋଇ ଉଦ୍‌ଭାସିତ ହେବେ, ସେଠି ଗୁରୁଦେବ ହେବେ ଉପହାସିତ । କାଳର ବକ୍ଷରେ କଳଙ୍କିତ । ଗୁରୁଦେବଙ୍କ କାର୍ଯ୍ୟକଳାପର ଠିକ୍‌ଭୁଲ୍ ନିର୍ଣ୍ଣୟ କରିବା ମୋର ଅନୁଚିତ । ତାଙ୍କର ଏହି କାର୍ଯ୍ୟାବଳୀ ପାଇଁ ଯୁଗଗୁଗ ଧରି ମହାନ୍ ହୋଇଗଲେ ଏକଲବ୍ୟ ।

ଦୁର୍ଯ୍ୟୋଧନ ଆଉ ମୋ ଭିତରେ ଏକଲବ୍ୟକୁ ନେଇ ବିତର୍କ ଚାଲିଥିଲା । ଗୁରୁଦେବ ଓ ଏକଲବ୍ୟ ମଧ୍ୟରେ କିଏ ମହାନ୍ ତାହାହିଁ ଥିଲା ଆମର ଯୁକ୍ତି । କିନ୍ତୁ, ଆମେ ଦୁହେଁ ତ ଗୁରୁଙ୍କ ଶିଷ୍ୟ । ଆଉ ଶିଷ୍ୟ ଭାବରେ ଗୁରୁଙ୍କ ପ୍ରତି ବଡ଼, ସାନ ବାଛବିଚାର କରିବା ଆମ ପକ୍ଷରେ ଶୋଭନୀୟ ନୁହେଁ ।

ଏକଲବ୍ୟର ବର୍ଣ୍ଣନା ସାରି ଦୁର୍ଯ୍ୟୋଧନ ମୋ ମୁହଁକୁ ଚାହିଁଲେ ।

ତୁମେ କିଛି କହୁନ ଯେ ଚୁପ୍‌ଚାପ୍ କ'ଣ ଏମିତି ଭାବୁଛ ।

ଜାଣ ମିତ୍ର, ଗୁରୁଦେବଙ୍କ ଏହି ଦକ୍ଷିଣା ମାଗିବା ପଛରେ କିଛି ଉଦ୍ଦେଶ୍ୟ ଥିଲା । ତୁମେ ତ ଜାଣ ଅର୍ଜୁନ ହିଁ ତାଙ୍କର ପ୍ରିୟ ଶିଷ୍ୟ । ଆଉ ଧନୁର୍ବିଦ୍ୟାରେ ଅର୍ଜୁନଙ୍କୁ କେହି ଟପିଯାଉ ଏହା ସେ ଚାହୁଁ ନଥିଲେ । ତେଣୁ ଏକଲବ୍ୟଙ୍କୁ ଏପରି ଏକ ଦୁର୍ଲଭ ଦକ୍ଷିଣା ମାଗି ତାର ଶକ୍ତିହରଣ କରିନେଲେ ।

ବିଚରା, ବିନା ପ୍ରତିବାଦରେ ଗୁରୁଦେବଙ୍କ ଏହି ନିଷ୍ଠୁରତାକୁ ସ୍ୱୀକାର କରିନେଲା ସିନା, ନହେଲେ ଏକଲବ୍ୟ ହିଁ ହୋଇଥାନ୍ତେ ଶ୍ରେଷ୍ଠ ଧନୁର୍ଦ୍ଧାରୀ ।

ଦୁର୍ଯ୍ୟୋଧନଙ୍କ କଥାକୁ ମୁଁ ଆଉ ଶୁଣିପାରୁ ନଥିଲି । ମୋ ଧମନୀରେ ରକ୍ତ ଜମାଟ ବାନ୍ଧି ଆସୁଥିଲା । ପ୍ରତିଶୋଧର ନିଆଁ ଜଳି ଉଠୁଥିଲା ମୋ ଅନ୍ତର ତଳେ । ଭାବୁଥିଲି ସମୟ ଆସିଲେ ଦେଖାଇଦେବି, ଅର୍ଜୁନଙ୍କ ସମକକ୍ଷ ଯୋଦ୍ଧା କେହି ନା କେହି ବଞ୍ଚି ରହିଛି ଏ ପୃଥିବୀରେ ।

ପରକ୍ଷଣରେ ମନ ମୋର ବିଷଣ୍ଣତାରେ ଭରି ଉଠୁଥିଲା । ମୁଁ ବି ତ ସୂତପୁତ୍ର । ତେଣୁ ନୀଚକୁଳରେ ଜନ୍ମକୁ ନେଇ ବାଧା ସୃଷ୍ଟି କରୁଥିବା ପାଚେରିଟିକୁ ମୁଁ କ'ଣ ସହଜରେ ଭାଂଗିଦେଇ ପାରିବି ? ଦୁର୍ଯ୍ୟୋଧନ ମଧ୍ୟ ମୋ ସହ ଏକମତ ହୋଇ ବିଷୋଦ୍‌ଗାର କରୁଥିଲେ ଗୁରୁଦେବଙ୍କ ପ୍ରତି ।

ସେଦିନ ଦୁର୍ଯ୍ୟୋଧନ ଆଉ ମୋ ଭିତରେ ଆଲୋଚନା ସେତିକିରେ ଅଟକିଗଲା । ଏକଲବ୍ୟ ପାଇଁ ଆମ ମନ ଅସ୍ଥିର ହୋଇ ଉଠୁଥିଲା । ଆଶ୍ରମ ପାଖାପାଖି ପହଞ୍ଚି ସାରି ବି ଆମେ ଦୁହେଁ ଠିଆ ହୋଇ ଆଲୋଚନାରେ ମାତିଥିଲୁ । ଦୁର୍ଯ୍ୟୋଧନ ମୋ ଠାରୁ ବିଦାୟ ନେଇ ଯିବାପରେ ମୁଁ ମୋ କୋଠରିକୁ ଫେରି ଆସିଲି । ହେଲେ ଆଖିକୁ ମୋର ନିଦ ଆସୁ ନଥିଲା । ମୋ ଆଖି ଆଗରେ ଭାସି ଉଠୁଥିଲା କେବଳ ଏକଲବ୍ୟର ପ୍ରତିଚ୍ଛବି ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

# ସମ୍ପର୍କର ରଙ୍ଗ

## ଆପଣ ବିରକ୍ତ ହେଉଛନ୍ତି କି ?

ଶ୍ୱେତା ରାଉତ୍



ଆମକୁ କାହାର କଥା ବା ବ୍ୟବହାର ବିରକ୍ତ ଲାଗିପାରେ । କାହାର ବାରମ୍ବାର ଅନାବଶ୍ୟକ ଫୋନ୍ ଆମକୁ ବିରକ୍ତ କରିପାରେ । ଆମେ ପେପର ପଢିବା ବେଳେ, ପୂଜା କରିବା ବେଳେ, ଫୋନରେ କଥା ହେବାବେଳେ ଆମ ପାଖରେ କେହି ଖୁବ୍ ଜୋର୍ ସାଉଣ୍ଡ୍ ଦେଇ ମ୍ୟୁଜିକ୍ ବଜେଇଲେ ଆମେ ବିରକ୍ତ ହୋଇଯାଆନ୍ତି । ବାରମ୍ବାର ମନା କରିବା ସତ୍ତ୍ୱେ କେହି ସାହାଯ୍ୟ ମାଗିଲେ ବିରକ୍ତ ହୋଇଯାଆନ୍ତି । ଟିଭିରେ ମୁଭି ବା ସିରିଏଲ ଦେଖିବା ବେଳେ କେହି ଡିଷ୍ଟର୍ବ କଲେ, ଆମକୁ ପସନ୍ଦ ନଥିବା ଖାଦ୍ୟ ବାରମ୍ବାର ଖାଇବାକୁ ଦେଲେ, ଅଫିସରୁ ବାରମ୍ବାର ଫୋନ୍ ଆସିଲେ ବହୁତ ବିରକ୍ତ ହୁଅନ୍ତି । ବେଳେବେଳେ ଅଧିକ ଗରମ ହେଲେ, ଅଧିକ ବର୍ଷା ହେଲେ, ଅଧିକ ଶୀତ ହେଲେ ବି ଆମେ ପ୍ରକୃତି ଉପରେ ଚିଡି ଯାଆନ୍ତି ବା ବିରକ୍ତ ହୁଅନ୍ତି । ଆମେ ଚାହାନ୍ତି ପାଣିପାଗ ବି ଆମ ହିସାବରେ ହେଉ । ଆମ ବିରକ୍ତିଭାବ ପାଇଁ ସବୁବେଳେ ଆମେ ଅନ୍ୟକୁ ଦୋଷ ଦିଅନ୍ତି । କେବେ ଭାବିଛନ୍ତି କି ଆମକୁ କେହି ବିରକ୍ତ କରେ ନା ଆମେ ନିଜେ ବିରକ୍ତ ହୁଅନ୍ତି ?

ଆପଣ ଯେତେବେଳେ ଗୋଟେ ଜଙ୍ଗଲରେ ଯାଉଛନ୍ତି ଅନେକ ପଶୁ ପକ୍ଷୀ, ଜୀବ-ଜନ୍ତୁଙ୍କ ଶବ୍ଦ ଶୁଭୁଛି । ରାସ୍ତାରେ ଯାଉଛନ୍ତି ତ ଗାଡି ମଟରଠୁ ଆରମ୍ଭ କରି ଡିସ୍କୋ ଡିଜେ ସାଉଣ୍ଡ୍ ବି ଶୁଭୁଛି, ସେତେବେଳେ ଆପଣ ଏତେ ଅଧିକ ବିରକ୍ତ ହୁଅନ୍ତି ନାହିଁ କାରଣ ବାହାରୁ ସାମୂହିକ ଭାବେ ଆପଣଙ୍କୁ ବିରକ୍ତ କରୁଥିବା ଶବ୍ଦ ବା ମ୍ୟୁଜିକକୁ ଆପଣ ରୋକି ପାରିବେନାହିଁ ତେଣୁ ନିଜ ମନକୁ ସ୍ଥିର ରଖି ନିଜ କାମରେ ଲାଗି ରୁହନ୍ତ । ତେବେ ଘରେ ଯଦି ସେମିତି ଅଧିକ ମ୍ୟୁଜିକ ଆପଣଙ୍କ ପାଖରେ ବାଜେ, ବିରକ୍ତ ହୁଅନ୍ତି କାହିଁକି, ମନକୁ କାହିଁକି ନିୟନ୍ତ୍ରିତ କରିପାରନ୍ତି ନାହିଁ ?

ଅଫିସରେ କାମ କଲାବେଳେ ମାଲିକ ବାରମ୍ବାର ଚାମ୍ବରକୁ ଡାକି ଆଜେବାଜେ କଥା କହି ସମୟ ନଷ୍ଟ କଲେ ବି ଆପଣ ବିରକ୍ତ ହୋଇପାରନ୍ତିନି କାରଣ ଆପଣଙ୍କ ମନ ଏହା ବୁଝିଯାଇଛି ଯେ, ବସ୍‌ଙ୍କୁ କିଛି ବିରକ୍ତ ହୋଇ କହିଲେ ଚାକିରି ଚାଲିଯିବ । ତେଣୁ ଚାକିରି ବଞ୍ଚେଇବାକୁ ନୀରବରେ ସବୁ ସହି ଯାଆନ୍ତି ଅଥଚ ଘରେ ଟିଭି କିମ୍ବା ମୋବାଇଲ ଦେଖିବାବେଳେ ଯଦି କେହି ଡାକିଦିଏ ଆପଣ ବିରକ୍ତ ହୋଇଯାଆନ୍ତି । ଘରେ ଅଯଥା ଅସନ୍ତୋଷ ସୃଷ୍ଟି ହୁଏ । ସେତେବେଳେ ବି ମନକୁ ସ୍ଥିର ରଖି ସମ୍ପର୍କ ସୁନ୍ଦର କରିପାରନ୍ତେ ।

ବେଳେବେଳେ ଆପଣ ଭୋଜିକୁ ଯାଆନ୍ତି, ଉପହାର ବା ଶୁଭେଚ୍ଛା ସ୍ୱରୂପ କିଛି ଟଙ୍କା ବା ସୁନା ଜିନିଷ ଦିଅନ୍ତି, ସେଠି ଭୋଜିର ଖାଇବା ଆପଣଙ୍କୁ ଆଦୌ ଭଲ ଲାଗେନାହିଁ ତେଣୁ ନ ଖାଇ ଫେରି ଆସନ୍ତି,ଅଥଚ ଘରେ ଖାଇବା ଭଲ ନଲାଗିଲେ ବିରକ୍ତ ହୋଇ କିଛି ବି କହିଯାଆନ୍ତି । ଛୋଟ କଥାକୁ ନେଇ ତୁମୁଳ କାଣ୍ଡ ହୋଇଯାଏ । ପତି ପତ୍ନୀଙ୍କ ଭିତରେ କଳି ଲାଗିଯାଏ ।

ବିରକ୍ତିଭାବ ଅନେକ ସମ୍ପର୍କ ନଷ୍ଟ କରିଦିଏ । ଆମ ଚାରିପଟେ ଯାହା ସବୁ ଆମକୁ ବିରକ୍ତ କରେ ସେସବୁ ସେମାନଙ୍କ ସଂସ୍କାର ବା ଧର୍ମ । ଆମେ ଯଦି ଆମ ମନକୁ ଆମ ଅଧିନରେ ରଖି ନୀରବ ରହି ପାରୁନାହାନ୍ତି, ବିରକ୍ତ ହେଉଛନ୍ତି ତେବେ ଆମକୁ ଭଲ ଲାଗିବା ପାଇଁ ଅନ୍ୟମାନେ କାହିଁକି ଆମ ଅନୁସାରେ ରହିବେ ! କିଏ ଆମ କଥା ନଖିଲେ, କିଏ ଧୋକା ଦେଲେ, କିଏ ଖୁବ୍ ଯୋରରେ ମ୍ୟୁଜିକ ବଜେଇଲେ, ଟିଭି ଦେଖିବା ବେଳେ କେହି ପାଟି କଲେ, କେଉଁ ପଡୋଶୀ ମଦ ପିଇ ଗାଳି ଗୁଲଜ କରୁଥିଲେ ଆମେ କାହିଁକି ବିରକ୍ତ ହୁଅନ୍ତି ? ଏସବୁ ତ ବାହାରେ ଘଟେ କିନ୍ତୁ ଆମ ମନ ଆମ ଭିତରେ ଖୁବ୍ ନିରାପଦରେ ଥାଏ । ଆମେ ବାହାର ପରିସ୍ଥିତିକୁ ମନକୁ ନେଇ ବିରକ୍ତ ହେବା କାହିଁକି ? ପରିସ୍ଥିତି ଛୋଟ ହେଉ କି ବଡ ମନତ ଗୋଟେ ନା ! ତେବେ ମନ ଏତେ ପାର୍ଥକ୍ୟ ଦେଖି ବିରକ୍ତ ହୁଏ କାହିଁକି ।

ଆମେ ନ ଚାହିଁଲେ କିଛି ବି ଆମ ମନ ଭିତରକୁ ଜବରଦସ୍ତ ପଶି ପାରିବନାହିଁ । ଯାହା ସବୁ ଆପଣଙ୍କୁ ବିରକ୍ତ କରୁଛି ତାକୁ ଆପଣ ଅଣଦେଖା କରନ୍ତୁ । ନିଜ ମନକୁ ସ୍ଥିର ଓ ସକାରାତ୍ମକ ଉର୍ଜାଯୁକ୍ତ କରନ୍ତୁ । ଆମ ମନକୁ ଆମେ ବୁଝେଇ ପାରିଲେ ସବୁ ସମ୍ପର୍କ ସୁନ୍ଦର ରହିବ, ବିରକ୍ତିଭାବ ରହିବନାହିଁ ।

+ରାଉତ୍ କମ୍ପ୍ଲେକ୍ସ, କଟକ ରୋଡ୍,
ଭୁବନେଶ୍ୱର-୬
(ମୋ) ୯୪୩୯୭୨୬୦୬୦

# ଆଜିର କବିତା

## ଫମ୍ପା ମାଠିଆର ଶବଦ ବେଶି...

ଶାନ୍ତିଲତା ପଣ୍ଡା



ଗରଜିଲା ମେଘ ଦେଖିଛକି କେବେ
ବରଷିଥାଏ ତା ପାଣି,
ଭୁକିଲା କୁକୁର ଭୁକି ଭୁକି ସିନା
ନୀରବେ ରହଇ ତୁନୀ ।

ଦଣ୍ଡିକିରି ମାଛ ଗଣ୍ଡୁଷ ଜଳରେ
ଫରଫର ହୋଇଥାଏ,
ରୋହୀ ମାଛ ପୁଣି ଜଳରେ ବୁଡିଣ
ଚୁପଚାପ୍ ରହିଥାଏ ।

ଫଳିଥିବା ବୃକ୍ଷ ନିମ୍ନଗାମୀ ହୁଏ
ଫଳଶୂନ୍ୟ ଉର୍ଦ୍ଧ୍ୱମୁଖ,
ଗୁଣୀଜନ ସଦା ନମ୍ରତା ପ୍ରତୀକ
ଉପରେ ଭାଷନ୍ତି ମୂର୍ଖ ।

ଭାଷଣ ଚାତୁରୀ ଦେଖାନ୍ତି ଅନେକ
କାର୍ଯ୍ୟକ୍ଷେତ୍ରେ ହୁଏ ଶୂନ,
ଲୋକଦେଖାଣିଆ ଆଜିର ସମାଜେ
ଅଛନ୍ତି ଅନେକ ଜନ ।

ଚହଟ ଚିକଣ ଉପରର ରଙ୍ଗ
ମାରନ୍ତି କେତେ ଷ୍ଟାଇଲ,
ଅନ୍ତରେ ଭରା କେତେ କୁଟିଳତା
ଦେଖାନ୍ତି ବାକ ଚାତୁରୀ ।

ସାମର୍ଥ୍ୟ ନ ଥାଇ ଦେଖାନ୍ତି ବଡିମା
କଥାରେ ଟଳେ ପାହାଡ଼,
ଅନ୍ୟର ସୁଗୁଣ ଚିନ୍ତେନା ମନରେ
ନିଜକୁ ଭାବଇ ବଡ଼ ।

ଗୁଣୀ ଜନ ସିନା ଗୁଣକୁ ଚିହ୍ନନ୍ତି
ଅଜ୍ଞାନ ବୁଝିବେ କାହୁଁ,
ବଣିଆ ଚିହ୍ନଇ ସୁନାକୁ ପରାସେ
ତାସରି କିଏବା ଆଉ ।

ଅହଂ ସ୍ୱାର୍ଥ ହିଂସା ଯା ହୃଦେ ଭରିଛି
ସେ କେଉଁ ମଣିଷରେ ଗଣା,
ଆତ୍ମ ବଡିମାକୁ ବଖାଣି ବସନ୍ତି
ନ ଥାଏ କିଛି ଡାରିମା ।

ଫମ୍ପା ମାଠିଆର ଶବଦତ ବେଶି
ପୂର୍ଣ୍ଣ କୁମ୍ଭ ଥାଏ ସ୍ଥିର,
ଗୁଣୀ ଜ୍ଞାନୀ ଜନ ଯଶ ଅରଜନ୍ତି
କ୍ଷଣସ୍ଥାୟୀ ଦୁନିଆର ।

+ବାଲେଶ୍ୱର

## ତୁମରି କବିତା...

କଲ୍ୟାଣୀ ନନ୍ଦ



ତୁମ କବିତାରେ କି'ଭାବ ଅଛି ଯେ
ବାର ବାର ପଢ଼ିଯାଏ
ନଦେଖି ତୁମକୁ ପାଶେ ଅଛ ବୋଲି
ଅନୁଭବେ ପାଇଯାଏ ।

କହିବି କେମିତି ସହିବି କେମିତି
ଦୁଃଖ ଏଇ ନିଃସଙ୍ଗତାର
କହିବି କାହାକୁ ମରମ ବ୍ୟାଥାକୁ
ଆଉ କେ' ଅଛି ନିଜର
ତୁମ ଗୀତି ସୁରେ
ଭିଜେ ମୋ ନୟନ
ହୃଦୟର ଝଡ଼ ବହେ
ବାର ବାର ପଢ଼ିଯାଏ ।

ଆପଣରୁ ତୁମେ ତୁମେରୁ ତୁ
ଯାହାକୁ ମୁଁ କହୁଅଛି
ଭିଡ଼ରୁ ବାହାରି ପଣତ କାନିରେ
ଅସରା ଲହ ପୋଛୁଛି
ଉଆଁସ ରାତିର
ଘନ ଅନ୍ଧାରରେ
ଜୋଛନାକୁ ଖୋଜୁଥାଏ
ତୁମ କବିତାରେ କି ଭାବ ଅଛି ଯେ
ବାର ବାର ପଢ଼ିଯାଏ ।

+ରାଜାବଗିଚା, ବାଲେଶ୍ୱର
ମୋ: ୭୦୦୮୩୭୩୨୪୯

## ଗାଲରେ ତୁମର ଲାଗିଛି ରଙ୍ଗ...

ସ୍ନିଗ୍ଧା ସାମନ୍ତରାୟ



ଫଗୁଣ ମଳୟେ ପ୍ରେମର ସମ୍ପର୍କ
ସପ୍ତ ରଙ୍ଗେ ଝଡ଼ ବର୍ଷା
ପ୍ରିୟଙ୍କ ହସ୍ତରେ ରଙ୍ଗର ପସରା
ପ୍ରୀତି ପ୍ରେମ ମଧୁ ତୃଷ୍ଣା ।

ଗାଲରେ ତୁମର ଲାଗିଅଛି ରଙ୍ଗ
ପ୍ରିୟା ମୋ ଲାଜେଇ ଗଲା
ଫଗୁଣ ସଞ୍ଜରେ ପ୍ରିୟ ଥିଲେ ପାଶେ
ରୂପା ଜହ୍ନ ହସୁଥିଲା ।

ପ୍ରେମର ଅବିରେ ଫଗୁଣ ନିଆରା
ପ୍ରୀତି ପୁଷ୍ପ ଗୀତ ଗାଏ
ମନର ତରଙ୍ଗ ପ୍ରଣୟର ରଙ୍ଗ
ଜୀବନ ସାଥିତ ସିଏ ।

ପ୍ରିୟତମ ରଙ୍ଗ ଗାଲରେ ଲାଗିଲେ
ସବୁ ରଙ୍ଗ ଲାଗେ ଫିକା
ଓଠରେ ଝରୁଥାଏ ହସ ଫରୁଆ
ସ୍ମୃତିର ମହଲେ ଏକା ।

ଗାଲରେ ତୁମର ଲାଗିଅଛି ରଙ୍ଗ
କାହ୍ନୁ ହସ୍ତେ ସାତ ରଙ୍ଗ
ଅଭିମାନୀ ରାଧା କହୁଛି କାହ୍ନୁକୁ
ଭରି ଦିଅ ପ୍ରାଣ ଅଙ୍ଗେ ।

ହରିହର ମିଳନ ରଙ୍ଗର ଖେଳତ



ରାସ ବସନ୍ତ ଅବିର
ଶାଶ୍ୱତ ପ୍ରେମର ମିଳନ ପରବ
ରାଧା ଗୋବିନ୍ଦ ଅମର ।

ଗାଲରେ ତୁମର ଲାଗିଅଛି ରଙ୍ଗ
ମଦନ ମୋହନ ସେତ
ସିଏ ପ୍ରାଣ ପ୍ରିୟତମ ପ୍ରତି ଜନ୍ମେ
ଭାବପ୍ରେମେ ବିମୋହିତ ।

+ଚୁନଭାଟି, ଗୋପାଳ ଗାଁ, ବାଲେଶ୍ୱର

# କଲେଜର ଜମିଜମା ସଂକ୍ରାନ୍ତୀୟ ସମସ୍ୟାର ତ୍ୱରିତ ସମାଧାନ ଉପରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଗୁରୁତ୍ୱାରୋପ

ଭୁବନେଶ୍ୱର,୧୯/୫ (ନି.ପ୍ର): ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଗୁଡ଼ିକର ଜମିଜମା ସଂକ୍ରାନ୍ତୀୟ ସମସ୍ୟାର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ ଉପରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଗୁରୁତ୍ୱାରୋପ କରିଛନ୍ତି । ଆଜି ଏହି ପରିପ୍ରେକ୍ଷୀରେ ଭର୍ଚୁଆଲ୍ ମାଧ୍ୟମରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ମନ୍ତ୍ରୀ ଡ. ସାହୁ ଅଧ୍ୟକ୍ଷତା କରିଥିବାବେଳେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକର ନିଜ ନାମରେ ଜମି ରେକର୍ଡ ନଥିବା କ୍ଷେତ୍ରରେ ନାକ୍ ମାନ୍ୟତା ସମେତ ବିଭିନ୍ନ ଅନୁଦାନ ମିଳିବାରେ ବାଧା ସୃଷ୍ଟି ହେଉଥିବା ଦୃଷ୍ଟିରୁ ଜମିଜମା ସଂକ୍ରାନ୍ତୀୟ ସମସ୍ୟାର ତୁରନ୍ତ ସମାଧାନ ହେବା ଆବଶ୍ୟକ । ଅନେକ ଅଗ୍ରଣୀ ମହାବିଦ୍ୟାଳୟର ଜମିଜମା ସଂକ୍ରାନ୍ତ ସମସ୍ୟା ଦୀର୍ଘ ଦିନ ହେଲା ସମାଧାନ ନହୋଇ ପଡ଼ି ରହିଥିବାବେଳେ ଆବଶ୍ୟକ ଭିତିଭୂମିର ବିକାଶ ହୋଇପାରୁନାହିଁ । ତେଣୁ, ଏ ଦିଗରେ ସମାଧାନର ପନ୍ଥା ନିର୍ଦ୍ଧାରଣ ହୋଇପାରିଲେ ମହାବିଦ୍ୟାଳୟଗୁଡ଼ିକର ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ । ଯେଉଁସବୁ ମହାବିଦ୍ୟାଳୟର ଜମିଜମା ସମସ୍ୟା ରହିଛି ସେହିସବୁ ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଜମିଜମାର ସ୍ଥିତାବସ୍ଥା ସଂପର୍କରେ ବିସ୍ତୃତ ବିବରଣୀ ବିଭାଗକୁ ପ୍ରଦାନ କରିବା ପରେ ଜମିଜମା ରେକର୍ଡ ନିୟମିତ କରିବା ଦିଗରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକ ନୀତିଗତ ନିଷ୍ପତି ଗ୍ରହଣ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

# ରାଜ୍ୟରେ କୋଭିଡ ମୃତ୍ୟୁ ତଥ୍ୟ ଲୁଚାଉଛନ୍ତି ସରକାର : ନିରଞ୍ଜନ ପଟ୍ଟନାୟକ



ଭୁବନେଶ୍ୱର,୧୯/୫ (ନି.ପ୍ର): ସମ୍ପ୍ରତି ରାଜ୍ୟରେ କରୋନା ମୃତ୍ୟୁକୁ ନେଇ ସାଙ୍ଘାତିକ ତଥ୍ୟ ଓଡ଼ିଶାବାସୀଙ୍କୁ ଗଭୀର ଭାବରେ ମର୍ମାହତ କରିଛି । ସରକାର ରାଜ୍ୟରେ କରୋନା ମୃତ୍ୟୁକୁ ନେଇ ଯେଉଁ ପରିସଂଖ୍ୟାନ ପ୍ରତିଦିନ ଦେଉଛନ୍ତି ତାହା ଭୁଲ ଏବଂ ବିଭ୍ରାନ୍ତିକର ବୋଲି ରାଜ୍ୟରେ ଥିବା ମଶାଣି ଗୁଡ଼ିକର ହିସାବ ଖାତା ପ୍ରମାଣିତ କରିଛି । ଏହା ଏକ ଧର୍ତବ୍ୟ ଏବଂ ଜଘନ୍ୟ ଅପରାଧ ବୋଲି କହିଲେ ଭୁଲ ହେବ ନାହିଁ ବୋଲି ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଏକ ପ୍ରେସ ବିବୃତିରେ କହିଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି ସରକାର ଚଳିତ ମାସରେ ପ୍ରତିଦିନ ହାରାହାରି ୨୦ଜଣ ଲେଖାଏଁ କୋଭିଡରେ ରୋଗୀ ମୃତ୍ୟୁବରଣ କରୁଛନ୍ତି ବୋଲି ଘୋଷଣା କରୁଛନ୍ତି । ଗତ ୧୪ ତାରିଖରେ ଏହା ଚଳିତ ମାସରେ ଥିଲା ସର୍ବାଧିକ ୨୨ ଜଣ । ମାତ୍ର ସତ୍ୟନଗର ମଶାଣିରେ ଏହି ମେ ମାସରେ ପ୍ରତିଦିନ ୪୫ ଶବ ସତ୍କାର ହୋଇଥିବାର ତଥ୍ୟ ମିଳିଛି । ଯେଉଁଥିରୁ ୩୦ ଜଣଙ୍କର କୋଭିଡ୍ ନିୟମ ମୁତାବକ ଶବଦାହ ହୋଇଛି । ଏହି ମାସରେ ବର୍ତମାନ ସୁଦ୍ଧା ୬୫୦ଜଣଙ୍କ ଶବ ଏଠାରେ ପୋଡ଼ା ହୋଇଛି । କରୋନାର ଦ୍ୱିତୀୟ ଲହର ଆରମ୍ଭ ଠାରୁ ଓଡ଼ିଶାରେ ମୋଟ ୩୯୫ ଜଣଙ୍କର କରୋନାରେ ମୃତ୍ୟୁ ହୋଇଛି ବୋଲି ସରକାର କହୁଛନ୍ତି । ଅର୍ଥାତ ଦିନକୁ ହାରାହାରି ୬ ଜଣ କରୋନାରେ ମରିଛନ୍ତି । କିନ୍ତୁ ରାଜ୍ୟର ବିଭିନ୍ନ ମଶାଣି ଗୁଡ଼ିକରେ ଯେଉଁ ତଥ୍ୟ ସାମ୍ନାକୁ ଆସିଛି ତାହା ସରକାରୀ ପରିସଂଖ୍ୟାନ ଠାରୁ ବହୁତ ଅଧିକ ବୋଲି ଜଣାପଡ଼ିଛି । ଏହି ତଥ୍ୟ ଅନୁଯାୟୀ ମେ ୧ରୁ ୧୪ ଭିତରେ ରାଜ୍ୟରେ ୨୦୦୦ ଶବ ସତ୍କାର ହୋଇଛି ବିଭିନ୍ନ ସହରର ମଶାଣି ଗୁଡ଼ିକରେ । ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ସତ୍ୟନଗର, ଖାନ ନଗର, ସତୀଚଉରା ଇତ୍ୟାଦି ମଶାଣି ଗୁଡ଼ିକରେ ନିର୍ବାପିତ ହେଉନଥିବା ଜୁଇ । ସେହିପରି ସୂଚନା ଅଧିକାର ଆଇନ ଜରିଆରେ ମିଳିଥିବା ତଥ୍ୟ କହୁଛି ଗତବର୍ଷ ସେପ୍ଟେମ୍ବରରେ ଦାହ ହୋଇଥିଲା ୧୨୮୮ ଶବ କିନ୍ତୁ କରୋନାରେ ସେହି ମାସରେ ରାଜ୍ୟ ସରକାରଙ୍କ ହିସାବ ଅନୁଯାୟି ପ୍ରାଣ ହରାଇଥିଲେ ୩୫୬ ଏହା ପଛରେ ରହସ୍ୟ କ'ଣ ରହିଛି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ସରକାର ଯେ କରେନା ମୃତ୍ୟୁ ସଂଖ୍ୟାକୁ ଲୁଚାଉଛନ୍ତି ତାହା ଆଉ ଏକ କଥାରୁ ଜଣାପଡ଼େ । ରାଜ୍ୟ ସରକାର ଏବେ ଭୁବନେଶ୍ୱର, କଟକ ସମେତ ସମ୍ବଲପୁର, ଝାରସୁଗୁଡ଼ା ଇତ୍ୟାଦି ସହର ମାନଙ୍କରେ ଥିବା ମଶାଣି ଗୁଡ଼ିକରେ ସମ୍ପ୍ରସାରଣ ଓ ନୂଆ ମଶାଣି ପ୍ରତିଷ୍ଠା କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ବର୍ତମାନ ସରକାରୀ ହିସାବ ଅନୁଯାୟୀ ଯଦି ଦିନକୁ ରାଜ୍ୟର ହାରାହାରି ୨୦ ଜଣ ମରୁଛନ୍ତି ତେବେ ଏହି ନୂତନ ମଶାଣି ତିଆରି କରି ସରକାର ତତ୍ପର କାହିଁକି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି ।

# ଚାଲିବ କାରଖାନା, କୃଷି, ମତ୍ସ୍ୟ ଚାଷ, ପରିବହନ, ଗ୍ୟାରେଜ୍ ଓ କ୍ଷୁଦ୍ର ବ୍ୟବସାୟ



ଭୁବନେଶ୍ୱର,୧୯/୫ (ନି.ପ୍ର): ରାଜ୍ୟରେ କରୋନା ମହାମାରୀକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ପୁଣିଥରେ ଜୁନ୍ ୧ତାରିଖ ପର୍ଯ୍ୟନ୍ତ ଲକଡାଉନ୍ ଓ ସାପ୍ତାହିକ ଶଟଡାଉନକୁ ବୃଦ୍ଧି କରିଛନ୍ତି । ତେବେ ଏହି ଅବଧି ମଧ୍ୟରେ କୋଭିଡ୍ ଗାଇଡଲାଇନ୍ ମଧ୍ୟରେ ଜୀବିକା ଯେଭଳି ବିଶେଷ ପ୍ରଭାବିତ ନହେବ ସେଥିପାଇଁ ପଦକ୍ଷେପ ନେଇଛନ୍ତି । ଲକଡାଉନ୍ ସମୟରେ ପନିପରିବା, ମାଛ, ମାଂସ, ଅଣ୍ଡା ସମେତ ରାସନ୍ ସାମଗ୍ରୀ ଦୋକାନ, ଫଳ, ଦୁଗ୍ଧଜାତୀୟ ପଦାର୍ଥ ବିକ୍ରି ଓ ପରିବହନ ପାଇଁ ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ଏସବୁ ବ୍ୟବସାୟ ପାଇଁ ଅନୁମତି ମିଳିଛି । ରାଜ୍ୟ ମୁଖ୍ୟ ସଚିବ ସୁରେଶ କୁମାର ମହାପାତ୍ର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଲୋକମାନେ ସାମାଜିକ ଦୂରତ୍ୱ ପାଳନ କରି ସକାଳେ ଅତିବେଶୀରେ ନିଜ ଘରଠୁ ଚାଲି ଚାଲି ଅଧ କିମି ପର୍ଯ୍ୟନ୍ତ ପରିବା କିଣିବାକୁ ଆସିପାରିବେ । ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ପନିପରିବା, ଫଳ, ଅଣ୍ଡା, ମାଛ,ମାସ ସହ ରାସନ ସାମଗ୍ରୀ ଓ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ବିକ୍ରି ହେଉଥିବା ଦୋକାନ, ରାସ୍ତାକଡ଼ ଦୋକାନ ଆଦି ପାଇଁ ଅନୁମତି ମିଳିବ । ତେବେ ରାସ୍ତାରେ ବସୁଥିବା ଦୋକାନ ମଧ୍ୟରେ ଦୂରତ୍ୱ ଅତିକମରେ ୩୦ଫୁଟ ରହିବ । ତେବେ ସାପ୍ତାହିକ ଶଟଡାଉନ୍‌ବେଳେ ଏସବୁ ବ୍ୟବସାୟ ଉପରେ କଟକଣା ରହିବ । ସେହିପରି ଆନ୍ତଃରାଜ୍ୟ ଯାତ୍ରୀବାହୀ ବସ୍ ଚଳାଚଳ ଉପରେ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ କଟକଣା ରହିଥିଲେ ମଧ୍ୟ ରାଜ୍ୟରେ ସମସ୍ତ ପ୍ରକାରର ମାଲବାହୀ ଗାଡ଼ି ଚଳପ୍ରଚଳ କରିପାରିବ । ଅତ୍ୟାବଶ୍ୟକ ସେବା ସହ ଜଡ଼ିତ ଗାଡ଼ିଗୁଡ଼ିକ ମଧ୍ୟ ଯାତାୟତ କରିପାରିବ ।

# ବିବାହ ଓ ଅନ୍ତ୍ୟେଷ୍ଟି ପାଇଁ ଏଣିକି ମିଳିବ ଇ-ଲାଇସେନ୍ସ

ଭୁବନେଶ୍ୱର,୧୯/୫ (ନି.ପ୍ର): ବିବାହ ଓ ଅନ୍ତ୍ୟେଷ୍ଟି ପାଇଁ ଅନୁମତି ନିମନ୍ତେ ଆଉ ଥାନାକୁ ଦୌଡ଼ିବାକୁ ପଡ଼ିବନି । କରୋନା ମହାମାରୀ ସମୟରେ ଗହଳି ରୋକିବାକୁ ଭୁବନେଶ୍ୱର-କଟକ କମିଶନରେଟ ପୁଲିସ ଆଜିଠୁ ଲାଗୁ କରିଛି ଇ-ଲାଇସେନ୍ସ ବ୍ୟବସ୍ଥା । ଭୁବନେଶ୍ୱରରେ ବିବାହ, ଅନ୍ତ୍ୟେଷ୍ଟି ଆଦି କାର୍ଯ୍ୟ ସମ୍ପାଦନ ନିମନ୍ତେ ଜନସାଧାରଣଙ୍କୁ ଏଣିକି ଅନଲାଇନରେ ମିଳିବ ଅନୁମତି । କମିଶନରେଟ୍ ପୁଲିସ ପକ୍ଷରୁ ଏନେଇ ଆଜି ଆରମ୍ଭ କରାଯାଇଛି ଇ-ଲାଇସେନ୍ସ ବ୍ୟବସ୍ଥା । କମିଶନରେଟ୍ ପୁଲିସ୍‌ର



ଅଫିସିଆଲ୍ ୱେବସାଇଟରେ ଏନେଇ ଆବେଦନ କରିବାକୁ ପଡ଼ିବ । ୭୨ ଘଣ୍ଟା ପୂର୍ବରୁ ଏଥିପାଇଁ ଆବେଦନ କରି ଆବଶ୍ୟକ ସୂଚନା ପୂରଣ କରିବାକୁ ପଡ଼ିବ । ଆବେଦନ ମଞ୍ଜୁର ହେବା ପରେ ମୋବାଇଲକୁ ଆସିବ ଝଗଝ । ଏହାକୁ ଇ-ପରମିସନ୍ ଭାବେ ବ୍ୟବହାର କରାଯାଇପାରିବ ।

# ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ନବରଙ୍ଗପୁର ଓ ରାୟଗଡ଼ାରେ କୋଭିଡ୍ ପରିଚାଳନାର ସମୀକ୍ଷା

ଭୁବନେଶ୍ୱର, ୧୮ ମଇ - ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଂଜୟ କୁମାର ଦାସବର୍ମା ଲୋକସେବା ଭବନରୁ ଭର୍ଚୁଆଲ୍ ମାଧ୍ୟମରେ ରାୟଗଡ଼ା ଓ ନବରଙ୍ଗପୁରରେ ଜିଲ୍ଲା କୋଭିଡ୍ ପରିଚାଳନା ନେଇ ବିସ୍ତୃତ ସମୀକ୍ଷା କରି ପରୀକ୍ଷଣ, ଟିକାକରଣ, ସ୍ୱତନ୍ତ୍ର ରାସନ୍ ବଂଟନ, ମନରେଗା କର୍ମନିଯୁକ୍ତି, ରବି ଫସଲ ସଂଗ୍ରହ ଆଦି କାର୍ଯ୍ୟ ସଂପାଦନ ସମୟରେ କୋଭିଡ୍ ନିୟମର ଅନୁପାଳନ କରିବାକୁ ଉଭୟ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି । ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲାରେ କୋଭିଡ୍ ମହାମାରୀ ସମୟରେ ସ୍ୱତନ୍ତ୍ର ରାସନ ଯୋଗାଣ ପ୍ରଦାନକୁ ବ୍ୟବସ୍ଥିତ କରିବା ଉପରେ ଶ୍ରୀ ଦାସବର୍ମା ଗୁରୁତ୍ୱ ଦେଇଛନ୍ତି । ଗ୍ରାମାଂଚଳରେ କର୍ମନିଯୁକ୍ତି ଏବଂ ମନରେଗାରେ ଅଧିକରୁ ଅଧିକ କର୍ମଦିବସ ସୃଷ୍ଟି ଉପରେ ଯୋଜନାବୋର୍ଡ ଉପାଧ୍ୟକ୍ଷ ଗୁରୁତ୍ୱ ଦେଇଥିଲେ ।ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲା କେନ୍ଦ୍ର ସରକାରଙ୍କ ଦ୍ୱାରା ଆକାଂକ୍ଷିତ ଜିଲ୍ଲା ଭାବରେ ଗ୍ରହଣ କରାଯାଇ ଥିବାବେଳେ ଉଭୟ ଜିଲ୍ଲାପାଳ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ଭାବରେ ପତ୍ର ଲେଖି ସମାଧାନ ନିମନ୍ତେ ଜଣାଇବାକୁ ପରାମର୍ଶ ଦେଇଥିଲେ । ଦୁଇ ଆଦିବାସୀ ବହୁଳ ଜିଲ୍ଲାର ବିଭିନ୍ନ ଅଂଚଳରେ କାର୍ଯ୍ୟଦିବସ ଗୁଡ଼ିକୁ ଲୋକଙ୍କ ପାଖରେ ପହଂଚାଇବା ସହିତ ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ଖୁବ୍ ଶୀଘ୍ର ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ମନରେଗା କାର୍ଯ୍ୟକ୍ରମକୁ ସଚଳ କରିବା ପାଇଁ ତୁରନ୍ତ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଶ୍ରୀ ଦାସବର୍ମା ନିର୍ଦ୍ଦେଶ ଦେଇଛନ୍ତି । ନବରଙ୍ଗପୁରର ଛତିଶଗଡ଼ ଓ ରାୟଗଡ଼ାର ଆନ୍ଧ୍ରପ୍ରଦେଶ ସୀମାରେ କୋଭିଡ୍ କଟକଣା କଡ଼ାକଡ଼ି ଭାବରେ ଲାଗୁ କରାଯିବାକୁ ଆଜି ବୈଠକରେ ନିଷ୍ପତି ନିଆଯାଇଥିଲା । ଟିକାକରଣ ଓ ପରୀକ୍ଷଣକୁ ସୁବ୍ୟବସ୍ଥିତ ଢଙ୍ଗରେ କୋଭିଡ୍ ନିୟମ ଅନୁପାଳନ ସହିତ କାର୍ଯ୍ୟକାରୀ କରିବାକୁ ଶ୍ରୀ ଦାସବର୍ମା ନବରଙ୍ଗପୁର ଓ ରାୟଗଡ଼ାର ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି । ଶ୍ରୀ ଦାସବର୍ମା କୋଭିଡ୍ ଡାକ୍ତରଖାନା, କୋଭିଡ୍ ଯତ୍ନ କେନ୍ଦ୍ର, ଅସ୍ଥାୟୀ ଚିକିତ୍ସା ଶିବିରଗୁଡ଼ିକ ୨୪ ଘଂଟିଆ ବ୍ୟାକଅପ୍ ସିଷ୍ଟମ ଯେଭଳି ରହିବ, ବିଦ୍ୟୁତ ସରବରାହରେ ସେଥିପ୍ରତି ଦୃଷ୍ଟି ଦେବାକୁ ଉଭୟ ଜିଲ୍ଲାର ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଉପସ୍ଥିତ ରହି ଏହି ସମ୍ପ୍ରଦାୟ ମଧ୍ୟରେ ସଂକ୍ରମଣ ବଢୁଥିବାରୁ ଉଭୟ ଜିଲ୍ଲାରେ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ଜରିଆରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେଇଛନ୍ତି । ଏହାକୁ ଅଧିକ ସୁବ୍ୟବସ୍ଥିତ କରିବା ପାଇଁ ଜନପ୍ରତିନିଧିମାନଙ୍କୁ ସାମିଲ କରିବା ପାଇଁ ଶ୍ରୀ ସାରକା ପରାମର୍ଶ ଦେଇଛନ୍ତି ।

# ଗର୍ଭବତୀମାନେ ଫୋନ୍ କଲେ ଘରକୁ ଯିବ ମେଡିକାଲ୍ ଟିମ୍

ଭୁବନେଶ୍ୱର,୧୯/୫ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ଈଗଉ) ଅଞ୍ଚଳରେ ଗର୍ଭବତୀଙ୍କର କୋଭିଡ୍ ଟେଷ୍ଟ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । କୋଭିଡ୍ ଲାଗି ଗର୍ଭବତୀମାନେ ଟୋଲ୍ ଫ୍ରି ନମ୍ବର ୧୯୨୯ ରେ ଫୋନ୍ କରି ନିଜର ନାଁ, ଠିକଣା ଓ ଫୋନ୍ ନମ୍ବର ଦେବେ । ତା'ପର ଦିନ ବିଏମ୍‌ସିର ମେଡିକାଲ୍ ଟିମ୍ ସେମାନଙ୍କ ଘରକୁ ଯାଇ ନମୂନା ସଂଗ୍ରହ କରିବେ । ପୂର୍ବରୁ ରହୁଥିବା ୬୦+ ବରିଷ୍ଠ ନାଗରିକମାନଙ୍କୁ ଟେଷ୍ଟିଂ ସେଣ୍ଟରକୁ ଆଣିବା ଲାଗି ବ୍ୟବସ୍ଥା କରିଥିଲା ବିଏମ୍‌ସି । ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଗତ ୫ରୁ ୬ ଦିନ ହେବ ୧୦୦୦ ଉପରେ କରୋନା ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି । ଆଜି ଭୁବନେଶ୍ୱରରୁ ୮୬୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୯୩୬ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ।

# ଅସ୍ତିତ୍ୱ ହରାଇଲା ଖଲ୍ଲିକୋଟ ୟୁନିର୍ଭସିଟି: ଅକ୍ଟୋବରରୁ ବ୍ରହ୍ମପୁର ୟୁନିର୍ଭସିଟିରେ ମିଶିବ



ଭୁବନେଶ୍ୱର,୧୯/୫ (ନି.ପ୍ର): ରାଜ୍ୟର ପ୍ରଥମ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଭାବେ ପରିଚିତ ଖଲ୍ଲିକୋଟ ୟୁନିର୍ଭସିଟି ସମ୍ପୂର୍ଣ୍ଣ ଭାବେ ଅସ୍ତିତ୍ୱ ହରାଇବ । ଆସନ୍ତା ଅକ୍ଟୋବର ପହିଲାରୁ ବ୍ରହ୍ମପୁର ୟୁନିର୍ଭସିଟିରେ ଏହାର ସମ୍ପୂର୍ଣ୍ଣ ମିଶ୍ରଣ ହୋଇଯିବ । କିଭଳି ଭାବେ ମିଶ୍ରଣ ପ୍ରକ୍ରିୟା ହେବ ଓ କେବେସୁଦ୍ଧା ଏହି କାର୍ଯ୍ୟ ସରିବ ସେଥିପାଇଁ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଖଲ୍ଲିକୋଟ ୟୁନିର୍ଭସିଟି କୌଣସି ପ୍ରକାରର ନୂଆ ଆଡମିଶନ କରାଇ ପାରିବେ ନାହିଁ ବୋଲି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏପରିକି ବ୍ରହ୍ମପୁର ୟୁନିର୍ଭସିଟି ମଧ୍ୟ ଚଳିତ ଶିକ୍ଷାବର୍ଷରେ ଖଲ୍ଲିକୋଟ ୟୁନିର୍ଭସିଟି ଦ୍ୱାରା ଦିଆଯାଉଥିବା ବିଷୟ ଓ କୋର୍ସରେ ନାମଲେଖା କରାଇପାରିବେ ନାହିଁ । ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଜି ଜାରି ବିଜ୍ଞପ୍ତି ଅନୁସାରେ, ବ୍ରହ୍ମପୁର ନିକଟସ୍ଥ କୋନିଷିଠାରେ ଭଡ଼ା ଘରେ ଚାଲିଥିବା ଖଲ୍ଲିକୋଟ ୟୁନିର୍ଭସିଟି ଚଳିତବର୍ଷ ସେପ୍ଟେମ୍ବର ୩୦ତାରିଖରୁ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ । ୟୁନିର୍ଭସିଟିର ସମସ୍ତ ନିୟମିତ କର୍ମଚାରୀ ବ୍ରହ୍ମପୁର ୟୁନିର୍ଭସିଟିର ନିୟମିତ କର୍ମଚାରୀ ଭାବେ କାର୍ଯ୍ୟ କରିବେ ଓ ସେମାନେ ଅକ୍ଟୋବର ପହିଲାରୁ ବ୍ରହ୍ମପୁର ୟୁନିର୍ଭସିଟି ଅଧୀନରେ ନିଜର ଦରମା ପାଇବେ । ଖଲ୍ଲିକୋଟ ୟୁନିର୍ଭସିଟିର ସମସ୍ତ ସମ୍ପତ୍ତିକୁ ସେପଟ୍ଟେମ୍ବର ୩୦ତାରିଖ ସୁଦ୍ଧା ବ୍ରହ୍ମପୁର ୟୁନିର୍ଭସିଟିକୁ ହସ୍ତାନ୍ତର କରାଯିବ । ଖଲ୍ଲିକୋଟ ୟୁନିର୍ଭସିଟି ପାଇଁ ରାଜ୍ୟ ସରକାର ଯୋଗାଇଥିବା ସରକାରୀ ଜମି ଏବେ ଯେଉଁ ଅବସ୍ଥାରେ ରହିଛି, ସେଭଳି ଭାବେ ଜିଲ୍ଲା ରାଜସ୍ୱ କର୍ତ୍ତୃପକ୍ଷଙ୍କୁ ସରେଣ୍ଡର କରାଯିବ । ଖଲ୍ଲିକୋଟ ୟୁନିର୍ଭସିଟି ଆସନ୍ତା ସେପଟ୍ଟେମ୍ବର ୩୦ତାରିଖ ସୁଦ୍ଧା ସମସ୍ତ ଅଣ୍ଡର ଗ୍ରାଜୁଏଟ, ପୋଷ୍ଟ ଗ୍ରାଜୁଏଟ ପରୀକ୍ଷା ସହ ବ୍ୟାକଲଗ ପରୀକ୍ଷା ଶେଷ କରି ତା'ର ଫଳାଫଳ ମଧ୍ୟ ନିଶ୍ଚିତ ଭାବେ ଏହି ଅବଧି ମଧ୍ୟରେ ପ୍ରକାଶ କରିବେ । ଏହାପରେ ସେହି ଛାତ୍ରଛାତ୍ରୀଙ୍କର ଉପସ୍ଥାନ ସ୍ୱତଃ ବ୍ରହ୍ମପୁର ୟୁନିର୍ଭସିଟି ଅଧୀନକୁ ଆସିଯିବ । ଖଲ୍ଲିକୋଟ ୟୁନିର୍ଭସିଟିରେ ଛାତ୍ରଛାତ୍ରୀଙ୍କୁ ମିଳିଥିବା ମାର୍କ ଓ ଗ୍ରେଡ୍ ବ୍ରହ୍ମପୁର ୟୁନିର୍ଭସିଟିରେ ସମାନ ରହିବ । ସେପଟ୍ଟେମ୍ବର ୩୦ତାରିଖ ପରେ ଖଲ୍ଲିକୋଟ ୟୁନିର୍ଭସିଟିରେ ରିସର୍ଚ୍ଚ ଡିଗ୍ରୀ କରୁଥିବା ଛାତ୍ରଛାତ୍ରୀମାନେ ବ୍ରହ୍ମପୁର ୟୁନିର୍ଭସିଟିକୁ ସ୍ଥାନାନ୍ତର ହେବେ କିନ୍ତୁ ସେମାନଙ୍କର ରେଜିଷ୍ଟ୍ରେସନ୍ ତାରିଖ ଓ ଥେସିସ୍ ସୁପରଭାଇଜର ପରିବର୍ତ୍ତନ ହେବେ ନାହିଁ ।
ସେପଟ୍ଟେମ୍ବର ୩୦ତାରିଖ ପରେ ଖଲ୍ଲିକୋଟ ୟୁନିର୍ଭସିଟି ଛାତ୍ରଛାତ୍ରୀଙ୍କର ଡିଗ୍ରୀ, ସାର୍ଟିଫିକେଟ୍, ଟ୍ରାନ୍ସଫର, ଗ୍ରେଡ୍ ଓ ମାର୍କ ଆଦି ସମସ୍ତ ପ୍ରସଙ୍ଗ ବ୍ରହ୍ମପୁର ୟୁନିର୍ଭସିଟି ଦ୍ୱାରା ପରିଚାଳିତ ହେବ । କେବଳ ସେତିକି ନୁହେଁ ଖଲ୍ଲିକୋଟ ୟୁର୍ନିର୍ଭସିଟିକୁ ମିଳିଥିବା ସମସ୍ତ ସରକାରୀ ଅନୁଦାନ, ଉପକରଣ ଆଦି ମଧ୍ୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ସ୍ଥାନାନ୍ତର ହେବ । ଖଲ୍ଲିକୋଟ ୟୁନିର୍ଭସିଟିର ରେଜିଷ୍ଟ୍ରାର ସମସ୍ତ ସରକାରୀ ଫାଇଲ, ରେକର୍ଡ ଓ ଦସ୍ତାବିଜକୁ ବ୍ରହ୍ମପୁର ୟୁନିର୍ଭସିଟିର ରେଜିଷ୍ଟ୍ରାରଙ୍କୁ ହସ୍ତାନ୍ତର କରିବେ ବୋଲି ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି ।
ସୂଚନାଯୋଗ୍ୟ,ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟକୁ ୨୦୧୫ ମେ' ମାସରେ ରାଜ୍ୟର ପ୍ରଥମ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଭାବେ ମାନ୍ୟତା ଦିଆଯାଇଥିଲା । ୨୦୨୦ ଫେବୃୟାରୀ ମାସରେ ଏହି ବିଶ୍ୱବିଦ୍ୟାଳୟକୁ ୟୁନିଟାରୀ ୟୁନିର୍ଭସିଟି ଭାବେ ରାଜ୍ୟ ସରକାର ସ୍ୱୀକୃତି ଦେଇଥିଲେ । ତେବେ ଏହି ବିଶ୍ୱବିଦ୍ୟାଳୟକୁ କାହିଁକି ବନ୍ଦ କରାଗଲା ସେ ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ମିଳିପାରିନି ।

# ଏଥର ବି ହେବ ଭିଡିଓ କ୍ଲାସ

ଭୁବନେଶ୍ୱର,୧୯/୫ (ନି.ପ୍ର): ମହାମାରୀ ପାଇଁ ପୂର୍ବ ବର୍ଷ ଭଳି ଏଥର ବି ହେବ ଭିଡିଓ କ୍ଲାସ । ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ହେବ ଭିଡିଓ କ୍ଲାସ । ଏନେଇ ସବୁ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠି ଲେଖିଛି DHSE । ଏଥିପାଇଁ ଆଗ୍ରହୀ ଓ ଅନୁଭବୀ ଶିକ୍ଷକଙ୍କ ତାଲିକା ମାଗିଲା DHSE । ମେ ୨୧ ତାରିଖ ସୁଦ୍ଧା ଶିକ୍ଷକଙ୍କ ତାଲିକା ଦେବାକୁ DHSE କହିଛି । କରୋନା ମହାମାରୀ ଯୋଗୁ ସ୍କୁଲ, କଲେଜ ଖୋଲିବା ନେଇ ନିଶ୍ଚିତତା ନ ଥିବା ବେଳେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି । ତେଣୁ ଅନ୍‌ଲାଇନରେ କିପରି ପଢ଼ିବେ ଯୁକ୍ତ ଦୁଇ ଛାତ୍ରୀଛାତ୍ର ସେନେଇ ପଦକ୍ଷେପ ନିଆଯାଇଛି । ଗତ ବର୍ଷ ମଧ୍ୟ ଏଭଳି ପଦକ୍ଷେପ ନିଆଯାଇଥିଲା । ବିଭିନ୍ନ ବିଷୟର ଅଧ୍ୟାପକ ଓ ଅଧ୍ୟାପିକାମାନେ ଛାତ୍ରୀଛାତ୍ରଙ୍କୁ ନେଇ ହ୍ୱାଟସ୍‌ଆପ ଗ୍ରୁପ୍ କରାଯାଇଥିଲା । ଏହା ମାଧ୍ୟମରେ ଅଧ୍ୟାପକମାନେ ଅନ୍‌ଲାଇନ କ୍ଲାସ ନେଇଥିଲେ । ଶିକ୍ଷକଙ୍କ ଦ୍ୱାରା ସବୁ ବିଷୟର ଶିକ୍ଷାଦାନର ଭିଡିଓ ରେକର୍ଡିଂ କରାଯାଇ ବିଭିନ୍ନ ପୋର୍ଟାଲରେ ଅପଲୋଡ୍ କରାଯାଇଥିଲା ।

# ଟ୍ରେନ ସେବା ବାତିଲ ଓ ଆଂଶିକ ବାତିଲ



ଭୁବନେଶ୍ୱର,୧୯/୫ (ନି.ପ୍ର): ଦୈନନ୍ଦିନ ଚଳାଚଳ କରୁଥିବା ପାଂଚ ଯୋଡ଼ା ମେମୁ/ପାସେଞ୍ଜର ବିଶେଷ ଟ୍ରେନ ୩୧ ମଇ ପର୍ଯ୍ୟନ୍ତ ବାତିଲ ରହିବ, ନଅ ଯୋଡ଼ା ମେମୁ/ପାସେଞ୍ଜର/ଏକ୍ସପ୍ରେସ ବିଶେଷ ଟ୍ରେନ ସ୍ଥିରୀକୃତ ଦିନମାନଙ୍କରେ ବାତିଲ ରହିବ । ତିନି ଯୋଡ଼ା ବିଶେଷ ଟ୍ରେନ ଆଂଶିକ ବାତିଲ ରହିବ । ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଏବଂ କୋଭିଡ଼୍୧୯ ସଂକ୍ରମଣ ମାମଲା ବୃଦ୍ଧିର ଶୃଙ୍ଖଳାକୁ ଭାଙ୍ଗିବା ସହିତ କମ ପୃଷ୍ଠପୋଷକତା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ କେତେକ ସ୍ଥାନୀୟ ପାସେଞ୍ଜର/ମେମୁ/ଏକ୍ସପ୍ରେସ ଟ୍ରେନକୁ ବାତିଲ କରିବାକୁ ନିଷ୍ପତି ନିଆଯାଇଛି । ପାଂଚ ଯୋଡ଼ା ସ୍ଥାନୀୟ ପାସେଞ୍ଜର/ମେମୁ ବିଶେଷ ଟ୍ରେନ ମଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ବାତିଲ ରହିବ । ଏହି ଟ୍ରେନ୍ ଗୁଡିକ ହେଲା - ୦୮୪୫୬/୦୮୪୫୫ ଭୁବନେଶ୍ୱର-କେନ୍ଦୁଝରଗଡ଼ - ଭୁବନେଶ୍ୱର ବିଶେଷ ଟ୍ରେନ । ୦୮୪୧୨/୦୮୪୧୧ ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ବିଶେଷ ଟ୍ରେନ। ୦୮୪୩୮/୦୮୪୩୭ କଟକ-ଭଦ୍ରକ-କଟକ ବିଶେଷ ଟ୍ରେନ । ୦୮୪୬୧/୦୮୪୬୨ କଟକ-ପାରାଦୀପ-କଟକ ବିଶେଷ ଟ୍ରେନ । ୦୮୪୫୪/୦୮୪୫୩ କଟକ-ଭଦ୍ରକ-କଟକ ବିଶେଷ ଟ୍ରେନ । ତିନି ଯୋଡ଼ା ସ୍ଥାନୀୟ ପାସେଞ୍ଜର/ମେମୁ ବିଶେଷ ଟ୍ରେନ ଉଭୟ ପାର୍ଶ୍ୱରୁ ମଇ ମାସ ୨୨, ୨୩, ୨୬, ୨୯ ଓ ୩୦ ତାରିଖ ଦିନ ବାତିଲ ରହିବ । ଏହି ଟ୍ରେନ୍ ଗୁଡିକ ହେଲା - ୦୮୪୨୮/୦୮୪୨୭ ପୁରୀ-ଅନୁଗୁଳ-ପୁରୀ ବିଶେଷ ଟ୍ରେନ । ୦୮୪୩୨/୦୮୪୩୧ ପୁରୀ-କଟକ-ପୁରୀ ବିଶେଷ ଟ୍ରେନ । ୦୮୪୩୩/୦୮୪୩୪ ଭୁବନେଶ୍ୱର-ପଲାସା-ଭୁବନେଶ୍ୱର ବିଶେଷ ଟ୍ରେନ । ଏଗୁଡିକ ବ୍ୟତୀତ, କିଛି ସ୍ଥାନୀୟ ଯାତ୍ରୀ / ଗରଗଟ ସ୍ୱେଶାଲ୍ ଟ୍ରେନ୍ ଏବଂ କିଛି ଏକ୍ସପ୍ରେସ୍ ସ୍ୱେଶାଲ୍ ଟ୍ରେନ୍ ସ୍ଥିରୀକୃତ ଦିନମାନଙ୍କରେ ନିମ୍ନମତେ ବାତିଲ୍ ରହିବ ।
ଏହି ଟ୍ରେନ୍ ଗୁଡିକ ହେଉଛି - ୦୮୫୨୮/୦୮୫୨୭ ବିଶାଖାପାଟନମ୍-ରାୟପୁର-ବିଶାଖାପାଟନମ୍ ବିଶେଷ ଟ୍ରେନ ବିଶାଖାପାଟନମ୍ ରୁ ୨୪ ରୁ ୩୧ ମଇ ପର୍ଯ୍ୟନ୍ତ ଏବଂ ରାୟପୁରରୁ ୨୪ ମଇରୁ ୧ ଜୁନ୍, ୨୦୨୧ ପର୍ଯ୍ୟନ୍ତ ବାତିଲ ରହିବ । ୦୮୩୦୧/୦୮୩୦୨ ସମ୍ବଲପୁର-ରାୟଗଡା-ସମ୍ବଲପୁର ବିଶେଷ ଟ୍ରେନ ଉଭୟ ପାର୍ଶ୍ୱରୁ ମଇ ମାସ ୨୨, ୨୩, ୨୯ ଓ ୩୦ ତାରିଖ ଦିନ ବାତିଲ ରହିବ । ୦୮୪୪୫/୦୮୪୪୬ ଭୁବନେଶ୍ୱର-ଜଗଦଲପୁର-ଭୁବନେଶ୍ୱର ବିଶେଷ ଟ୍ରେନ ଭୁବନେଶ୍ୱରରୁ ମଇ ମାସ ୨୩ ରୁ ୩୧ ତାରିଖ ପର୍ଯ୍ୟନ୍ତ ଏବଂ ଜଗଦଲପୁରରୁ ମଇ ମାସ ୨୪ ରୁ ୧ ଜୁନ୍ ପର୍ଯ୍ୟନ୍ତ ବାତିଲ ରହିବ । ୦୮୫୧୫/୦୮୫୧୬ ବିଶାଖାପାଟନମ୍-କିରନ୍ଦୁଲ-ବିଶାଖାପାଟନମ୍ ସ୍ୱେଶାଲ୍ ବିଶାଖାପାଟନମ୍ରୁ ମଇ ମାସ ୨୨ ରୁ ୩୧ ତାରିଖ ପର୍ଯ୍ୟନ୍ତ ଏବଂ କିରନ୍ଦୁଲରୁ ୨୩ ମଇରୁ ୧ ଜୁନ୍ ପର୍ଯ୍ୟନ୍ତ ବାତିଲ୍ ରହିବ । ୦୮୪୯୩/୦୮୪୯୪ ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ବିଶେଷ ଟ୍ରେନ ଉଭୟ ପାର୍ଶ୍ୱରୁ ମଇ ମାସ ୨୯ ଓ ୩୦ ତାରିଖ ଦିନ ବାତିଲ ରହିବ । ୦୨୮୯୨/୦୨୮୯୧ ଭୁବନେଶ୍ୱର-ବାଙ୍ଗିରିପୋସି-ଭୁବନେଶ୍ୱର ସ୍ୱେଶାଲ ଭୁବନେଶ୍ୱରରୁ ମଇ ମାସ ୨୯ ଓ ୩୦ ତାରିଖ ଦିନ ଏବଂ ବାଙ୍ଗିରିପୋସିରୁ ମଇ ମାସ ୩୦ ଓ ୩୧ ତାରିଖ ଦିନ ବାତିଲ ରହିବ । ସେହିଭଳି, ତିନୋଟି ଯୋଡି ସ୍ୱତନ୍ତ୍ର ଟ୍ରେନ୍ ନିମ୍ନଲିଖିତ ଦିନ / ତାରିଖ ଅନୁଯାୟୀ ଆଂଶିକ ବାତିଲ୍ ହୋଇ ରହିବ -୦୮୪୨୮/୦୮୪୨୭ ପୁରୀ-ଅନୁଗୁଳ-ପୁରୀ ସ୍ୱେଶାଲ ୨୪, ୨୫, ୨୭, ୨୮ ଓ ୩୧ ତାରିଖ ଦିନ ଉଭୟ ଦିଗରୁ ପୁରୀ ଓ ତାଳଚେର ମଧ୍ୟରେ ଚଳାଚଳ କରିବ ଏବଂ ତାଳଚେର ଓ ଅନୁଗୁଳ ମଧ୍ୟରେ ବାତିଲ ରହିବ । ୦୨୦୯୭/୦୨୦୯୮ ଭୁବନେଶ୍ୱର-ଜୁନାଗଡ଼ ରୋଡ-ଭୁବନେଶ୍ୱର ସ୍ୱେଶାଲ ଭୁବନେଶ୍ୱର ଠାରୁ ୨୩ ରୁ ୩୧ ମଇ ମଧ୍ୟରେ ଏବଂ ଜୁନାଗଡ଼ ରୋଡ଼ ଠାରୁ ୨୪ ମଇ ରୁ ଜୁନ ପହିଲା ମଧ୍ୟରେ ଉଭୟ ପାର୍ଶ୍ୱରୁ ଭୁବନେଶ୍ୱର ଏବଂ ରାୟାଗଡା ମଧ୍ୟରେ ଚଳାଚଳ କରିବ ଏବଂ ରାୟାଗଡା ଏବଂ ଜୁନାଗଡ଼ ରୋଡ ମଧ୍ୟରେ ବାତିଲ ରହିବ । ୦୮୩୦୧/୦୮୩୦୨ ସମ୍ବଲପୁର-ରାୟାଗଡା-ସମ୍ବଲପୁର ସ୍ୱେଶାଲ୍ ୨୪ ରୁ ୩୧ ମଇ ମଧ୍ୟରେ (ମଇ ୨୯ ଓ ୩୦ ତାରିଖକୁ ଛାଡି) ଉଭୟ ପାର୍ଶ୍ୱରୁ ସମ୍ବଲପୁର ଏବଂ ଟିଟିଲାଗଡ ମଧ୍ୟରେ ଚଳାଚଳ କରିବ ଏବଂ ଟିଟିଲାଗଡ ଏବଂ ରାୟାଗଡା ମଧ୍ୟରେ ବାତିଲ ରହିବ । କମ ପୃଷ୍ଠପୋଷକତା ପାଇଁ ସିଆଲଦା-ପୁରୀ-ସିଆଲଦା ସ୍ୱେଶାଲ୍ ବାତିଲ୍ -୦୨୨୦୧/୦୨୨୦୨ ସିଆଲଦା-ପୁରୀ-ସିଆଲଦା ବିଶେଷ ଟ୍ରେନ ସିଆଲଦାରୁ ମଇ ମାସ ୧୯ ତାରିଖ ଠାରୁ ଏବଂ ପୁରୀରୁ ମଇ ମାସ ୨୦ ତାରିଖ ଠାରୁ କମ ପୃଷ୍ଠପୋଷକତା ହେତୁ ପରବର୍ତୀ ଆଦେଶ ପର୍ଯ୍ୟନ୍ତ ବାତିଲ୍ ରହିବ ।

# ସରକାରଙ୍କ ଐତିହାସିକ ଚାଷୀ ଅନୁକୂଳ ପଦକ୍ଷେପ : ସାର ସବସିଡି ବୃଦ୍ଧି

- ଡିଏପି ସାର ଉପରେ ସବସିଡି ପରିମାଣ ୧୪୦% ବଢ଼ିଲା
- ଡିଏପି ବସ୍ତା ପିଛା ୫୦୦ ଟଙ୍କା ବଦଳରେ ୧୨୦୦ ଟଙ୍କାର ସବସିଡି ପାଇବେ ଚାଷୀ
- ଏଣିକି ୨୪୦୦ ଟଙ୍କା ପରିବର୍ତ୍ତେ ୧୨୦୦ ଟଙ୍କାରେ ଡିଏପି ବସ୍ତା କିଣିପାରିବେ ଚାଷୀ
- ଏହି ସବସିଡି ବାବଦରେ ଅତିରିକ୍ତ ୧୪,୭୭୫ କୋଟି ଟଙ୍କା ଖର୍ଚ୍ଚ କରିବେ ସରକାର
- ଅନ୍ତର୍ଜାତୀୟ ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଚାଷୀ ପୁରୁଣା ଦରରେ ସାର ପାଇବା ଉଚିତ୍ : ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୯/୦୫(ନି.ପ୍ର): ସାର ଦର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାର ଦର ଉପରେ ଏକ ବିସ୍ତୃତ ଉପସ୍ଥାପନା ତାଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ଅନ୍ତର୍ଜାତୀୟ ସ୍ତରରେ ଫସଫୋରିକ ଏସିଡ, ଆମୋନିଆ ଆଦିର ମୂଲ୍ୟ ବୃଦ୍ଧି ପାଉଥିବା କାରଣରୁ ଦେଶରେ ସାର ମୂଲ୍ୟ ବୃଦ୍ଧି ପାଉଥିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ତେବେ ଅନ୍ତର୍ଜାତୀୟ ବଜାରରେ ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଚାଷୀ ପୁରୁଣା ଦରରେ ସାର ପାଇବା ଉଚିତ୍ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ। ଏହି ଅବସରରେ ଡିଏପି ସାର ବସ୍ତା ପିଛା ସବସିଡି ପରିମାଣକୁ ୫୦୦ ଟଙ୍କା ପରିବର୍ତ୍ତେ ୧୨୦୦ ଟଙ୍କାକୁ ବୃଦ୍ଧି କରିବା ଲାଗି ଐତିହାସିକ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା, ଯାହାକି ୧୪୦% ବୃଦ୍ଧି। ତେଣୁ ଅନ୍ତର୍ଜାତୀୟ ବଜାରରେ ଡିଏପି ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଏହାକୁ ପୁରୁଣା ଦରରେ ବସ୍ତା ପିଛା ୧୨୦୦ ଟଙ୍କାରେ ବିକ୍ରି କରାଯିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଦର ବୃଦ୍ଧିର ସମସ୍ତ ବ୍ୟୟ ଭାର କେନ୍ଦ୍ର ସରକାର ବହନ କରିବେ। ଏକକାଳୀନ ବସ୍ତା ପିଛା ଏତେ ପରିମାଣର ସବସିଡି ପୂର୍ବରୁ କେବେ ବୃଦ୍ଧି କରାଯାଇନଥିଲା। ଗତବର୍ଷ ଡିଏପିର ବାସ୍ତବ ଦର ଗୋଟିଏ ବସ୍ତା ପିଛା ୧୭୦୦ ଟଙ୍କା ଥିଲା। ଏଥିରେ କେନ୍ଦ୍ର ସରକାର ଗୋଟିଏ ବସ୍ତା ପ୍ରତି ୫୦୦ ଟଙ୍କାର ସବସିଡି ଦେଉଥିଲେ। ତେଣୁ କମ୍ପାନୀଗୁଡ଼ିକ ଚାଷୀଙ୍କୁ ପ୍ରତି ବସ୍ତା ୧୨୦୦ ଟଙ୍କାରେ ସାର ବିକ୍ରି କରୁଥିଲେ। ନିକଟରେ, ଡିଏପିରେ ବ୍ୟବହୃତ ହେଉଥିବା ଫୋସଫୋରିକ ଏସିଡ, ଆମୋନିଆ ଆଦିର ଅନ୍ତର୍ଜାତୀୟ ମୂଲ୍ୟ ୬୦% ରୁ ୭୦%କୁ ବୃଦ୍ଧି ପାଇଛି। ତେଣୁ ବର୍ତ୍ତମାନ ଡିଏପିର ବସ୍ତା ପିଛା ପ୍ରକୃତ ଦର ୨୪୦୦ ଟଙ୍କାକୁ ବୃଦ୍ଧି ପାଇଛି, ଯାହାକୁ ସାର କମ୍ପାନୀମାନେ ୫୦୦ ଟଙ୍କା ସବସିଡିକୁ ବିଚାର କରି ୧୯୦୦ ଟଙ୍କାରେ ବିକ୍ରି କରିପାରିବେ। କିନ୍ତୁ ଆଜିର ନିଷ୍ପତ୍ତି ପରେ, ଚାଷୀମାନେ ଗୋଟିଏ ବସ୍ତା ଡିଏପି ସାର ୧୨୦୦ ଟଙ୍କାର ପୁରୁଣା ଦରରେ କିଣିପାରିବେ। ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଥିଲେ ଯେ ତାଙ୍କ ସରକାର ଚାଷୀଙ୍କ କଲ୍ୟାଣ ଲାଗି ପ୍ରତିଶ୍ରୁତିବଦ୍ଧ ଏବଂ ଦରବୃଦ୍ଧିର ବୋଝ ଚାଷୀଙ୍କ ଉପରେ ଯେପରି ନପଡ଼ିବ ତାହା ସୁନିଶ୍ଚିତ କରିବା ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି। ପ୍ରତି ବର୍ଷ କେନ୍ଦ୍ର ସରକାର ରାସାୟନିକ ସାର ପାଇଁ ସବସିଡି ଦେବା ଉପରେ ପାଖାପାଖି ୮୦,୦୦୦ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। ଡିଏପି ଉପରେ ସବସିଡି ବୃଦ୍ଧି ପାଇବା ଫଳରେ ଭାରତ ସରକାର ଖରିଫ ଋତୁରେ ସାର ସବସିଡି ଆକାରରେ ଅତିରିକ୍ତ ୧୪,୭୭୫ କୋଟି ଟଙ୍କା ଖର୍ଚ୍ଚ କରିବେ। ଅକ୍ଷୟ ତୃତୀୟା ଅବସରରେ ପିଏମ-କିଷାନ ଅନ୍ତର୍ଗତ ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ୨୦,୬୬୭ କୋଟି ଟଙ୍କା ହସ୍ତାନ୍ତର କରିବା ପରେ ଏହା ହେଉଛି ଚାଷୀଙ୍କ ହିତ ଲାଗି ଉଦ୍ଦିଷ୍ଟ ଦ୍ୱିତୀୟ ବୃହତ ନିଷ୍ପତ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପଶ୍ଚିମବଙ୍ଗର ବର୍ନପୁରରେ ୨୦୦....

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗ୍ୟାସୀୟସ ଅକ୍ସିଜେନ୍ ଥିବା ପ୍ଲାଂଟ୍ ନିକଟରେ କୋଭିଡ୍ କେୟାର ସେଂଟର ପ୍ରତିଷ୍ଠା ପାଇଁ ଆହ୍ୱାନ କରିଥିବା ବେଳେ ସେଲର ଏହି ପଦକ୍ଷେପ ପ୍ରଶଂସନୀୟ। ଏହି ଅବସରରେ ବର୍ନପୁର କୋଭିଡ୍ କେୟାର ସେଂଟରରେ ଟେଷ୍ଟିଂ ସୁବିଧାର ବ୍ୟବସ୍ଥା କରିବା ତଥା ଅନ୍ୟ ଇସ୍ପାତ୍ କାରଖାନା ଠାରେ ମଧ୍ୟ ଟ୍ରେସିଂ, ଟେଷ୍ଟିଂ ଏବଂ ଟ୍ରିଟମେଂଟକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ସେଲ୍ ମ୍ୟାନେଜମେଂଟ କୁ ପରାମର୍ଶ ଦେଇଥିଲେ ଶ୍ରୀ ପ୍ରଧାନ। ଇସ୍ପାତ୍ ଶିଳ୍ପ ବିଶେଷ ଭାବରେ ସେଲ ବର୍ତମାନର ମହାମାରୀ ସମୟରେ ବିଶେଷ ଭାବରେ ଜୀବନ ରକ୍ଷାକାରୀ ଲିକୁଇଡ ମେଡ଼ିକାଲ ଅକ୍ସିଜେନ୍ ଯୋଗାଉଥିବାରୁ ଏବଂ ଏଥିପାଇଁ ଦିନରାତି କାମ କରୁଥିବାରୁ କେନ୍ଦ୍ରମନ୍ତ୍ରୀ ଏହାକୁ ପ୍ରଂଶସା କରିଛନ୍ତି।

### ସରକାରଙ୍କୁ ଆଇଏମଏ ଅଧ୍ୟକ୍ଷଙ୍କ....

ଗୋଟଏ ମାତ୍ର ରାସ୍ତା, ତାହା ହେଉଛି ଟିକାକରଣ । ଟିକାକରଣ ମନ୍ଥର ହେଲେ ଆମେ କରୋନାର ତୃତୀୟ ଲହରରୁ ରକ୍ଷା ପାଇପାରିବା ନାହିଁ ବୋଲି ସେ କହିଛନ୍ତି । ସେ କହିଛନ୍ତି କି ସମୂହ ଟିକାକରଣର ଆବଶ୍ୟକତା ରହିଛି । ଏଥିପାଇଁ କେନ୍ଦ୍ର ସରକାର ଅଧିକ ଟିକା କିଣିବାର ଆବଶ୍ୟକତା ରହିଛି । ଏହା ସହ ସରକାର ଟିକାକରଣ କେନ୍ଦ୍ର ଚଳାଇବା ସହ ଘର ଘର ବୋଲି ଲୋକଙ୍କୁ ଟିକା ଦେବାର ଆବଶ୍ୟକତା ରହିଛି । କହିରଖୁ କି ଦେଶରେ ଏପର୍ଯ୍ୟନ୍ତ ମାତ୍ର ୧୮ କୋଟି ଲୋକଙ୍କୁ ଟିକା ଦିଆଯାଇଛି । ସୂଚନା ଥାଉକି ଗତ ୨୪ ଘଂଟା ମଧ୍ୟରେ ଦେଶରେ କରୋନା ସଂକ୍ରମଣରେ ୪,୫୨୯ ଜଣଙ୍କର ଜୀବନ ଯାଇଛି । ଏହାକୁ ମିଶାଇ ଦେଶରେ କରୋନା ସଂକ୍ରମଣରେ ମୋଟ ମୃତକଙ୍କ ସଂଖ୍ୟା ୨,୮୩,୨୪୮ ରେ ପହଂଚିଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ମୁତାବକ ଗତ ୨୪ ଘଂଟାରେ ଦେଶରେ ୨,୬୭,୩୩୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୫୪,୯୬,୩୩୦ କୁ ବୃଦ୍ଧି ପାଇଛି ।

### ସାମୁଦ୍ରିକ ଝଡ ତୌକତେରେ ହୋଇଥିବା....

ଅନ୍ୟପଟେ ତୋଫାନକୁ ନଜରରେ ରଖି ରାଜ୍ୟ ସରକାର ୨ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଦେଇଥିଲେ । ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀଙ୍କ ସୂଚନା ମୁତାବକ ଝଡର ପ୍ରଭାବରେ ୧୬ ହଜାର ଘର ଭାଙ୍ଗିଥିବା ବେଳେ ୪୦ ହଜାରରୁ ଅଧିକ ଗଛ ଉପୁଡି ପଡିଛି , ୭୦ ହଜାରରୁ ଅଧିକ ବିଜୁଳି ଖୁଣ୍ଟ ଭାଙ୍ଗିଛି ଏହାସହ ୫୯୫୧ ଗାଁ କୁ ବିଜୁଳି ସରବରାହ ବ୍ୟାଘାତ ହୋଇଛି । ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି କି ଗୁଜୁରାଟକୁ ଆଗରୁ ଆସିଥିବା ଚକ୍ରବାତ ମଧ୍ୟରୁ ଏହା ସବୁଠାରୁ ବଡ ଚକ୍ରବାତ । ପ୍ରଧାନମନ୍ତ୍ରୀ କ୍ଷୟକ୍ଷତିର ଅନୁଧ୍ୟାନ କରିବା ପରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସହାୟତା ରାଶି ଘୋଷଣା କରାଯିବ ବୋଲି ଅନୁମାନ କରାଯାଇଛି ।

### ଗୋଟିଏ ଦିନରେ ୧୧୦୯୯....

ଜିଲ୍ଲାରୁ ୧୦୭ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୬୨ ଜଣ, ଗଜପତି ଜିଲ୍ଲାରୁ ୮୨ , ଗଞ୍ଜାମରୁ ୧୯୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୩୦୨ ଜଣ, ଯାଜପୁରରୁ ୩୭୮ ଜଣ, ଝାରସୁଗୁଡ଼ାରୁ ୩୦୭ ଜଣ, କଳାହାଣ୍ଡିରୁ ୨୯୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜରୁ ୫୦୭ ଜଣ, ନବରଙ୍ଗପୁରରୁ ୩୫୧ ଜଣ, ନୟାଗଡ଼ରୁ ୨୭୭ ଜଣ, ନୂଆପଡ଼ାରୁ ୨୩୨ ଜଣ, ପୁରୀରୁ ୩୫୬ ଜଣ, ରାୟଗଡ଼ାରୁ ୧୭୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୫୪୭ ଜଣ, ସୋନପୁରରୁ ୨୫୨ ଜଣ, ସୁନ୍ଦରଗଡ଼ରୁ ୯୮୩ ଜଣ ଓ ଷ୍ଟେଟ୍ ପୁଲରୁ ୨୪୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ପୂର୍ବତନ ବିଧାୟକ କମଳାକାନ୍ତ ନାୟକଙ୍କ ମୃତ୍ୟୁ



ବାରିପଦା/ଯଶିପୁର,୧୯/୦୫ (ନି.ପ୍ର): ଯଶିପୁର ନିର୍ବାଚନ ମଣ୍ଡଳୀର ସ୍ୱର୍ଗତ ମହେନ୍ଦ୍ର ନାଥ ନାୟକଙ୍କ ପୁତ୍ର ତଥା ପୂର୍ବତନ ବିଧାୟକ କମଳାକାନ୍ତ ନାୟକଙ୍କର ମଙ୍ଗଳବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ବର୍ଷ ବୟସ ହୋଇଥିଲା। ସେ ମୟୂରଭଞ୍ଜ ଜିଲ୍ଲାର ସୁକ୍ରୁଳି ଥାନା ଅଧିନସ୍ଥ ଜମୁତି ଗ୍ରାମରେ ୧୯୫୪ ମସିହା ଫେବୃଆରୀ ୧ ତାରିଖରେ ଜନ୍ମ ହୋଇଥିଲେ। ସେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଚାକିରୀରୁ ସ୍ୱେଚ୍ଛାକୃତ ଅବସର ନେବାପରେ ବିଜୁ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ସକ୍ରୀୟ ରାଜନୀତିରେ ଯୋଗଦେଇ ପ୍ରଥମେ ୧୯୯୬ ମସିହାରେ ଜନତା ଦଳରୁ ପ୍ରାର୍ଥୀ ହୋଇଥିଲେ। ପରବର୍ତ୍ତୀ ସମୟରେ ସ୍ୱାଧୀନ ପ୍ରାର୍ଥୀ ଭାବରେ୨୦୦୪ ମସିହାରେ ପ୍ରତିଦ୍ୱନ୍ଦିତା କରିଥିଲେ। ଏହାପରେ ବିଜୁ ଜନତା ଦଳ ପକ୍ଷରୁ ୨୦୦୯ ମସିହାରେ ପୁନର୍ବାର ଯଶିପୁର ନିର୍ବାଚନ ମଣ୍ଡଳିରୁ ବିଧାୟକଭାବରେ ଓଡିଶା ବିଧାନସଭାକୁ ନିର୍ବାଚିତ ହୋଇ ୨୦୧୪ ପର୍ଯ୍ୟନ୍ତ ବିଧାନସଭାରେ ପ୍ରତିନିଧିତ୍ୱ କରିଥିଲେ। ମଙ୍ଗଳବାର ପୂର୍ବାହ୍ନରେ କେନ୍ଦୁଝର ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ହୃଦଘାତରେ ମୃତ୍ୟୁ ହଇଥିବା ପରିବାର ପକ୍ଷରୁ ଜଣାଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଯଶିପୁର ବିଧାୟକ ଗଣେଶ ରାମସିଂ ଖୁଂଟିଆ ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବାର ଜଣାଯାଇଥିବା ବେଳେ ସ୍ଥାନୀୟ ଅଂଚଳରେ ତାଙ୍କର ବିୟୋଗରେ ଶୋକର ଛାୟା ଖେଳିଯାଇଛି ।

# ଫ୍ରି ଫାୟାର ଖେଳ ହେଲା କାଳ

ଜଳେଶ୍ୱର,୧୯/୫ (ନି.ପ୍ର) : କୋଭିଡ୍ କଟକଣା ଯୋଗୁଁ ଶିକ୍ଷାନୁଷ୍ଠାନ ବନ୍ଦ ଥିବାରୁ ଏବଂ ଲକ୍ ଡାଉନ୍ ଓ ସଟ୍ ଡାଉନ୍ ଯୋଗୁଁ ଜୀବନଯାତ୍ରା ବ୍ୟାହତ ହେଉଥିବାରୁ ଯୁବ ଗୋଷ୍ଠୀଙ୍କୁ ଏକ ପ୍ରକାର ମାନସିକ ଚାପ ମଧ୍ୟକୁ ଠେଲି ଦେଇଛି । ସେମାନେ ଗୋଟିଏ ସ୍ଥାନରେ ଏକ ପ୍ରକାର ବନ୍ଦୀ ଜୀବନ ବିତାଉଥିବାରୁ ମୋବାଇଲ ହିଁ ସମୟ ଅତିବାହିତ କରିବାର ଏକମାତ୍ର ମାଧ୍ୟମ ହୋଇଛି । ହେଲେ ଏପରି କିଛି ମୋବାଇଲ୍ ଗେମ୍ ଖେଳିବାଦ୍ୱାରା ଯୁବକମାନଙ୍କୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରାଉଛି। ଏପରି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଗୌର ବେଲଦା ଗ୍ରାମରେ । ଦିବାକର ଜେନାଙ୍କ ପୁତ୍ର ସତ୍ୟଜିତ୍ ଜେନା(୧୯) ସ୍ଥାନୀୟ କଲେଜରେ +୨ ପାଠ ପଢନ୍ତି । ଘରେ ବସି ବସି ସବୁବେଳେ ଫ୍ରି-ଫାୟାର ଗେମ୍ ଖେଳନ୍ତି । ବାପା, ମା ଯେତେ ବୁଝାଇଲେ ବି ନ ବୁଝି ଏକପ୍ରକାର ଖାଇବା ପିଇବା ଛାଡି ଦେଇଥିଲେ । ଗତକାଲି ମଂଗଳବାର ମଧ୍ୟରାତ୍ରୀ ପର୍ଯ୍ୟନ୍ତ ଏହି ଗେମ୍ ଖେଳୁଥିବା ପରିବାର ସୂତ୍ରରୁ ଜଣାଯାଇଛି । ଆଜି ବୁଧବାର ସକାଳେ ପୁଅ ଘରେ ନଥିବାର ମା ଦେଖି ପରିବାରର ଅନ୍ୟମାନଙ୍କୁ କହିଥିଲେ ଓ ଖୋଜାଖୋଜି କରିଥିଲେ । ଘର ପଛପଟେ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଅଚେତ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଜିକେ ଭଟ୍ଟର ହସ୍ପିଟାଲ ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି । ଗଛର ଡାଳ ଭାଂଗି ଯିବାରୁ ସେ ରକ୍ଷା ପାଇଥିବା କୁହାଯାଉଛି ।

## ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ପରେ ତାଙ୍କର ପୁଅ ପ୍ରଶାନ୍ତଙ୍କ ପରଲୋକ

ଭୁବନେଶ୍ୱର,୧୯/୦୫ (ନି.ପ୍ର): ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ପରେ ତାଙ୍କର ପୁଅ ତଥା ପୂର୍ବତନ ରଣଜୀ କ୍ରିକେଟର ପ୍ରଶାନ୍ତ ମହାପାତ୍ରଙ୍କର ଆଜି ପରଲୋକ ହୋଇଯାଇଛି। ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣା ପଡିଛି। ସେ ମଧ୍ୟ କୋଭିଡରେ ଆକ୍ରାନ୍ତ ହୋଇ ଏମ୍ସରେ ଚିକିତ୍ସାଧୀନ ଥିଲେ । ଉଲ୍ଲେଖନୀୟ ଯେ ସେ ଓଡିଶା ପାଇଁ ଅନେକ ରଣଜୀ ମ୍ୟାଚ ଖେଳି ସୁନାମ ଅର୍ଜନ କରିଥିଲେ । ଗତ ୯ ତାରିଖରେ ତାଙ୍କ ବାପା ରଘୁନାଥ ମହାପାତ୍ରଙ୍କର ଦେହାନ୍ତ ହୋଇଥିଲା ।

# କାଜୁ ବଗିଚାରୁ ମୃତ ହରିଣ ଉଦ୍ଧାର



ବାରିପଦା / ଠାକୁରମୁଣ୍ଡା,୧୯/୦୫ (ନି.ପ୍ର): କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜ ଅଧିନସ୍ଥ ଜାମୁନାଳିଆ ଗ୍ରାମରେ ଥିବା ଏକ କାଜୁ ବଗିଚା ବାଡ଼ରେ ଲାଗି ରହିଥିବା ଅବସ୍ଥାରେ ଏକ ହରିଣକୁ ମଙ୍ଗଳବାର ସକାଳେ ବନ ବିଭାଗ ଆହତ ଅବସ୍ଥାରେ ଉଦ୍ଧାର କରିଥିଲେ। ତେବେ ଉଦ୍ଧାର କରି ପଶୁ ଚିକିତ୍ସାଳୟରେ ଚିକିତ୍ସା କରିବା ପରେ ହରିଣର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି। ମହୁଲଡିହା ଫୋରେଷ୍ଟ ବିଟ ଅନ୍ତର୍ଗତ ଜାମୁନାଳିଆ ଗ୍ରାମରେ ଜଣେ ବ୍ୟକ୍ତି ଲଗାଇଥିବା କାଜୁ ଗଛର ଏକ ବଗିଚାକୁ ପ୍ଲାଷ୍ଟିକ ଦୌଡ଼ିର ଜାଲରେ ବାଡ଼ କରି ଘେରାଉ କରି ଥିଲେ। ତେବେ କେତେ ବେଳେ ନିକଟସ୍ଥ ଶିମିଳିପାଳ ଜଙ୍ଗଲରୁ ଏକ ହରିଣ ଚାଲିଆସି ଜାଲରେ ଗୋଡ଼ାଇ ହୋଇ ଫସିଯାଇଥିଲା। ସକାଳେ ହରିଣଟି ଜାଲରେ ପଡିଯାଇଥିବାର ଦେଖି ଗ୍ରାମବାସୀ ମାନେ ବନବିଭାଗକୁ ଖବର ଦେଇଥିଲେ। ଖବର ପାଇ ସାତକୋଶିଆ ରେଞ୍ଜ ଅଧିକାରୀ ପିତାମ୍ବର ସେଠୀ, ବନ ଅଧିକାରୀ ବିଶ୍ୱଜିତ ମହାନ୍ତ, ଫୋରେଷ୍ଟ ଗାର୍ଡ ସନାତନ ମହାନ୍ତ ଓ ଟିପିଏଫ କର୍ମୀ ମାନେ ପହଂଚି ହରିଣକୁ ଉଦ୍ଧାର କରି ଠାକୁରମୁଣ୍ଡା ପଶୁ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। କିନ୍ତୁ ଚିକିତ୍ସା କରିବାର କିଛି ସମୟ ପରେ ହରିଣର ମୃତ୍ୟୁ ହୋଇଯାଇଥିଲା। ପରେ ମୃତ ହରିଣର ଶବ ବ୍ୟବଚ୍ଛେଦ କରି ବନବିଭାଗ ହରିଣକୁ ମାଟିରେ ପୋତି ଦେଇଥିବାର ରେଞ୍ଜର ପିତାମ୍ବର ସେଠୀ ସୂଚନା ଦେଇଛନ୍ତି।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୬ ଗିରଫ, ୧୪୪ ବାହନ ଜବତ

ଭୁବନେଶ୍ୱର,୧୯/୦୫ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୬ ଜଣଙ୍କୁ ଗିରଫ ଜବତ କରା ଯାଇଛି। ୧୪୪ ବାହନକୁ ଜବତ କରା ଯାଇଛି। ଏହି ସମୟ ମଧ୍ୟରେ ୨୦,୩୭,୦୦୦/ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ବନ୍ଦରରେ ପହଞ୍ଚିଲା ୫୯ ମେଡିକାଲ ଅକ୍ସିଜେନ ସିଲିଣ୍ଡର



ପାରାଦ୍ୱୀପ,୧୯/୦୫ (ନି.ପ୍ର): ଓଡିଶାରେ କୋଭିଡ୍-୧୯ ଦ୍ୱିତୀୟ ଲହର ରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ତେବେ ଏଥିରେ ଗୁରୁତର ସଂକ୍ରମିତ ରୋଗିଙ୍କ ଚିକିତ୍ସାରେ ମେଡିକାଲ ଅକ୍ସିଜେନ ବା ଅମ୍ଳଜାନ ର ଆବଶ୍ୟକତା ପଡିଥାଏ । ରାଜ୍ୟରେ ଅକ୍ସିଜେନ ଭରପୁର ଉପଲବ୍ଧ ଥିବାବେଳେ ଏହାର ସିଲିଣ୍ଡର ର ଅଭାବ ରହିଛି । ଏହି ପରିପ୍ରେକ୍ଷୀରେ ସିଙ୍ଗାପୁରରୁ ୫୯ଟି ମେଡିକାଲ ଅକ୍ସିଜେନ ସିଲିଣ୍ଡର ମଙ୍ଗଳବାର ସଂନ୍ଧ୍ୟାରେ ପାରାଦ୍ୱୀପ ବନ୍ଦର ରେ ପହିଞ୍ଚିଛି। ସେଥିମଧ୍ୟରୁ ଏମ୍‌ଭି ଆନ୍ନା ମାରିଆ ଜାହାଜରେ ଆସିଥିବା ୪୦ ଲିଟର କ୍ଷମତା ବିଶିଷ୍ଟ ୨୪ଟି ଅକ୍ସିଜେନ ସିଲିଣ୍ଡର ସମେତ ୫ଟି ବ୍ରିଦିଙ୍ଗ ମେଡିକାଲ ଅକ୍ସିଜେନ ସିଲିଣ୍ଡର ଓ ଅକ୍ସିଜେନ୍ ରେଗୁଲେଟର-ହ୍ୟୁମିଡିଫାୟର୍ସ ଅନ୍ତର୍ଭୁକ୍ତ। ଏହି ଅକ୍ସିଜେନ ସିଲିଣ୍ଡର ଗୁଡିକ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଡାକ୍ତରଖାନାକୁ ପ୍ରଦାନ କରାଯିବ। ସେହିଭଳି ଏମ୍‌ଭି ଗ୍ଲୋରି ଆମ୍‌ଷ୍ଟରଡ୍ରାମ୍ ଜାହାଜରେ ୧୦ ଲିଟର କ୍ଷମତା ବିଶିଷ୍ଟ ୩୦ଟି ମେଡିକାଲ ଅକ୍ସିଜେନ ସିଲିଣ୍ଡର ଆସିଛି । ଏହି ସିଲିଣ୍ଡରକୁ "ସିପିଙ୍ଗ୍ ଲାଇନ୍ ଲୋଇସ୍ ଡ୍ରେଫସ୍ କମ୍ପାନୀ ଫ୍ରେଟ୍ ଏସିଆ" ପାରାଦ୍ୱୀପ ବନ୍ଦର ଚିକିତ୍ସାଳୟରେ କୋଭିଡ୍ ରୋଗୀଙ୍କ ଚିକିତ୍ସାରେ ବ୍ୟବହାର ପାଇଁ ପଠାଇଥିବା ଜଣାପଡିଛି । ଏସବୁ ଅକ୍ସିଜେନ୍ ସିଲିଣ୍ଡର ଗୁଡିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ଡଃ କାହ୍ନୁ ଚରଣ ଧୀର ଗ୍ରହଣ କରିଥିଲେ। ପାରାଦ୍ୱୀପ ବନ୍ଦର ଇତିହାସରେ ପ୍ରଥମଥର ଏହି ଧରଣର ମେଡିକାଲ ଅକ୍ସିଜେନ ସିଲିଣ୍ଡର ପରିଚ୍ଳନା କରାଯାଇଥିବା ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରୁ ପ୍ରକାଶ ।

# ନୀଳଗିରିରେ ଗଡ଼ିଲା 'ରାଜସ୍ୱ ରଥ'




ନୀଳଗିରି,୧୯/୦୫ (ନି.ପ୍ର): କରୋନା ମହାମାରୀ ସମୟରେ ଓଡ଼ିଶାର ପ୍ରତ୍ୟେକ ତହସିଲକୁ ଆସୁଥିବା ହିତାଧିକାରୀମାନେ ଆଉ ତହସିଲକୁ ନ ଆସି ରାଜସ୍ୱ ବିଭାଗ ଘରେ ଘରେ ଯାଇ ଯୋଗାଇବ ଆବେଦନ କରିଥିବା ନଥିପତ୍ର । ସେଥିପାଇଁ ରାଜ୍ୟ ସରକାର "ରାଜସ୍ୱ ରଥ" ର ଶୁଭାରମ୍ଭ କରିଥିବା ବେଳେ ଅନୁରୂପ ଭାବେ ନୀଳଗିରି ତହସିଲ ପକ୍ଷରୁ "ରାଜସ୍ୱ ରଥ" କୁ ନୀଳଗିରି ଉପଜିଲ୍ଲାପାଳ ଶୁଭାରମ୍ଭ କରିଛନ୍ତି। ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ନିଜର କର୍ମଚାରୀଙ୍କୁ ସଂଗରେ ଧରି ଜର୍ଡ଼ିଦା, ସଜନାଗଡ଼, ଭର୍ଡଁରିଆବାଡ଼, ଅଯୋଧ୍ୟା ପଞ୍ଚାୟତର ପହଞ୍ଚି ହିତାଧିକାରୀମାନଙ୍କର ଜମି ପଟ୍ଟା ବଣ୍ଟନ କରିଛନ୍ତି ।

# ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାରେ ସ୍ୱତନ୍ତ୍ର କୋଭିଡ୍ ପରୀକ୍ଷା କେନ୍ଦ୍ର ଖୋଲିବାକୁ ଦାବି କଲା ଶିଳ୍ପାଞ୍ଚଳ ଶ୍ରମିକ ସଂଘ




ପାରାଦ୍ୱୀପ,୧୯/୦୫ (ନି.ପ୍ର): ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାରେ ଦ୍ରୁତ କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି ଦୁଇ ଜିଲ୍ଲାରେ ଅତିରିକ୍ତ ସ୍ୱତନ୍ତ୍ର ଆଣ୍ଟିଜେନ୍ ଓ ଆର୍ଟିଫିସିଆଲ ପରିକ୍ଷା କେନ୍ଦ୍ର ଖୋଲିବା ପାଇଁ ପାରାଦ୍ୱୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ସଭାପତି ଅରିନ୍ଦମ ସାର୍ଖେଲ (ବାପି ସାର୍ଖେଲ) ଦାବି ଜଣାଇଛନ୍ତି । ଏହି ମର୍ମରେ ସେ ମୁଖ୍ୟମନ୍ତ୍ରୀ ଓ ଦୁଇ ଜିଲ୍ଲାର ଜିଲ୍ଲାପାଳଙ୍କ ନିକଟରେ ଟୁଇଟ୍ ମାଧ୍ୟମରେ ଦାବୀ ଜଣାଇଥିବା ସୂଚନା ମିଳିଛି । ସୂଚନା ଥାଉକି ଜଗତସିଂହପୁର ଓ କେନ୍ଦ୍ରାପଡା ସଂଲଗ୍ନ ଶିଳ୍ପ ସହର ହେଉଛି ପାରାଦ୍ୱୀପ । ଏଠାରେ ବହୁ ଛୋଟ ବଡ ଶିଳ୍ପ ନିଜର ସଂସ୍ଥା ପ୍ରତିଷ୍ଠା କରି ବହୁ ଅର୍ଥ ଉପାର୍ଜନ କରୁଛନ୍ତି ସରକାରଙ୍କ ନିୟମ ଅନୁଯାଇ ଏସବୁ ଶିଳ୍ପ ସଂସ୍ଥା ମାନେ ପାରିପାର୍ଶ୍ୱିକ ଉନ୍ନୟନ କ୍ଷେତ୍ରରେ ନିଜର ସିଏସ୍‌ଆର ଫଣ୍ଡକୁ ଅର୍ଥ ଖର୍ଚ୍ଚ କରିବାର ବ୍ୟବସ୍ଥା ରହିଛି । କିନ୍ତୁ ଏପରୀ ମହାମାରୀ ସମୟରେ ଏସବୁ ଦିଗରେ ସେମାନଙ୍କ ସହଯୋଗ ଦୃଷ୍ଟିଗୋଚର ହେଉନାହିଁ । ସଂପ୍ରତି ଏହି ଦୁଇ ଜିଲ୍ଲାରେ ଦ୍ରୁତ ସଂକ୍ରମଣ ଦୃଷ୍ଟିରୁ ଅତ୍ୟାବଶ୍ୟକୀୟ ହୋଇ ପଡିଛି ଅଧିକ କୋଭିଡ୍ ପରିକ୍ଷା କେନ୍ଦ୍ର ଓ ଅସ୍ଥାୟୀ ଅତ୍ୟାଧୁନିକ ଚିକିତ୍ସାଳୟ । ଜଗତସିଂହପୁର ଜିଲ୍ଲାର ୮ଟି ବ୍ଲକ୍ ଓ ୨ଟି ପୌରପାଳିକା ଏବଂ କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରପାଳିକା ରେ ପାରାଦ୍ୱୀପ ର ଶିଳ୍ପ ସଂସ୍ଥା ପକ୍ଷରୁ ନିଜ ସିଏସ୍‌ଆର୍ ଫଣ୍ଡରୁ ଅର୍ଥ ଖର୍ଚ୍ଚ କରି କୋଭିଡ୍ ପରିକ୍ଷା ଓ ଚିକିତ୍ସା କେନ୍ଦ୍ର ସ୍ଥାପନ କରିବାକୁ ସଂଘର ସଭାପତି ଶ୍ରୀ ସାର୍ଖେଲ ଦାବୀ କରିଛନ୍ତି । ସୂଚନା ଥାଉକି ପାରାଦ୍ୱୀପର ଦୁଇ ସାରକାରଖାନା ଇଫକୋ ଓ ପିପିଏଲ୍ ମେଡିକାଲ ଅକ୍ସିଜେନ୍‌ର ଅଭାବ ଦୂର କରିବା ପାଇଁ ଅକ୍ସିଜେନ ପ୍ଲାଣ୍ଟ ନିର୍ମାଣ କରୁଛନ୍ତି । ଏହି ଦୁଇ ସଂସ୍ଥାର ମାଗଣାରେ ଡାକ୍ତରଖାନ ଗୁଡିକୁ ଅକ୍ସିଜେନ୍ ଯୋଗାଣ ଅଭିଯାନ ସମସ୍ତ ଶିଳ୍ପ ସଂସ୍ଥା ପାଇଁ ଉଦାହରଣ ସୃଷ୍ଟି କରିଛି ।

## ପାରାଦୀପ ନିକଟରୁ ୧୦ଗ୍ରାମ ବ୍ରାଉନ ସୁଗାର ସହ ଅଭିଯୁକ୍ତ ଗିରଫ




ପାରାଦୀପ,୧୯/୦୫ (ନି.ପ୍ର): ଏବେ କରୋନା ମହାମାରୀରେ ସାରା ବିଶ୍ୱ ସଂକଟାପୂର୍ଣ୍ଣ ଅବସ୍ଥାରେ ଗତି କରୁଥିବା ବେଳେ ଚୋରା ବ୍ରାଉନ ସୁଗାର ବେପାର ଦ୍ରୁତ ଗତିରେ ବଢି ଚାଲିଛି । ତେବେ ଆଜି ପୁଣି ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଶମ୍ଭୁ ମଜୁମଦାର ନାମକ ଜନୈକ ବ୍ୟକ୍ତି ବ୍ରାଉନ ସୁଗାର ବିକ୍ରି କରୁଥିବା ବେଳେ ପାରାଦୀପ ଅବକାରୀ ବିଭାଗ ଗିରଫ କରିଛି । ଅଭିଯୁକ୍ତ ଶମ୍ଭୁ ନିକଟରୁ ୧୦ଗ୍ରାମ୍‌ର ବ୍ରାଉନ୍ ସୁଗାର ଏବଂ ବ୍ୟବହୃତ ଓଡି-୨୧-ଏଚ୍-୩୭୦୯ ନମ୍ବର ଏକ ମୋଟର ସାଇକେଲ ଜବତ କରିବା ସହିତ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ଥିବା ଜିଲ୍ଲା ଅବକାରୀ ଅଧିକ୍ଷକ ଅଶୋକ କୁମାର ସତପଥି ଜଣାଇଛନ୍ତି । ତେବେ ଏ ସମ୍ପର୍କରେ ଅଧିକ ତଦନ୍ତ ଚାଲୁ ରହିଛି ଏବଂ ବିଭିନ୍ନ ସ୍ଥାନରେ ଅନ୍ୟ ବ୍ରାଉନ୍ ସୁଗାର ବେପାରୀଙ୍କୁ ଧରିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଚଢାଉ ଜାରୀ ରହିଥିବା ଶ୍ରୀ ସତପଥି ପ୍ରକାଶ କରିଛନ୍ତି । ଏଠାରେ ସୂଚନାଥାଉ କି, ଗତ କିଛି ଦିନ ହେବ ସ୍ଥାନୀୟ ଭୁତମୁଣ୍ଡାଇ ଅଂଚଳରୁ ମଧ୍ୟ ୧୦ଗ୍ରାମ୍‌ର ବ୍ରାଉନ ସୁଗାର ସହିତ ଅଭିଯୁକ୍ତ ଗିରଫ ହୋଇଥିଲା ।

# ପଶ୍ଚିମବଙ୍ଗ ହିଂସାକୁ ନେଇ ବିଜେପିର ପ୍ରତିବାଦ : ରାଷ୍ଟ୍ରପତି ଶାସନ ଲାଗୁ ପାଇଁ ଦାବି

ବାରିପଦା,୧୯/୦୫ (ନି.ପ୍ର): ପଶ୍ଚିମବଙ୍ଗ ସାଧାରଣ ନିର୍ବାଚନ ପରେ ତୃଣମୂଳ ସ୍ତରରେ ଚାଲିଥିବା ହିଂସାକୁ ନେଇ ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କ ଆହ୍ୱାନ କ୍ରମେ ଜିଲ୍ଲା ସଭାପତି କାନ୍ଦ୍ରା ସରେନଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ଦିନ ଏକ ଭର୍ଚୁଆଲ ମିଟିଙ୍ଗ ମାଧ୍ୟମରେ ମଣ୍ଡଳ ସ୍ତରୀୟ ପ୍ରତିବାଦ ସଭା ଏବଂ ଧାରଣା ଦିଆଯାଇଛି। ସୂଚନା ମୁତାବକ ପଶ୍ଚିମବଙ୍ଗ ସାଧାରଣ ନିର୍ବାଚନ ପରେ ବିଜେପି କର୍ମୀଙ୍କ ଉପରେ ଆକ୍ରମଣ, ହତ୍ୟା, ମହିଳାଙ୍କ ଉପରେ ଅତ୍ୟାଚାର, ବିଜେପି କାର୍ଯ୍ୟାଳୟରେ ପଶି ନିଆଁ ଲଗାଇ ଅଗ୍ନିସଂଯୋଗ କରିବା ଭଳି ଅମାନୁଷିକ କାର୍ଯ୍ୟ କରିବା ଅଭିଯୋଗ ନେଇ ଏହାକୁ ପ୍ରତିବାଦ କରିଛି ମୟୂରଭଞ୍ଜ ଜିଲ୍ଲା ବିଜେପି। ପ୍ରତିବାଦ ପୂର୍ବକ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ ଦାବି ରଖିଛି। ଏହି ପ୍ରତିବାଦ ସଭାରେ ପୁର୍ବତନ ଜିଲ୍ଲା ସଭାପତି ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର, ବିଧାୟକ ଡା. ବୁଦ୍ଧାନ ମୁର୍ମୁ, ସନାତନ ବିଜୁଳି, ଭାସ୍କର ମଢେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଞ୍ଜନ ମୋଦି, ପ୍ରମିଳା ପଣ୍ଡା, ସୁଗଦା ମୁର୍ମୁ, ଜିଲ୍ଲା ଉପସଭାପତି କବିବିଷ୍ଣୁ ଶତପଥୀ, ପରେଶ ମହାନ୍ତ, ପ୍ରଦୀପ ମହାନ୍ତି, ପ୍ରଦୀପ ପରିଡା, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ପ୍ରବୀଣ କୁମାର ପାତ୍ର, ସମ୍ପାଦିକା ମମତା ମଣ୍ଡଳ, ମହିଳା ସଭାନେତ୍ରୀ ସରୋଜିନୀ କିସ୍କୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ ପୂର୍ବକ ଦାବୀ ଉପସ୍ଥାପନ କରିଥିବାର ଜଣାଯାଇଛି ।

# ସମ୍ଭାବ୍ୟ ବାତ୍ୟା ନେଇ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ବୈଠକ

ଭୁବନେଶ୍ୱର,୧୯/୦୫(ନି.ପ୍ର): ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ସାମନା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି । ଏହି ସମ୍ଭାବନାକୁ ଭିତିକରି ପ୍ରାକ୍ ଆକଳନ ସ୍ୱରୂପ ସମସ୍ତ ଉପକୂଳ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ଓ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ମତ୍ସ୍ୟଜୀବୀମାନଙ୍କୁ ସତର୍କ ରହିବାକୁ ଏବଂ ୨୨ ତାରିଖ ସନ୍ଧ୍ୟା ସୁଦ୍ଧା ଉପକୂଳକୁ ଫେରି ଆସିବାକୁ କୁହାଯାଇଛି ଏବଂ ଏ ସମୟରେ ଆଉ କେହି ସମୁଦ୍ର ମଧ୍ୟକୁ ନଯିବାକୁ କୁହାଯାଇଛି ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ କୁମାର ଜେନା ପ୍ରକାଶ କରିଛନ୍ତି । ଉପକୂଳବର୍ତୀ ଅଂଚଳରେ ମାଇକ୍ ମାଧ୍ୟମରେ ପ୍ରଚାର କରାଯାଇ ଏ ବିଷୟରେ ଜଣାଇ ଦିଆଯିବ ବୋଲି ଶ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି । ବୁଧବାର ଦିନ ଶ୍ରୀ ଜେନା ଏ ସଂପର୍କରେ ଓଡ଼ିଶା ପୋଲିସ, ଏନ୍‌ଡିଆରଏଫ୍, ଅଗ୍ନିଶମ ସେବା, ଓଡ୍ରାଫ, ଭାରତୀୟ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ, ଭାରତୀୟ ପାଣିପାଗ କେନ୍ଦ୍ର, ଭୁବନେଶ୍ୱର ଶାଖାର ନିର୍ଦ୍ଦେଶକ ଏବଂ ଓସ୍‌ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ସହ ଭର୍ଚୁଆଲ ବୈଠକରେ ଆଲୋଚନା କରିଛନ୍ତି । ଶ୍ରୀ ଜେନା ପୁନଶ୍ଚ କହିଛନ୍ତି ଯେ ଲଘୁଚାପର ତୀବ୍ରତା, ବେଗ, ରୂପ ବାବଦରେ ଏ ପର୍ଯ୍ୟନ୍ତ ସଠିକ୍ ଆକଳନ କରାଯାଇ ନାହିଁ ଏବଂ ଏହା କେଉଁଠାରେ ସ୍ଥଳଭାଗ ସ୍ପର୍ଶ କରିବ ଜଣାପଡ଼ିନାହିଁ । ଏଣୁ କୌଣସି ପ୍ରକାର ମିଥ୍ୟା ସମ୍ବାଦ ତଥା ଆକଳନ ଉପରେ ଧ୍ୟାନ ନଦେବାକୁ ସେ ସତର୍କ କରାଇ ଦେଇଛନ୍ତି । ରାଜ୍ୟ ସରକାର ଏହି ସମ୍ଭାବ୍ୟ ବାତ୍ୟା ନେଇ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ପୂର୍ବପ୍ରସ୍ତୁତି କରିବା ନିମନ୍ତେ ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇସାରିଛନ୍ତି । ଭାରତୀୟ ପାଣିପାଗ କେନ୍ଦ୍ର ତରଫରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଉତର ଆଣ୍ଡାମାନ ସାଗର ଓ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରର ପାର୍ଶ୍ୱବର୍ତୀ ଅଂଚଳରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଅଛି । ଆସନ୍ତା ୨୨ ତାରିଖରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇ ୭୨ ଘଂଟା ମଧ୍ୟରେ ୨୫ ତାରିଖ ସୁଦ୍ଧା ସାମୁଦ୍ରିକ ବାତ୍ୟାର ରୂପ ନେବାର ପୂର୍ବାନୁମାନ କରାଯାଇଛି ।

## ବାଇକ୍ ଦୁର୍ଘଟଣାରେ ଚା ଦୋକାନୀଙ୍କ ମୃତ୍ୟୁ

ଜଳେଶ୍ୱର,୧୯/୫ (ନି.ପ୍ର) : ବାଲେଶ୍ୱର ଜିଲା ଅନ୍ତର୍ଗତ ଜଳେଶ୍ୱର ବ୍ଲକ ଅଧିନ ବାଇଗଣବାଡିଆ ପଂଚାୟତର ଛୋଟଖାନପୁର ଗାଁର ହାରାଧନ ଦାସଙ୍କ ପୁତ୍ର ଗୋପାଳ ଦାସ(୩୨) ପେଷାରେ ଜଣେ ଚା ଦୋକାନୀ । ଜମିବାଡି ଶୂନ୍ୟ ଗୋପାଳ ଏକମାତ୍ର ଚା ଦୋକାନ ଉପରେ ପରିବାର ପ୍ରତିପୋଷଣ କରୁଥିବା ବେଳେ ଲକ୍‌ଡାଉନ୍ ସମୟରେ ବେରୋଜଗାର ହୋଇ ଉଲୁଡା ଗ୍ରାମକୁ ପାଇଖାନା ନନ୍ଦ ଆଣିବାକୁ ଯାଇଥିଲା । ହେଲେ ଗ୍ରାମର ଛକ ନିକଟରେ ନିଜ ବାଇକ୍ ଦୁର୍ଘଟଣା ହେବାରୁ ସେ କଚାଡି ପଡିଥିଲେ । ଗୁରୁତର ଅବସ୍ଥାରେ ତାଂକୁ କମର୍ଦ୍ଦା ଡାକ୍ତରଖାନା ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ଆଜି ଅପରାହ୍ନରେ ତାର ମୃତ୍ୟୁ ଘଟିଛି । ତାର ଜମିବାଡି ନଥିବାରୁ ଓ ପରିବାରର ଏକମାତ୍ର ରୋଜଗାରକ୍ଷମ ହୋଇଥିବାରୁ ତାଙ୍କର ଅକାଳ ମୃତ୍ୟୁରେ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସରପଂଚ ପ୍ରତିନିଧି ରବିନ୍ଦ୍ର ଗିରିଙ୍କ ସହିତ ଗ୍ରାମବାସୀମାନେ ଦାବି କରିଛନ୍ତି ।

## ପୁଣି ଉପରମୁହାଁ ବାଲେଶ୍ୱରର କରୋନା ସଂକ୍ରମଣ

# ଦିନକରେ ୪୦୮ ସଂକ୍ରମିତ, ୨୩୦ ସୁସ୍ଥ

ବାଲେଶ୍ୱର,୧୯/୦୫ (ନି.ପ୍ର): ବାଲେଶ୍ୱରର କରୋନା ସଂକ୍ରମଣ ସ୍ଥିତି କ୍ରମଶଃ ଉପର ମୁହାଁ ହେବାରେ ଲାଗିଛି । ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ୪୦୮ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ବ୍ୟକ୍ତିଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ୯ ଜଣଙ୍କ ସମେତ ସହରର ମଠସାହିରୁ ୭, ସୁନହଟରୁ ୫, ଅଙ୍ଗାରଗଡିଆରୁ ୩, ଗୋପାଳଗାଁରୁ ୩, ମୋତିଗଞ୍ଜରୁ ୩, ଭାସ୍କରଗଞ୍ଜରୁ ୨, ସହଦେବଖୁଣ୍ଟାରୁ ୨ ଏବଂ ବୈରାମନଗର, ଚିଡିଆପୋଲ, ଚୁନଭାଟି, ଆଇଟିଆଇ ଛକ, ଜେଲ ରୋଡ, ମିଶନ ପଡ଼ିଆ, ଶୋଭାରାମପୁର, ପୁରୁଣା ବାଲେଶ୍ୱର, ଶ୍ରୀକଣ୍ଠପୁର, ଆଜିମାବାଦ, ନୂଆବଜାର ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ଅଛନ୍ତି । ସେହିପରି ସଦର ବ୍ଲକରୁ ୮୯ଜଣ, ରେମୁଣାରୁ ୨୪ଜଣ, ବାହାନଗାରୁ ୧୬, ଖଇରାରୁ ୪୮, ଜଳେଶ୍ୱରରୁ ୮, ସୋରରୁ ୭୯, ବସ୍ତାରୁ ୪, ସିମୁଳିଆରୁ ୨, ନୀଳଗିରିରୁ ୩୮, ଔପଦାରୁ ଜଣେ, ଭୋଗରାଇରୁ ୪୦ଜଣ ଓ ବାଲିଆପାଳ ବ୍ଲକରୁ ୧୪ ଜଣ ବ୍ୟକ୍ତିଙ୍କୁ ନୂଆ ସଂକ୍ରମିତ ଭାବେ ଚିହ୍ନଟ କରାଯାଇଛି । ଚିହ୍ନଟ ହୋଇଥିବା ସମସ୍ତେ ସ୍ଥାନୀୟ ସଂକ୍ରମିତ ଓ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ବାଲେଶ୍ୱର ଜିଲାରେ ଅଦ୍ୟାବଧି ୧୯,୯୯୯ଜଣ ସଂକ୍ରମିତ ହୋଇଥିବା ବେଳେ ଆଜି ୨୩୦ଜଣଙ୍କ ସମେତ ମୋଟ ୧୬,୩୯୬ ସୁସ୍ଥ ହୋଇଛନ୍ତି । ଅନ୍ୟପକ୍ଷରେ ଏବେ ସୁଦ୍ଧା ସକ୍ରିୟ ଥିବା ୩,୪୯୬ ଜଣଙ୍କ ମଧ୍ୟରୁ ୩୧୨୯ଜଣ ଗୃହ ସଙ୍ଗରୋଧରେ ଏବଂ ୩୨୨ ଜଣ ଜିଲାର କୋଭିଡ ହସପିଟାଲ ଓ କୋଭିଡ ଯତ୍ନ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି ।

## ପ୍ରକାଶିକାଙ୍କ ପରଲୋକ



ଭୁବନେଶ୍ୱର,୧୯/୦୫ (ନି.ପ୍ର): ରାଜଧାନୀର ପ୍ରତିଷ୍ଠିତ ଜ୍ଞାନଯୁଗ ପବ୍ଲିକେଶନର ପ୍ରକାଶିକା ଶ୍ରୀମତୀ ସୁଷମା ବିଶୋଇଙ୍କର କରୋନାରେ ପରଲୋକ ହୋଇଯାଇଛି । ସେ ଗତ କିଛିଦିନ ଧରି ଘରେ ଚିକିତ୍ସିତ ହେଉଥିଲେ । ତାଙ୍କ ଅବସ୍ଥାରେ ଅବନତି ଘଟିବାରୁ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା । ସେ ସେଠାରେ ଇହଲୀଳା ସମ୍ବରଣ କରିଥିଲେ । ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି । ମୃତ୍ୟୁବେଳକୁ ଶ୍ରୀମତୀ ବିଶୋଇଙ୍କୁ ୬୯ ବର୍ଷ ହୋଇଥିଲା । ଏହି ମହୀୟସୀ ମହିଳାଙ୍କ ଚାରିଝିଅ, ଜ୍ୱାଇଁ ଓ ନାତିନାତୁଣୀ ଅଛନ୍ତି । ଏକକାଳୀନ ଜ୍ଞାନଯୁଗ, କିତାବ ଭବନ ଓ ପବ୍ଲିଶିଂ ହାଉସ୍ - ଏଇ ତିନୋଟି ପ୍ରକାଶନ ସଂସ୍ଥାର ସେ ପ୍ରକାଶିକା ଥିଲେ । ନୂଆପଲ୍ଲୀ ଅଞ୍ଚଳର ଏହି ସମାଜସେବୀ ପରୋପକାରୀ ମହିଳାଙ୍କ ମୃତ୍ୟୁରେ ଶୋକର ଛାୟା ଖେଳିଯାଇଛି । ଶ୍ରୀମତୀ ବିଶୋଇଙ୍କ ସ୍ୱାମୀ ବିନୋଦ ବିହାରୀ ବିଶୋଇ ଓଡ଼ିଶାର ଜଣେ ଜଣାଶୁଣା ପ୍ରତିଷ୍ଠିତ ପ୍ରକାଶକ । ଶ୍ରୀମତୀ ବିଶୋଇଙ୍କ ପରଲୋକରେ ପ୍ରଫେସର ପ୍ରଫୁଲ୍ଲ ମହାନ୍ତି, ଫନି ମହାନ୍ତି, ପ୍ରଦୀପ କୁମାର ଚୌଧୁରୀ, ନାରାୟଣ ସାହୁ, ସଂଗ୍ରାମ ମହାପାତ୍ର ପ୍ରଭୃତି ସଜ୍ଜନ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ବ୍ରାଉନ ସୁଗାର ସହ ବେପାରୀ ଗିରଫ



ବସ୍ତା,୧୯/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ରେ କରୋନା ମହାମାରୀ ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ କଡାକଡି ବ୍ୟବସ୍ଥା ଚାଲିଥିବାବେଳେ ବସ୍ତା ପୋଲିସ ଦ୍ୱାରା ଲକ୍ଷାଧିକ ଟଙ୍କାର ବ୍ରାଉନ ସୁଗାର ଜବଦ, ହେବା ସହିତ ଜଣେ ବ୍ରାଉନ ସୁଗାର ବେପାରୀ ଗିରଫ କରିବାରେ ସଫଳ ହୋଇଛି । ସୂଚନା ଅନୁସାରେ ବସ୍ତା ଥାନା ଅମର୍ଦ୍ଦାରୋଡ ଫାଣ୍ଡି ଅଧୀନ ବାଇତପଡା ଅଂଚଳରେ ଦୀର୍ଘ ଦିନ ଧରି ବ୍ରାଉନସୁଗାର ବେପାର କରୁଥିବା ଜଣେ ବେପାରୀକୁ ଲୋକମାନଙ୍କ ଦ୍ୱାରା ଅଟକ ରଖାଯାଇ ବସ୍ତା ଥାନାକୁ ଖବର ଦିଆଯାଇଥିଲା । ବସ୍ତା ପୋଲିସଙ୍କ ସହ ଅମର୍ଦ୍ଦାରୋଡ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ପାଣି ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ କବଳରୁ ବ୍ରାଉନସୁଗାର ବେପାରୀକୁ ଗିରଫ କରିବା ସହିତ ଲକ୍ଷ୍ୟାଧିକ ଟଙ୍କାର ବ୍ରାଉନ ସୁଗାର ଜବତ କରିଛନ୍ତି । ତେବେ କେତେ ପରିମାଣର ବ୍ରାଉନ ସୁଗାର ଜବତ କରାଯାଇଛି ତାହା ଏ ପର୍ଯ୍ୟନ୍ତ ପ୍ରକାଶ କରିନାହିଁ ପୋଲିସ । କାରଣ ଅଭିଯୁକ୍ତ ଠାରୁ ଆହୁରି ଅନେକ ତଥ୍ୟ ମିଳିବ ବୋଲି ଆଶା ରଖିବା ସହିତ ନାମ ମଧ ପ୍ରକାଶ କରିନାହିଁ ।ତେଣୁ ବସ୍ତା ପୋଲିସ ଅଭିଯୁକ୍ତକୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛନ୍ତି ବୋଲି ଆଇଆଇସି ଅଶୋକ କୁମାର ନାୟକ ପ୍ରକାଶ କରିଛନ୍ତି ।

## ନୀଳଗିରି ବିଧାୟକ ଘର ଘର ବୁଲି ଚିହ୍ନଟ କରୁଛନ୍ତି କରୋନା ରୋଗୀ

ନୀଳଗିରି,୧୯/୦୫ (ନି.ପ୍ର): ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ କରୋନା ମହାମାରି ସମୟରେ ନିଜର ଅଭିନବ କାର୍ଯ୍ୟକ୍ରମ ଜାରି ରଖି ଘରେ ଘରେ ବୁଲି କରୋନା ରୋଗୀମାନଙ୍କୁ ଚିହ୍ନଟ କରିବା ସହ ଲୋକମାନଙ୍କ ଶରୀରର ତାପମାତ୍ରା; ଦେହର ଅମ୍ଳଜାନ ପରିମାଣ ନିରୁପଣ କରୁଛନ୍ତି । ଯେଉଁମାନଙ୍କର ଅମ୍ଳଜାନ ଓ ତାପମାତ୍ରା କମ ଅଛି ସେମାନଙ୍କୁ ସଚେତନ କରାଇବା ସହ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ଓ ବାଲେଶ୍ୱର ଜିଲ୍ଲା କୋଭିଡ ନିୟନ୍ତ୍ରଣ କେନ୍ଦ୍ରକୁ ଅବଗତ କରାଉଛନ୍ତି । ଏହି ଅବସରରେ ବିଧାୟକଙ୍କ ସମେତ ତାଙ୍କର ଏକ ଟିମ୍ ମହିଷାପଟା, ରାଧାକିଶୋରପୁର, ମହିଷାପଟା, ପୁନ୍ଦାଳ, ମଛୁଆ, ଭଉଁରିଆବାଡ଼ ପଞ୍ଚାୟତରେ ନିଜର ନୂତନ ପ୍ରୟାସ ଜାରି ରଖିଛନ୍ତି ।

## ପଡ଼ିକାର୍ଡ଼ଧାରୀଙ୍କ ଗହମ କାଟ ନେଇ ଅସନ୍ତୋଷ : ବିଜେପି ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି

ବାଲେଶ୍ୱର,୧୯/୦୫ (ନି.ପ୍ର): ଦ୍ୱିତୀୟ ଲହର କରୋନା ପାଇଁ ଚାଲିଥିବା ତାଲାବନ୍ଦ ପ୍ରଭାବିତ ପଡ଼ିକାର୍ଡ଼ ହିତାଧରକାରୀଙ୍କୁ କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ରାସନରୁ କମ ଦେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ମେ ଏବଂ ଜୁନ ମାସ ପାଇଁ ରାସନ ସାମଗ୍ରୀ ପ୍ରଦାନ କରାଯାଉଥିବା ବେଳେ ମେ ମାସର ନିର୍ଦ୍ଧାରିତ ସାମଗ୍ରୀରୁ ହିତାଧିକାରୀଙ୍କୁ କେଜି ପ୍ରତି ୩୬୦ଗ୍ରାମ କମ ଗହମ ପ୍ରଦାନ କରାଯାଉଥିବା ଅଭିଯୋଗ ହୋଇଛି । ପଡ଼ି କାର୍ଡ଼ଧାରୀ ୫ କିଲୋ ଗହମ ପାଇବାକୁ ଥିବା ବେଳେ ସେମାନଙ୍କୁ ୩ କିଲୋ ୨ଶହ ଗ୍ରାମ ଗହମ ଦିଆଯାଉଥିବା ହିତାଧିକାରୀମାନେ କହିଛନ୍ତି । ଏ ବାବଦରେ ପିଡିଏସ ରିଟେଲରଙ୍କୁ ପଚାରିଲେ ଯୋଗାଣ ବିଭାଗର ନିର୍ଦ୍ଦେଶ କ୍ରମେ ସାମଗ୍ରୀ ପ୍ରଦାନ କରାଯାଇଛି ବୋଲି ଉତ୍ତର ମିଳୁଥିବା ହିତାଧିକାରୀମାନେ କହିଛନ୍ତି । ତେବେ ଧାର୍ଯ୍ୟ ପରିମାଣର ଚାଉଳପ୍ରଦାନ କରାଯାଉଥବା ବେଳେ କେବଳ ମେ ମାସର ସାମଗ୍ରୀରୁ ଜଣ ପ୍ରତି ୩ କିଲୋ ୨ଶହ ଗ୍ରାମ ଗହମ କାଟ କରାଯାଉଥିବା ସେମାନେ ସୂଚନା ଦେଇଥିଲେ । ତାଲାବନ୍ଦ ସମୟରେ ଜନସାଧାରଣଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ଥିବା ବେଳେ କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ରାସନ ସାମଗ୍ରୀରୁ କାଟ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଜିଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର କହିଛନ୍ତି । ତୁରନ୍ତ ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ରାସନ ସାମଗ୍ରୀ ହଡ଼ପକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି । ନତୁବା ଆଗାମୀ ଦିନରେ ଏହାକୁ ନେଇ ବିଜେପି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶ୍ରୀ ମହାପାତ୍ର ଚେତାବନୀ ଦେଇଛନ୍ତି ।

## ନିଆରା ଢଙ୍ଗରେ ପାଳନ ହେବ ରାଜୀବ ଗାନ୍ଧୀ ଶ୍ରାଦ୍ଧ ଦିବସ

ଜଳେଶ୍ୱର,୧୯/୫ (ନି.ପ୍ର) : ପୂର୍ବତନ ପ୍ରଧାନ ମନ୍ତ୍ରୀ ତଥା ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଆସନ୍ତା ୨୧ ତାରିଖରେ ହେବାକୁ ଥିବାରୁ ଏହାକୁ ଜଳେଶ୍ୱର କଂଗ୍ରେସ ପକ୍ଷରୁ ନିଆରା ଢଙ୍ଗରେ ପାଳନ ହେବ ବୋଲି ଭର୍ଚୁଆଲ ମିଟିଂରେ ନିଷ୍ପତ୍ତି ହୋଇଛି । କରୋନା ମହାମାରୀ ସମୟରେ ଏହାକୁ ମୁକାବିଲା କରିବା ଓ ଅସହାୟ ଲୋକଙ୍କୁ ସହାୟତା ଯୋଗାଇ ଦେବାଲାଗି ଅଖିଳ ଭାରତ କଂଗ୍ରେସ କମିଟି ଓ ଓଡିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆହ୍ୱାନ ଦିଆଯାଇଛି । ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ମଧ୍ୟରେ ଥିବା ସମସ୍ତ ପଂଚାୟତରେ ଲୋକମାନଙ୍କୁ ମାସ୍କ ବଣ୍ଟନ, ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ, ମ୍ୟୁନିସିପାଲଟିର ଅସହାୟ ମାନଙ୍କୁ ଖାଦ୍ୟବଣ୍ଟନ ଇତ୍ୟାଦି କାର୍ଯ୍ୟକ୍ରମ କରାଯିବ ବୋଲି କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ସତ୍ୟସୁନ୍ଦର ଦାସ, ସତ୍ୟନାରାୟଣ ଗୁପ୍ତା, ରାଜୀବ ପରିଡା, ସୁଦାମ ପାତ୍ର, ହେମନ୍ତ ଗିରି, ଶ୍ରୀକାନ୍ତ ସିଂ, ପଦ୍ମଲୋଚନ ବେହେରା, ଗିରିଜା ଶଂକର ଦାସ, ରାଜୀବ ମହାନ୍ତି ପ୍ରମୁଖ କହିଛନ୍ତି ।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ଗୁରୁତ୍ୱର, ଚାରି ଆହତ



ବାରିପଦା / ବେତନଟୀ,୧୮/୦୫ (ନି.ପ୍ର): ବାରିପଦା ଠାରୁ ୧୫ କିଲୋମିଟର ଦୂରରେ ୧୮ନଂ ଜାତୀୟ ରାଜପଥ କୃଷ୍ଣଚନ୍ଦ୍ରପୁର ହସ୍ପିଟାଲ ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବାର ଜଣାଯାଇଛି । ରାସ୍ତାର ବାମ ପଟେ ବେତନଟିରୁ ବାରିପଦା ଅଭିମୁଖେ ଆସୁଥିବା ଯାତ୍ରୀ ବାହି ଟେମ୍ପୋ ନଂ-ଓଡ଼ି୧୧ୟୁ୫୬୬୭କୁ ବାରିପଦାରୁ ବେତନଟୀ ଡାହାଣ ପଟୁ ଆସୁଥିବା ଗ୍ୟାସ ଟ୍ୟାଙ୍କର ସମ୍ମୁଖରେ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ଟେମ୍ପୋ ଭିତରେ ବସିଥିବା ୨ଜଣ ଗୁରୁତ୍ୱର ଆହତ ହୋଇଥିବା ବେଳେ ମୋଟ ୪ଜଣ ଆହତ ହୋଇଥିବା ଜଣାପଡିଛି । ସ୍ଥାନୀୟ ଲୋକମାନେ ଘଟଣା ସମ୍ପର୍କରେ ୧୦୮ଆମ୍ବୁଲାନ୍ସ ଓ ବେତନଟୀ ପୋଲିସକୁ ସୂଚନା ଦେଇଥିଲେ । ଆମ୍ବୁଲାନ୍ସ ଯୋଗେ ଗୁରୁତର ମାନଙ୍କୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି । ଘଟଣା ସ୍ଥଳରୁ ଗ୍ୟାସ ଟ୍ୟାଙ୍କର ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ କିଛି ସମୟ ଧରି ଉତ୍ତେଜନା ଦେଖାଦେଇଥିଲା । ବେତନଟୀ ପୋଲିସ ଘଟଣା ସ୍ଥଳରେ ପହଂଚି ଲୋକଙ୍କୁ ବୁଝାସୁଝା କରୁଥିବା ବେଳେ ଅଧିକ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

## ବାଇକ ଆରୋହୀଙ୍କୁ ଝାମ୍ପି ଦେଲା ଭାଲୁ, ଜଣେ ଗୁରୁତର

ନୀଳଗିରି,୧୯/୦୫ (ନି.ପ୍ର): ନୀଳଗିରି ଥାନା ଅଧିନସ୍ଥ ଗୋପ ଅଞ୍ଚଳରେ ଏକ ବାଇକ ଆରୋହୀକୁ ୨ଟି ଭାଲୁ ଝାମ୍ପି ଦେଇ ଜଣକୁ ଗୁରୁତର କରିଥିବାର ଜଣାପଡ଼ିଛି । ଶ୍ୟାମସୁନ୍ଦରପୁର ପଞ୍ଚାୟତର କୁରିଆପାଟଣା ଗାଁର ରମେଶ ମଲ୍ଲିକ ନିଜ ବାଇକରେ କୌଣସି କାମ ପାଇଁ ପାଟପୁର ଆସୁଥିବା ବେଳେ ଗୋପଛକ ଠାରେ ୨ଟି ଭାଲୁ ରମେଶଙ୍କୁ ଝାମ୍ପି ରକ୍ତାକ୍ତ କରିଦେଇଥିଲେ । ଗୁରୁତର ଅବସ୍ଥାରେ ନୀଳଗିରି ମେଡିକାଲରେ ସେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି ।

## ସଡକ ଦୁର୍ଘଟଣାରେ କିଓସ୍କ କର୍ମଚାରୀଙ୍କ ମୃତ୍ୟୁ

ଜଳେଶ୍ୱର,୧୯/୫ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱରରୁ ଚନ୍ଦନେଶ୍ୱର ଯାଇଥିବା ୫୭ ନଂ ରାଜ୍ୟ ରାଜପଥର ତାଳବଣିଆ ନିକଟରେ ଏକ ସଡକ ଦୁର୍ଘଟଣାରେ ଜଣକର ମୃତ୍ୟୁ ଘଟିଛି । ଆଜି ବୁଧବାର ଅପରାହ୍ନରେ କମର୍ଦ୍ଦା ଥାନା ଅନ୍ତର୍ଗତ ବାରବାଟିଆ ଗ୍ରାମର ତପନ ଦେ (୨୨) ଏକ ବାଇକ୍ ଯୋଗେ ଜଳେଶ୍ୱର ଷ୍ଟେଟ୍ ବ୍ୟାଙ୍କକୁ ଆସୁଥିବା ବେଳେ ସାମ୍ନାପଟୁ ଏକ ବୋଲେର ଧକ୍କା ଦେଇଥିଲା । ସେ ଜଣେ କିଓସ୍କ ବ୍ୟାଙ୍କ କର୍ମଚାରୀ ଅଟନ୍ତି । ତାଙ୍କୁ ଜିକେଭଟର ହସ୍ପିଟାଲକୁ ଅଣାଯାଇଥିଲେ ମଧ୍ୟ ତାର ମୃତ୍ୟୁ ଘଟିଥିଲା । ଫଳରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

## ସହାୟତାର ହାତ ବଢାଇଲେ ଓଲିଉଡ୍ ହିରୋ ସବ୍ୟସାଚୀ



ଜଳେଶ୍ୱର,୧୯/୫ (ନି.ପ୍ର) : କୋଭିଡ୍ ବିପତ୍ତି ସମୟରେ ଅସହାୟ ଲୋକମାନଙ୍କୁ ସାହାଯ୍ୟର ହାତ ବଢାଇଛନ୍ତି ଓଡିଆ ଫିଲ୍ମ ହିରୋ ସବ୍ୟସାଚୀ ମିଶ୍ର ଓ ପ୍ରବୀନ ଅଗ୍ରୱାଲା । ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ବରଡିହା ପଂଚାୟତର ୫୦ ପରିବାରକୁ ସ୍ଥାନୀୟ ଅର୍ଣ୍ଣବ ଚେରିଟେବୁଲ ଫାଉଣ୍ଡେସନ ସଂସ୍ଥା ସହାୟତାରେ ୧୦ ଦିନର ଶୁଖିଲା ଖାଦ୍ୟ, ମାସ୍କ ଓ ରାସନ୍ ଇତ୍ୟାଦି ବଣ୍ଟନ କରିଛନ୍ତି । ବରଡିହା ଗାଁର ଲକ୍ଷ୍ମୀକାନ୍ତ ମହାନ୍ତିଙ୍କ ପଠାଇଥିବା ଫେସ୍‌ବୁକ୍‌ରୁ ସେଠାକାର ଦରିଦ୍ର ଅସହାୟ ଲୋକଙ୍କ ବିଷୟରେ ଜାଣିବା ପରେ ଏପରି ସହାୟତା ପଠାଇଥିବାରୁ ସାହାଯ୍ୟ ପାଇଥିବା ଲୋକମାନେ ଧନ୍ୟବାଦ ଜଣାଇଛନ୍ତି । ଏହି ଖାଦ୍ୟ ବଣ୍ଟନରେ ଅର୍ଣ୍ଣବ ଚେରିଟେବୁଲ ଫାଉଣ୍ଡେସନର ଆଦିକନ୍ଦ ଦାସଅଧିକାରୀ, ଦିପ୍ତିରାଣୀ ନନ୍ଦୀ, ୟାସିକା ଠକର୍, ଅସବିନା ଠକର, ତରୁଣକାନ୍ତ ପରିଡା, ସନ୍ଦିପ ପାତ୍ର, କୈଳାସ ମାଇତି, ସୁଜୟ ରାଉଳ, ବଣ୍ଟି ଠକର ପ୍ରମୁଖ ସହାୟତା କରିଥିଲେ ।

## କରୋନା କବଳରୁ ମୁକ୍ତି ପାଇଁ "ଗ୍ଲୋବାଲ ରନ" ପାଇଁ ଆହ୍ୱାନ ଦେଲେ ଯୁବ ଆଥଲେଟିକ ପ୍ରଦୀପ




ନୀଳଗିରି,୧୯/୦୫ (ନି.ପ୍ର): ଦେଶରେ କରୋନା ମହାମାରୀ କାୟା ବିସ୍ତାର କରିଚାଲିଥିବା ବେଳେ ଲକଡାଉନ, ସଟଡାଉନ ଭିତରେ ଦେଶବାସୀ ବନ୍ଦୀ ଅବସ୍ଥାରେ ଜୀବନ ଅତିବାହିତ କରୁଛନ୍ତି । ଏହି ସମୟରେ କରୋନା କବଳରୁ ମୁକ୍ତି ପାଇବା ପାଇଁ ଯୁବ ଆଥଲେଟିକ ତଥା ବାଲେଶ୍ୱର ଜିଲ୍ଲାର ଶେରଗଡ଼ ଗ୍ରାମର ପ୍ରଦୀପ ସେନାପତି ଯିଏକି ବାଙ୍ଗାଲୋରରେ ଏକ କମ୍ପାନୀରେ କାର୍ଯ୍ୟରତ ଥାଇ ଆସନ୍ତା ଜୁନ୍ ୨ ତାରିଖ ଦିନ ସମସ୍ତ ଦେଶବାସୀ ଘରେ ରହି ସନ୍ଧ୍ୟା ୫ଟା ସମୟରେ ମାତ୍ର ୫ମିନିଟ୍ ପାଇଁ ଘର ଭିତରେ ଦୌଡ଼ ପାଇଁ ପ୍ରତି ପରିବାରର ସଦସ୍ୟଙ୍କୁ ନିବେଦନ କରିଛନ୍ତି । ୫ମିନିଟ ଆମ ଦେଶ,ଆମ ରାଜ୍ୟ, ଆମ ଲୋକଙ୍କ ପାଇଁ ଏହି ଦୌଡ଼ କରୋନାର ଆଗ ଧାଡ଼ିରେ ଥିବା ଯୋଧା କୁ ସମ୍ମାନ ଦେବା, ଆକ୍ରାନ୍ତଙ୍କର ସୁସ୍ଥ ପାଇଁ କାମନା କରିବା, କରୋନାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି, କରୋନାରେ ପ୍ରାଣ ହରାଇଥିବା ପରିବାରଙ୍କୁ ଆଶ୍ୱାସନା ଦେବାର ଏହା ମୂଳ ଲକ୍ଷ ବୋଲି ରନ୍-୨ ରିଜୋଭିନେଟ ଏବଂ ରେସ ଟାଇମ ଇଣ୍ଡିଆ ପକ୍ଷରୁ ଅନୁରୋଧ କରାଯାଇଛି ବୋଲି ପ୍ରଦୀପ ସେନାପତି ସୂଚନା ଦେଇଛନ୍ତି ।

## ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୨୧ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୯/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୨୧ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୩୭୮ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟ ଅନୁସାରେ ଗତ ୨୪ ଘଂଟା ଭିତରେ ଆଜି କଳାହାଣ୍ଡିରୁ ସର୍ବାଧିକ ୩ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେହିପରି ଖୋର୍ଦ୍ଧା କୋରାପୁଟ, ମୟୂରଭଞ୍ଜ,ସମ୍ବଲପୁର ଓ ସୁନ୍ଦରଗଡ଼ରୁ ୨ ଲେଖାଏଁ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ବଲାଙ୍ଗୀର, କେନ୍ଦୁଝର,ପୁରୀରୁ ଜଣେ ଲେଖାଏଁ କରୋନା ରୋଗୀ ଆଖି ବୁଜିଛନ୍ତି ।

# ମୟୂରଭଞ୍ଜରେ ପୁଣି ୪୫୮ ଜଣ କୋରୋନା ପଜିଟିଭ

## ଅମାନିଆଙ୍କୁ ସାବାଡ କରିବାକୁ ପୋଲିସର ଯାଂଚ କଡାକଡି



ବାରିପଦା,୧୯/୦୫ (ନି.ପ୍ର): କୋରୋନାର ଦ୍ୱିତୀୟ ଲହରରେ ମୟୂରଭଞ୍ଜ ଜିଲ୍ଲାରେ ବଢୁଛି କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା । ଜିଲ୍ଲାରୁ ମଙ୍ଗଳବାର ୪୫୮ ଜଣ କୋରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଜିଲ୍ଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୨ ହଜାର ୧୮୪ରେ ପହଂଚିଛି । ତେବେ ଜିଲ୍ଲାରୁ ମୋଟ ୧୮ ହଜାର ୮୫୭ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ, ୩ହଜାର ୨୩୩ ଜଣ କୋରୋନା ଆକ୍ରାନ୍ତ ବର୍ତ୍ତମାନ ଜିଲ୍ଲାରେ ସକ୍ରିୟ ଥାଇ ହୋମ ଆଇସୋଲେସନ, ବିଭିନ୍ନ ଉପଖଣ୍ଡରେ ଥିବା କୋଭିଡ କେୟାର ସେଂଟର, ବାରିପଦା ପିଆରଏମ ମେଡିକାଲ କଲେଜର ଆଇସୋଲେସନ ୱାର୍ଡ ଓ ଗୁରୁତର ସଂକ୍ରମିତ ମାନେ ବାଙ୍କିଶୋଳ କିମସ କୋଭିଡ ହସପିଟାଲରେ ରହି ଚିକିତ୍ସିତ ହେଉଥିବାର ଜଣାଯାଇଛି । ରାଜ୍ୟରେ କୋରୋନା ସଂକ୍ରମିତଙ୍କ ସଂଖ୍ୟା ଆଧାରରେ ମୟୁରଭଞ୍ଜ ଜିଲ୍ଲା ଅଷ୍ଟମ ସ୍ଥାନରେ ରହଛି । ତେବେ ମତ୍ୟୁ ସଂଖ୍ୟାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ, ସରକାରୀ ରିପୋର୍ଟ ଅନୁଯାୟୀ କୋରୋନାରେ ଜିଲ୍ଲାରୁ ମୋଟ ମୃତ୍ୟୁ ସଂଖ୍ୟା ୯୩ ରେ ସ୍ଥିର ରହିଛି । ତେବେ ସଂକ୍ରମିତଙ୍କ ସଂଖ୍ୟା ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ସହରରେ ସର୍ବାଧିକ ରହିଛି । ମଙ୍ଗଳବାର ଚିହ୍ନଟ ହୋଇଥିବା ୪୫୮ ଜଣ କୋରୋନା ଆକ୍ରାନ୍ତ ହୋମ ଆଇସୋଲେସନ ଏବଂ ବାରିପଦା ବାଙ୍କିଶୋଳ କୋଭିଡ ହସ୍ପିଟାଲ ଓ କୋଭିଡ କେୟାର ସେଂଟରରେ ରହି ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ତେବେ ଦିନକୁ ଦିନ ବଢୁଥିବା ସଂକ୍ରମଣରେ ରୋକ ଲଗାଇବା ପାଇଁ ସରକାର ଲାଗୁ କରିଥିବା ଲକଡାଉନର ଅବଧି ବୃଦ୍ଧି କରିଥିବା ବେଳେ, କିଛି ଅମାନିଆ କଟକଣା ନମାନି ବେପରୁଆ ଭାବରେ ବାହାରେ ବୁଲାବୁଲି କରୁଥିବାରୁ ଆଜି ସଂଧ୍ୟା ଠାରୁ ପୋଲିସ ଅମାନିଆଙ୍କୁ ସାବାଡ କରିବା ପାଇଁ ଯାଂଚ ବ୍ୟବସ୍ଥାକୁ କଡାକଡି କରିଥିବାର ଦେଖାଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo